ନୋବେଲ୍ ପୁରସ୍କାର' ବିଶ୍ୱର ସର୍ବୋଚ୍ଚ ସମ୍ମାନ ରୂପେ ପରିଗଣିତ। କିଏ ସେ ନୋବେଲ୍? କାହିଁକି ବା ତାଙ୍କ ନାଁରେ ଏପରି ସର୍ବୋଚ୍ଚ ପୁରସ୍କାର ଦେବାର ଘୋଷଣା କରାଗଲା? ଏହାର ଇତିହାସ ଅନେକଟା ଦୁଃଖଦ, ଯାହାକୁ ସୁଖଦ କରିବାକୁ ବିଶ୍ୱଦରବାରରେ ବାରମ୍ବାର ଚେଷ୍ଟା କରାଯାଇଛି। ବିଧିର ବିଧାନ କିନ୍ତୁ ଚାହିଁଛି ପୃଥକ୍ ପରିଣତି। କ୍ରମେ ପୁରସ୍କାରଟି ନାନାଆଡୁ ଦୁଃଖକୁ ହିଁ ସାଉଁଟି ଆଣିଛି।

ସାର୍ ଆଲ୍‌ଫ୍ରେଡ୍ ନୋବେଲ୍। ୧୮୩୩ ମସିହାରେ ଜନ୍ମ ନିଅନ୍ତି ସ୍ୱିଡେନ୍‌ରେ। ରସାୟନ ବିଜ୍ଞାନରେ ବ୍ରତୀ। ୧୮୬୬ରେ ଆବିଷ୍କାର କରନ୍ତି ମାରାତ୍ମକ ବିସ୍ଫୋରକ 'ଡିନାମାଇଟ୍'। ୧୮୬୭ରେ ସେ 'ଡିନାମାଇଟ୍'ର ପେଟେଣ୍ଟ କରିନିଅନ୍ତି। ଅର୍ଥାତ୍ ଏହାର ବିକ୍ରି ଲବ୍ଧ ଅର୍ଥ ଉପରେ ତାଙ୍କର ଏକଚାଟିଆ ଅଧିକାର ରହେ। ରୋଜଗାରର ସୁଅ ଛୁଟେ। ତାହା ତାଙ୍କୁ ସୁନାମ ସହିତ ସମପରିମାଣର ଦୁର୍ନାମ ମଧ୍ୟ ଆଣି ଦିଏ। ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମ ସାର୍ ଆଲ୍‌ଫ୍ରେଡ୍‌ଙ୍କୁ 'ମୃତ୍ୟୁର ସୌଦାଗର' ବୋଲି ବର୍ଣ୍ଣନା କରନ୍ତି। କାରଣ 'ଡିନାମାଇଟ୍' ପ୍ରଭାବରେ ସାରା ବିଶ୍ୱରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ମାତ୍ରାଧିକ ଭାବେ ବଢ଼ିଚାଲେ।

ଏ ଅବତାରଣା ଆଲ୍‌ଫ୍ରେଡ୍‌ଙ୍କୁ ବହୁତ ବାଧେ। ସେ ମର୍ମାହତ ହୁଅନ୍ତି। ତାଙ୍କ ଡିନାମାଇଟ ଉପାର୍ଜିତ ଅର୍ଥକୁ କୌଣସି କଲ୍ୟାଣକାରୀ କାମରେ ଉପଯୋଗ କରିବା ପାଇଁ ସିଦ୍ଧାନ୍ତ ନିଅନ୍ତି। 'ମୃତ୍ୟୁର ବର୍ଷେ ପୂର୍ବରୁ, ୧୮୯୫ରେ ସେ ଗୋଟେ ଉଇଲ୍ କରି ତାଙ୍କର ସମସ୍ତ ଅର୍ଜିତ ଅର୍ଥକୁ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ପାଣ୍ଠିକୁ ହସ୍ତାନ୍ତର କରନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ କୃତି, ରସାୟନ ବିଦ୍ୟା, ପଦାର୍ଥ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଶ୍ରେଷ୍ଠ ଆବିଷ୍କାର/ଉଦ୍ଭାବନ ପାଇଁ ଅଲଗା ଅଲଗା ଚାରୋଟି ପୁରସ୍କାର ଦିଆଯିବ। ସେତେବେଳକୁ ପ୍ରାୟ ପ୍ରଥମ ବିଶ୍ୱଯୁଦ୍ଧ ଆଶଙ୍କାରେ ପ୍ରାକ୍‌ଯୁଦ୍ଧ ଅଶାନ୍ତି ଅଳ୍ପ ବହୁତେ ଅନୁଭୂତ ହୋଇଆସୁଥିଲା। ତେଣୁ ଶେଷକୁ ପଞ୍ଚମ ଶ୍ରେଷ୍ଠ ପୁରସ୍କାର ଭାବେ ନୋବେଲ ଶାନ୍ତି ପୁରସ୍କାରକୁ ମଧ୍ୟ ଯୋଡ଼ାଗଲା ଓ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁର ଚାରିବର୍ଷ ପରଠାରୁ ୧୯୦୧ରୁ ଆରମ୍ଭ ହେଲା 'ନୋବେଲ୍ ପୁରସ୍କାର' ପ୍ରଦାନର ପର୍ବ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ। ନୋବେଲ୍ ପୁରସ୍କାର ପରିଚାଳନା କମିଟି ଯୁଦ୍ଧର ବାସ୍ନା ବାରିପାରି, ଏହାର ୧୩ ବର୍ଷ ପୂର୍ବରୁ ଶାନ୍ତି ପୁରସ୍କାର ପ୍ରଦାନ ଆରମ୍ଭ କରିଥିଲେ। ତଥାପି ଯୁଦ୍ଧକୁ ବନ୍ଦ କରିପାରିଲେ ନାହିଁ। ଠିକ୍ ୨୦ ବର୍ଷ ପରେ, ପୁଣି ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ଭୟଙ୍କର ରୂପ ନିଏ। ୮୦ ବର୍ଷ ପରେ ଆଜି ଆମେ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଉପନୀତ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା, ପର୍ଯ୍ୟାଲୋଚନା ଓ ପ୍ରଚେଷ୍ଟା ମଧ୍ୟ କରୁଛୁ।

ଦୁଇଦୁଇଟି ଭୟଙ୍କର ଯୁଦ୍ଧ କିପରି ପୁରସ୍କାର ପ୍ରଦାନ କରିବାରେ; ପ୍ରକାରାନ୍ତେ ଉପାର୍ଜନ କରାଇବାରେ ସମର୍ଥ ହୋଇପାରିଛି ସେ ବିଷୟରେ ଆଲୋକପାତ କରିବା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଗୁଣ୍ଟାର୍ ଗ୍ରାସ୍ ରଚନା କରନ୍ତି ଏକ ବହୁଚର୍ଚ୍ଚିତ ଉପନ୍ୟାସ, 'ଦି ଟିନ୍ ଡ୍ରମ୍'। ୧୯୫୮ରେ ଏହା ପ୍ରକାଶିତ ହୁଏ, ଯାହାର ନାୟକ ଜଣେ ୧୩ ବର୍ଷର ବାଳକ; ନାଁ ଓସ୍କାର ମାଜେରାଥ୍। ବାଳକଟି ଗୋଟିଏ ଡ୍ରମ୍ ବାଢ଼େଇ ଭର୍ତ୍ସନା କରୁଛି ବୟସ୍କମାନଙ୍କୁ। ଅର୍ଥାତ୍ ପ୍ରୌଢ଼ ବର୍ଗଙ୍କୁ ଯିଏ ଯୁଦ୍ଧର ମୁଖ୍ୟ ନେପଥ୍ୟ ନାୟକ ଓ ଯୁବ ବର୍ଗଙ୍କୁ, ଯେଉଁମାନେ ଯୁଦ୍ଧ ଲଢ଼ନ୍ତି। ଅନେକ ବର୍ଷ ପରେ ୧୯୯୯ ମସିହାର ସାହିତ୍ୟ ବିଭାଗରେ ନୋବେଲ୍ ପୁରସ୍କାର ପାଇଁ ଗୁଣ୍ଟାର ଗ୍ରାସ୍‌ଙ୍କର ୨ଟି ଉପନ୍ୟାସ 'ଦି ର୍‌ୟାଟ' ଓ 'ଦି ଟିନ୍ ଡ୍ରମ୍' ନୋବେଲ୍ କମିଟିର ବିଚାର ପରିସରଭୁକ୍ତ ହୋଇଥିଲା।



ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ପରଠୁ ଆମେ ୮ଦଶନ୍ଧି ସମୟ ବିତେଇ ସାରିଲେଣି। ଏହା ମଧ୍ୟରେ ସାହିତ୍ୟ ଓ ଶାନ୍ତି ପାଇଁ ୮୦ଥର ନୋବେଲ୍ ପୁରସ୍କାର ଦିଆଯାଇଥିବ। ୧୯୬୯ରୁ ଆରମ୍ଭ ହୋଇଥିବା, ଅର୍ଥନୀତି ନୋବେଲ୍ ପୁରସ୍କାର ମଧ୍ୟ ପ୍ରାୟ ୫୫ ଥର ଦିଆସରିବଣି। ଏ ତିନି ଜାତିର ପୁରସ୍କାର ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ବିଚାର କରି ଦିଆଯାଇଥିବ। ହୁଏତ କେଉଁଠି ଛୋଟମୋଟ ଯୁଦ୍ଧ ଏ ପୁରସ୍କାର ପାଇଁ ଆଧାର ବି ସାଜିଥାଇ ପାରନ୍ତି। କିନ୍ତୁ କ୍ରମ ହେଲା, ପ୍ରଥମେ ଯୁଦ୍ଧ ପରବର୍ତ୍ତୀ ସମୟରେ ଶାନ୍ତି ପ୍ରତିଷ୍ଠା ପାଇଁ; କିଛି ବର୍ଷ ମଧ୍ୟରେ ସେ ଘନଘଟାର ବର୍ଣ୍ଣନାତ୍ମକ ସାହିତ୍ୟ ସୃଷ୍ଟି ପାଇଁ ଓ ପରେ ପରେ ଯୁଦ୍ଧୋତ୍ତର ଅର୍ଥନୀତିରେ ସୁଧାର ଆଣିବାର ପ୍ରଚେଷ୍ଟା ପାଇଁ। ଯୁଦ୍ଧ ଉପାର୍ଜିତ ସାହିତ୍ୟ ନୋବେଲ୍ ପୁରସ୍କାରର ଆଖ୍ୟାୟିକା ତ ଶୁଣିଲେ। ଶାନ୍ତି ପୁରସ୍କାର କଥା ସମସ୍ତେ ଜାଣିଛନ୍ତି। ଜାତିସଂଘ ମଧ୍ୟ ପ୍ରତିଷ୍ଠା ହୋଇଛି ଶାନ୍ତି ପ୍ରତିଷ୍ଠା ପାଇଁ, ଯଦିଓ ଏହା ଆଜିଯାଏ ସକ୍ରିୟ ହୋଇପାରି ନାହିଁ। ଯୁଦ୍ଧୋତ୍ତର ପୃଥିବୀରେ ନିଶ୍ଚୟ କେଉଁଠି ନା କେଉଁଠି ଅର୍ଥନୀତିରେ ଭୂସ୍ଖଳନ ହେବାର ଆଶଙ୍କା ଥାଏ। ତାକୁ ସୁଧାରିବା ପାଇଁ ଯାଇ କେହି ମନୀଷୀ ଆସି ଅର୍ଥନୀତିରେ ସୁଧାର ଆଣିଲେ, ସେ ପୁଣି ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ଦାବିଦାର ହୋଇଯାଆନ୍ତି। ବାଂଲାଦେଶର ମହମ୍ମଦ ୟୁନୁସ୍ ମଧ୍ୟ ଯୁଦ୍ଧୋତ୍ତର ଅର୍ଥନୀତିରେ ଏଭଳି ନୋବେଲ୍ ପୁରସ୍କାର ପାଇବାରେ ଦୃଷ୍ଟାନ୍ତ ସାଜିଛନ୍ତି। କିନ୍ତୁ ଅର୍ଥନୀତିରେ ନୋବେଲ ପୁରସ୍କାର ବିଚାର ଯେଉଁ କ୍ଷେତ୍ର ପାଇଁ ଦିଆଯାଏ, ତାହା ଲାଗି ପ୍ରଥମେ ଦେଶଟି ଦରିଦ୍ର ପଦବାଚ୍ୟ ହେବା ଉଚିତ।

ବର୍ତ୍ତମାନ ପୃଥିବୀରେ ରୁଷିଆ-ୟୁକ୍ରେନ୍, ଗାଜା-ଇସ୍ରାଏଲ କିମ୍ବା ଭାରତ-ପାକିସ୍ତାନ ଯୁଦ୍ଧର ନିଆଁ ପୂରାପୂରି ଲିଭିନାହିଁ। ସବୁଠାରେ କୁହୁଳୁଛି। ପୁଣି ଦକ୍ଷିଣ-ଉତ୍ତର କୋରିଆ ଓ ଚାଇନା-ତାଇୱାନରେ ଆଉ ଦୁଇଟି ଆସନ୍ନ ଯୁଦ୍ଧ କଳାହାଣ୍ଡିଆ ମେଘ ଭଳି ଘୋଟି ରହିଛି। କେତେବେଳେ ବର୍ଷିଯିବ କେହି ଜାଣିନାହାନ୍ତି। ସେପଟେ ପୁଣି ସାହିତ୍ୟିକ ଗୋଷ୍ଠୀ ଚାହିଁ ବସିଥିବେ ଏହି ଯୁଦ୍ଧ ପୃଷ୍ଠଭୂମିକୁ ନେଇ ଦରଦୀ ସାହିତ୍ୟ ରଚନା ପାଇଁ, ଯାହା ପୁଣି କିଛି ବର୍ଷ ପରେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ ହେବ। ପୁଣି ୟୁକ୍ରେନ୍, ଗାଜା ବା ପାକିସ୍ତାନ ଭଳି ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ଅର୍ଥନୀତିରେ ସୁଧାର ଆଣିବା ପାଇଁ ବିଶ୍ୱସ୍ତରରେ ନାନା ଚେଷ୍ଟା କରାଯିବ। ତାହା ହୁଏତ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥାକୁ ନୋବେଲ୍ ଅର୍ଥନୀତି ପୁରସ୍କାର ପାଇବାରେ ସହାୟକ ହେବ।

ପୃଷ୍ଠଭୂମିରେ ଯୁଦ୍ଧରୁ ପରୋକ୍ଷରେ ଉପାର୍ଜିତ ହୋଇଥିବା, ଶାନ୍ତି, ସାହିତ୍ୟ ଓ ଅର୍ଥନୀତିର ତିନୋଟି ଯାକ ନୋବେଲ୍ ପୁରସ୍କାର ଗୋଟିଏ ଦେଶକୁ ଚାଲିଯିବାର ଆଶଙ୍କା ମଧ୍ୟ ରହିଛି। ମୃତ୍ୟୁର ଘନଘଟାରୁ ଦୁଃଖ ଉପାର୍ଜିତ ଅର୍ଥରେ ପ୍ରଦତ୍ତ ନୋବେଲ୍ ପୁରସ୍କାର ପୁଣି ଘୂରିବୁଲେ ସେହି ଦୁଃଖର ଭଉଁରି ଭିତରେ। ସୁଖ ସାଉଁଟିବାର ଆଶା ପରାହତ ହୁଏ। ଆମର ସହଜାତ ଯୁଦ୍ଧଖୋର ମନୋବୃତ୍ତି ଯୋଗୁ କୌଣସି ପ୍ରକାରେ ପ୍ରାୟୋଜିତ ଦୁଃଖ ଲଦି ଦିଆଯାଏ ପୃଥିବୀବାସୀଙ୍କ ଉପରେ।

**ମୋ: ୯୪୩୭୦୪୫୫୪୭**

## ଏଇ ଭାରତରେ

ପେସାରେ ସେ ଜଣେ ଡାକ୍ତର, ହେଲେ ବନୀକରଣ ପାଇଁ ସମୟ ଦେଇ ତାହାର ସଫଳ ରୂପାୟନ କରିପାରିଛନ୍ତି ରାଜସ୍ଥାନର ଡ. ଯୋଗେଶ ଚୌଧୁରୀ। ସେ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ ସେ କର୍ଣ୍ଣାଟକର ବେଲାରି ଯାଇଥିବା ସମୟରେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲରେ ବୁଲିବାର ସୁଯୋଗ ପାଇଥିଲେ। ସେଠାକାର ଅନୁଭବ ତାଙ୍କୁ ଏଭଳି ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇବା ଆରମ୍ଭ କରିଥିଲେ। ମୋଟରେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯାଇଥିଲା। ଫଳରେ ସେ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏଥିପାଇଁ ଶୁଷ୍କ ଜଳବାୟୁରେ ଚନ୍ଦନ ଗଛ କିପରି ବଢ଼ିପାରିବ, ସେ ସମ୍ପର୍କରେ ଗବେଷକଙ୍କ ସହଯୋଗ ନେଇ ଚନ୍ଦନ ଗଛ ଲଗାଇ ବଢ଼ାଇପାରିଛନ୍ତି। ଏବେ ତାଙ୍କ ଫାର୍ମରେ ୯୦୦ ଚନ୍ଦନଗଛ ଅଛି। ଏହାସହ ଡ. ଯୋଗେଶ ମଧ୍ୟ ୬,୦୦୦ ଫଳ ଓ କାଠଗଛ ମଧ୍ୟ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୯ ନଭେମ୍ବର ୧୯୭୬**

- ରାଜ୍ୟ ମନ୍ତ୍ରିମଣ୍ଡଳରୁ କୃଷି, ସମବାୟ ଓ ପୂର୍ତ୍ତମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ଇସ୍ତଫା ପ୍ରଦାନ।
- ଆନ୍ତର୍ଜାତିକ ଆଇନ କମିଶନର ସଭ୍ୟ ରୂପେ ଭାରତର ପ୍ରାର୍ଥୀ ଡକ୍ଟର ଏସ୍.ପି. ବାଗୋତା ନିର୍ବାଚିତ।
- ବାଂଲାଦେଶରେ ବୟୋବୃଦ୍ଧ ବିଶିଷ୍ଟ ରାଜନୈତିକ ନେତା ମୌଲାନା ଅବଦୁର ହମିଦ ଖାଁ ଭାସାନୀଙ୍କ ୯୬ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସନ୍ଧ୍ୟା ଆସେ ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
ଆମ୍ରବନେ ପରଶେ ବାଆ ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ହେଉ

ମହାଶୟ,

ଢେଙ୍କାନାଳ ଜିଲା, ଦକ୍ଷିଣକାଳୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୧୮ ମସିହାରୁ ପ୍ରତିଷ୍ଠା ହୋଇଛି। ମହାବୀର ବଜାରର ଟ୍ରାଫିକ ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବହୁଦିନରୁ ଢେଙ୍କାନାଳବାସୀଙ୍କ ପାଇଁ ନିରନ୍ତର ବାଧା ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ଏହି ଛକରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏପରି କି ଅନେକ ସମୟରେ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବାରେ ବିଳମ୍ବ ଘଟୁଛି; ଯାହାକୁ ସ୍ଥାନୀୟ ଲୋକମାନେ ପ୍ରଶାସନିକ ଅବହେଳା ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପରେ ଅଚଳାବସ୍ଥା ବୋଲି ଦାୟୀ କରୁଛନ୍ତି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାପାଇଁ ଏକ ଚଉଡ଼ା ରାସ୍ତାର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ ଏହି ଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ।

**-ସୁଜିତ କୁମାର ଦେବତା, ଆଇଆଇଏମ୍‌ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆଇଆଇଏମ୍‌ସି ଢେଙ୍କାନାଳର ଇଂଲିଶ୍ ଓ ଓଡ଼ିଆ ସାମ୍ବାଦିକତାର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆଇଆଇଏମ୍‌ସିର ଅଧ୍ୟାପିକାଅଧ୍ୟାପକ।

# ସରଳୀକୃତ ପ୍ରକଳ୍ପ ଅନୁମୋଦନ ପାଇଁ ନିବେଶ କରିବାକୁ ଆଗ୍ରହ ବଢୁଛି: ମନ୍ତ୍ରୀ

ଭୁବନେଶ୍ୱର, ୧୮।୧୧ (ସୁନିତ୍ ମିଶ୍ର)

ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀର ୧ମ ଦିନର ୩ୟ ଅଧିବେଶନ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ବ୍ୟବସାୟ ସୁବିଧା, ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍(ପିଏମ୍‌ଜି ପୋର୍ଟାଲ) ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ ଓ ସମୀକ୍ଷା କରାଯାଇଛି। ଏହାସହ ପାରସ୍ପରିକ ଆଲୋଚନା ଆଧାରରେ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମରେ ପରିବର୍ତ୍ତନ ସମ୍ପର୍କିତ ବିଷୟଭିତ୍ତିକ ଏହି ଆଲୋଚନାରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ପ୍ରଶାସନିକ ଅଧିକାରୀମାନେ ଯେତେବେଳେ ସମ୍ମିଳିତ ଭାବେ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କରିବେ ସେତେବେଳେ ଓଡ଼ିଶାର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ। ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ଯୋଗୁ ନିବେଶ ଆକର୍ଷିତ କରିବାରେ ଓଡ଼ିଶାକୁ ସମସ୍ତେ ପ୍ରାଥମିକତା ଦେଉଛନ୍ତି ବୋଲି ସେ କହିଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜିଲାଗୁଡ଼ିକରେ ବ୍ୟବସାୟ କରିବାର ସହଜତା ପ୍ରଦାନ କରିବାରେ ଜିଲାପାଳମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ସିଏମ୍‌ଡି ଓପିଟିସିଏଲ୍ ଭାସ୍କର ଜ୍ୟୋତି ଶର୍ମା ଓଡ଼ିଶାରେ ଶକ୍ତି କ୍ଷେତ୍ର ଏବଂ ଏହା ଆକର୍ଷିତ କରୁଥିବା ନିବେଶ ଓ ଶିଳ୍ପ ପାଇଁ ଆବଶ୍ୟକ ବିଦ୍ୟୁତ୍ ଯୋଗାଣ ବିଷୟରେ ବିସ୍ତୃତ ଉପସ୍ଥାପନ କରିଛନ୍ତି। ଅଧିବେଶନରେ ପ୍ରଗତି ତଦାରଖ ବ୍ୟବସ୍ଥା ମାଧ୍ୟମରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଉଥିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଛି। ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କମିଶନର ପ୍ରଶାନ୍ତ କୁମାର ରେଡ୍ଡୀ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅନୁଗୋଳ ଜିଲାପାଳ ଅବଦାଲ ଏମ୍ ଅଖତର, ସୁନ୍ଦରଗଡ଼ ଜିଲାପାଳ ଶୁଭଙ୍କର ମହାପାତ୍ର, ଝାରସୁଗୁଡ଼ା ଜିଲାପାଳ କୁନାଲ ମୋତିରାମ ଚୌହ୍ୱାନ ପ୍ରମୁଖ ଯୋଗଦେଇ ବ୍ୟବସାୟ ଅଭିବୃଦ୍ଧିର ଦ୍ରୁତ ଅଭିବୃଦ୍ଧି ସମ୍ପର୍କରେ ବିଭିନ୍ନ ଉପସ୍ଥାପନା କରିଛନ୍ତି।

# ଜିଲାପାଳମାନେ ନିଯୁକ୍ତି ସୃଷ୍ଟି କରନ୍ତୁ : ମୁଖ୍ୟ ସଚିବ

ଭୁବନେଶ୍ୱର, ୧୮।୧୧ (ରବିନାରାୟଣ ଜେନା)

ରାଜ୍ୟରେ ନିଯୁକ୍ତି ସୃଷ୍ଟି କେବଳ ରାଜ୍ୟ ସରକାର କରିବେ ତାହା ନୁହେଁ, ଜିଲାପାଳମାନେ ମଧ୍ୟ ନିଜ ନିଜ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି।

ଲୋକସେବା ଭବନରେ ମଙ୍ଗଳବାର ଜିଲାପାଳ ଏବଂ ଏସ୍‌ପିମାନଙ୍କ ଦୁଇଦିଆ ସମ୍ମିଳନୀ ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ଜିଲାପାଳମାନଙ୍କୁ 'ଇନ୍ ଅଫ୍ ଓ୍ୱାନ' ବ୍ୟବସ୍ଥା ଆପଣାଇବାକୁ ପଡ଼ିବ। ପ୍ରଥମେ ଆମକୁ ଲୋକମାନଙ୍କୁ ବିଶ୍ୱାସକୁ ନେବାକୁ ହେବ। ଏହାସହିତ ଅଧିକାରୀମାନେ ମାନସିକତାରେ ପରିବର୍ତ୍ତନ କରିବାକୁ ପଡ଼ିବ। ଫଳରେ ଲୋକେ ନ୍ୟାୟ ପାଇପାରିବେ। ସେ କହିଛନ୍ତି, ସୋମବାର ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ଆପଣ କି କାର୍ଯ୍ୟ କରୁଛନ୍ତି? ଆପଣଙ୍କ କାର୍ଯ୍ୟକୁ ନେଇ ମୁଁ ଗୁଡ୍ କିମ୍ବା ଭେରିଗୁଡ୍ ଦେଇଦେବି। କିନ୍ତୁ ଓଡ଼ିଶା ଭିଜନ-୨୦୩୬କୁ ସଫଳ କରିବାକୁ ପଡ଼ିବ। ସେହିପରି ମଙ୍ଗଳବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଲେ, ରାଜସ୍ୱ ବିଭାଗ ଭଲ କାମ କରୁଛି, କିନ୍ତୁ ମୁଁ ସେଥିରେ ସନ୍ତୁଷ୍ଟ ନୁହେଁ। ଆମକୁ ଲୋକଙ୍କ ପାଇଁ ଆହୁରି କରିବାର ରହିଛି। ନାଗରିକଙ୍କ ଚାହିଦାକୁ ପୂରଣ କରିବାର ଆବଶ୍ୟକ ରହିଛି। ଓଡ଼ିଶା ଏକ ବଳକା ରାଜ୍ୟ, ହେଲେ ତାକୁ ଆମେ ଠିକ୍ ଭାବେ କାର୍ଯ୍ୟକାରୀ କରିବାର ଅଛି। ଅନ୍ୟ ରାଜ୍ୟରେ ଓଡ଼ିଶା ଭଳି ସୁଯୋଗ ନାହିଁ। ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କୁ କହିଥିଲେ, ସ୍କୁଲ ଯାଇ ଶିକ୍ଷକ ଆସୁଛନ୍ତି କି ନାହିଁ ତାହା ପରଖ, ପିଲା ଠିକ୍‌ରେ ପଢୁଛନ୍ତି କି ନାହିଁ ତାହା ଦେଖିବାର ଆବଶ୍ୟକତା ରହିଛି। ବାରମ୍ବାର ଲୋକେ ଯେମିତି ନ୍ୟାୟ ନ ମାଗନ୍ତୁ। ତାଙ୍କର ହକ୍ ଆମେ ଦେଇଦେବାର ଆବଶ୍ୟକତା ରହିଛି। ଆପଣମାନେ ଲୋକଙ୍କର ଫିଡ୍‌ବ୍ୟାକ୍ ଯଦି ନେବେ ତାହାହେଲେ କାର୍ଯ୍ୟ କରିବାରେ ଆପଣଙ୍କୁ ସହଯୋଗ ମିଳିବ। ଅଫିସ୍‌କୁ ଯେତେବେଳେ ଲୋକମାନେ ଆସୁଛନ୍ତି, ସେମାନଙ୍କୁ ସମ୍ମାନ୍ ଦେବାର ଆବଶ୍ୟକ ରହିଛି। କେବଳ ସାଧାରଣ ଲୋକ ନୁହନ୍ତି, ଆଜିକା ଦିନରେ ଅବସରପ୍ରାପ୍ତ ଅଧିକାରୀ ବି ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାଙ୍କୁ କିଭଳି ସୁବିଧାରେ ସେବା ମିଳିବ ସେନେଇ ଅଧିକାରୀମାନେ ଗୁରୁତ୍ୱ ଦେବାକଥା ବୋଲି ମୁଖ୍ୟ ଶାସନ ସଚିବ ଆହୁଜା କହିଛନ୍ତି।

## ସରକାର ଭାଷଣବାଜିରେ ସୀମିତ: ବିଜେଡି

ଭୁବନେଶ୍ୱର, ୧୮।୧୧(ସୁନିତ୍ ମିଶ୍ର)

ଜିଲାପାଳ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ ଉପରେ ପ୍ରତିକ୍ରିୟା ଦେଇ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ବୋଲି ବିଜେଡି ଅଭିଯୋଗ କରିଛି। ଲୋକଙ୍କ ପାଖରେ ସରକାର ପହଞ୍ଚିବାରେ ସକ୍ଷମ ହୋଇପାରି ନାହାନ୍ତି ବୋଲି ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧୭ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ସରକାରଙ୍କ କାର୍ଯ୍ୟକ୍ରମ କେବଳ ଭାଷଣବାଜିରେ ସୀମିତ ରହିଛି। ପୂର୍ବ ବିଜେଡି ସରକାରଙ୍କ ଯୋଜନା ଗୁଡ଼ିକର କେବଳ ନାମ ଓ ରଙ୍ଗ ପରିବର୍ତ୍ତନ କରୁଥିବା ବେଳେ, ଏହାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ।

## ଟିଟିଲାଗଡ଼ ଚର୍ଚ୍ଚରେ ହ୍ୟୁମାନଙ୍କୁ ଦିଆଗଲା କବର

### ପ୍ରଶଂସକ ଦେଲେ ଭାବପୂର୍ଣ୍ଣ ବିଦାୟ




ହ୍ୟୁମାନ ସାଗରଙ୍କ ମରଶରୀରକୁ ଟିଟିଲାଗଡ଼ ସହର ପରିକ୍ରମା କରାଯାଇଛି।

ଟିଟିଲାଗଡ,୧୮।୧୧(ଶରତ ମିଶ୍ର)

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟି ବଲାଙ୍ଗୀର ଜିଲାର ଟିଟିଲାଗଡ଼ରେ ପହଞ୍ଚିବା ପରେ ସହସ୍ରାଧିକ ସମର୍ଥକ ଓ ସଙ୍ଗୀତପ୍ରେମୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅଶ୍ରୁଳ ବିଦାୟ ଦେଇଛନ୍ତି। ବଲାଙ୍ଗୀର ଦେଇ ସଇଁତଲା ନିକଟ ତାଙ୍କ ପୈତୃକ ଗ୍ରାମ ଡେଙ୍ଗକୁ ମରଶରୀର ନିଆଯାଇ ପରେ ଟିଟିଲାଗଡ଼ ଅଭିମୁଖେ ନିଆଯାଇଥିଲା। ହ୍ୟୁମାନଙ୍କ ମରଶରୀର ଥିବା ଆମ୍ବୁଲାନ୍ସ ଟିଟିଲାଗଡ ସହର ପରିକ୍ରମା କରିଥିଲା। ଶେଷଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା। ପରିବାର ଲୋକ ଓ ସମର୍ଥକଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାକୁଳ ହୋଇ ପଡ଼ିଥିଲା। 'ହ୍ୟୁମାନ ସାଗର ଅମର ରହେ' ନାରା ଦେଇ ବହୁ ସଙ୍ଗୀତପ୍ରେମୀ ତାଙ୍କର ପ୍ରିୟ କଣ୍ଠଶିଳ୍ପୀଙ୍କୁ ଶେଷ ବିଦାୟ ଦେଇଥିଲେ। ପରେ ଟିଟିଲାଗଡ଼ ସିଏସ୍‌ଆଇ ଚର୍ଚ୍ଚ ପରିସରରେ ପାରମ୍ପରିକ ରୀତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖ୍ରୀଷ୍ଟଧର୍ମର ରୀତିନୀତି ଅନୁଯାୟୀ ପାଷ୍ଟର ଜ୍ୟୋତିରଞ୍ଜନ ପାଇକ ଶେଷକୃତ୍ୟ ପାଇଁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ସେଠାରେ ତାଙ୍କୁ କବର ଦିଆଯାଇଥିଲା। କୋଭିଡ୍ ସମୟରେ ହ୍ୟୁମାନଙ୍କ ବାପା ରବିନ୍ଦ୍ର ସାଗରଙ୍କ ଦେହାନ୍ତ ହୋଇଥିଲା। ୨୦୧୫ରେ ତାଙ୍କ ସାନଭାଇ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ବାପା ଓ ଭାଇଙ୍କ କବର ପାଖରେ ଚିରନିଦ୍ରାରେ ଶୋଇଯାଇଛନ୍ତି ହ୍ୟୁମାନ। ତାଙ୍କୁ ଝୁରୁଛି ଟିଟିଲାଗଡ଼, ବଲାଙ୍ଗୀର ଏବଂ ଓଡ଼ିଶା। ସଙ୍ଗୀତପ୍ରେମୀଙ୍କ ହୃଦୟରେ ଅଳ୍ପ ବୟସରୁ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିବା ହ୍ୟୁମାନ ଯେ ଏତେ କମ୍ ବୟସରେ ସମସ୍ତଙ୍କୁ ଛାଡି ଚାଲିଯିବେ ଏହା କେହି ବିଶ୍ୱାସ କରିପାରୁନାହାନ୍ତି। ଶେଷକୃତ୍ୟ ସମ୍ପନ୍ନହେବା ସମୟରେ ତାଙ୍କ ଆତ୍ମୀୟସ୍ୱଜନ ଏବଂ ବିଧାୟକ ନବୀନ ଜୈନ, ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଭାରତ ସରକାର

ଉନ୍ନତ କୃଷି, ସମୃଦ୍ଧ ଚାଷୀ
ଗଢୁଛନ୍ତି ଏକ ବିକଶିତ ଭାରତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା
ପିଏମ୍-କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ଅଧୀନରେ
୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ
₹୧୮,୦୦୦ କୋଟିରୁ ଅଧିକ ସମ୍ମାନ ରାଶି ହସ୍ତାନ୍ତର ଏବଂ
ଦକ୍ଷିଣ ଭାରତ ପ୍ରାକୃତିକ କୃଷି ଶିଖର ସମ୍ମିଳନୀ ୨୦୨୫ର ଉଦ୍‌ଘାଟନ

୧୯ ନଭେମ୍ବର ୨୦୨୫ | ଅପରାହ୍ନ ୧.୦୦ ଘ. | କୋଏମ୍ବାଟୁର, ତାମିଲନାଡୁ

**ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି**
- ସିଧାସଳଖ ଚାଷୀଙ୍କ ଖାତାରେ ତିନିଟି ସମାନ କିସ୍ତିରେ ₹୬,୦୦୦ର ବାର୍ଷିକ ସହାୟତା ହସ୍ତାନ୍ତରିତ।
- ଏପର୍ଯ୍ୟନ୍ତ ଚାଷୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ₹୩.୭୦ ଲକ୍ଷ କୋଟିରୁ ଅଧିକ ସହାୟତା ରାଶି ହସ୍ତାନ୍ତରିତ ହୋଇଛି
- ୨୫% ପିଏମ୍-କିଷାନ ହିତାଧିକାରୀ ମହିଳା ଚାଷୀ ଅଟନ୍ତି
- ପୃଥିବୀର ଅନ୍ୟତମ ସର୍ବବୃହତ୍ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି) ଯୋଜନା
- ୮୫%ରୁ ଅଧିକ ହିତାଧିକାରୀ ହେଉଛନ୍ତି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ

**କୃଷିରେ ଅଭୂତପୂର୍ବ ସଫଳତା**
- ବିଗତ ୧୧ ବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନର ପରିମାଣ ୨୪୬ ମିଲିୟନ ଟନରୁ ୩୫୪ ମିଲିୟନ ଟନକୁ ବୃଦ୍ଧି ପାଇଛି
- ୨୫ କୋଟିରୁ ଅଧିକ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ହୋଇଛି
- ଲଘୁ ଜଳସେଚନ ୧୦୦ ଲକ୍ଷ ହେକ୍ଟରକୁ ବିସ୍ତାରିତ
- ଫସଲ ବୀମା ସହାୟତା ଆକାରରେ ₹୨ ଲକ୍ଷ କୋଟିର କ୍ଷତିପୂରଣ ପ୍ରଦାନ କରାଯାଇଛି
- ପ୍ରାକୃତିକ କୃଷି ଉପରେ ଜାତୀୟ ମିଶନ୍ ଅଧୀନରେ ୫୫,୦୦୦ରୁ ଅଧିକ ଚାଷୀ ପ୍ରମାଣିତ ହୋଇଛନ୍ତି
- ବିଗତ ୧୧ ବର୍ଷରେ କୃଷି ଋଣ ଉପଲବ୍ଧତା ₹୭.୩୫ ଲକ୍ଷ କୋଟିରୁ ପ୍ରାୟ ₹୧୭ ଲକ୍ଷ କୋଟିକୁ ବୃଦ୍ଧି ପାଇଛି
- ନୂତନ ପ୍ରଯୁକ୍ତି କୌଶଳ, ଏଫ୍‌ପିଓ, ଚାଷୀଙ୍କର ଡିଜିଟାଲ ଆଇଡି, ପିଏମ୍-ଆଶା ଏବଂ ଏଆଇଏଫ୍ ଜରିଆରେ ଗ୍ରାମୀଣ ଭାରତରେ ପ୍ରମୁଖ ସକାରାତ୍ମକ ରୂପାନ୍ତରଣ ଘଟିଛି

**କୃଷି କ୍ଷେତ୍ରରେ ଐତିହାସିକ ନିବେଶ**
- ₹୨୪,୦୦୦ କୋଟିର ବ୍ୟୟ ଅଟକଳ ସହିତ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟାନ୍ୱିତ ହୋଇଛି
- ଡାଲି ଆତ୍ମନିର୍ଭରତା ମିଶନର ପ୍ରଚାରପ୍ରସାର ପାଇଁ ₹୧୧,୪୪୦ କୋଟି ଆବଣ୍ଟିତ
- ବିଗତ ୧୧ ବର୍ଷରେ କୃଷି ବଜେଟ ପାଖାପାଖି ୫ ଗୁଣ ବୃଦ୍ଧି ପାଇ ₹୨୨,୦୦୦ କୋଟିରୁ ₹୧.୨୭ ଲକ୍ଷ କୋଟିରେ ପହଞ୍ଚିଛି
- ୧୧ ବର୍ଷରେ ସାର ସବ୍‌ସିଡି ଆକାରରେ ପାଖାପାଖି ₹୧୪ ଲକ୍ଷ କୋଟି ପ୍ରଦାନ କରାଯାଇଛି, ଯାହା ସାରର ସମୟୋଚିତ ଏବଂ ସୁଲଭ ଯୋଗାଣକୁ ସୁନିଶ୍ଚିତ କରିଛି

CBC 01102/13/0007/2526

ବିହନରୁ ବଜାର ପର୍ଯ୍ୟନ୍ତ, ଭାରତ ସରକାର ଚାଷୀଙ୍କ ସହ ଛିଡ଼ା ହୋଇଛନ୍ତି ଦୃଢ଼ତାର ସହିତ



ଡିଡି ନ୍ୟୁଜ୍ କିମ୍ବା ଡିଡି କିଷାନ ଚ୍ୟାନେଲ୍ www.youtube.com/@AgriGoiରେ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ
ଆମକୁ ଫଲୋ କରନ୍ତୁ: @AgriGoI
ଅଧିକ ସୂଚନା ପାଇଁ କ୍ୟୁଆର କୋଡ୍ ସ୍କାନ୍ କରନ୍ତୁ




ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ରାମମନ୍ଦିର ଅଭିମୁଖେ ବାହାରିଥିବା ଏକତା ପଦଯାତ୍ରା ଓ ଏଥିରେ ସାମିଲ ହୋଇଥିବା ତ୍ରିରଙ୍ଗା ଶୋଭାଯାତ୍ରା। (ଫଟୋ- ମନୋରଞ୍ଜନ ମିଶ୍ର)

# 'ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଦେଶକୁ ଏକତାରେ ବାନ୍ଧିହେବ'

**ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ):**

## ଭୁବନେଶ୍ୱରରେ ଏକତା ପଦଯାତ୍ରା



ଏକତା ପଦଯାତ୍ରା ମଞ୍ଚରେ ପାଇକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଉଛି।

କ୍ରୀଡା ଓ ଯୁବସେବା ବିଭାଗ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ସହଯୋଗରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ ଅନୁରୂପ ଭାବେ ଭାରତରତ୍ନ ସର୍ଦ୍ଦାର ପଟେଲଙ୍କ ତ୍ୟାଗ ଓ ଅବଦାନ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲାପାଳ ଡ. ମନୋରଞ୍ଜନ ସାହୁ ଓ ଅଲିମ୍ପିକ ଆସୋସିଏଶନର ସଭାପତି ସମୀର ମହାନ୍ତି, ଭାଜପା ନେତା ତଥା ସାମଜିକ କର୍ମୀ ଜଗନ୍ନାଥ ପ୍ରଧାନ, ମନମୋହନ ସାମଲ, ଭୁବନେଶ୍ୱର ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା କ୍ରୀଡାଧିକାରୀ ଗୀତାଞ୍ଜଳି ପଣ୍ଡା, ସମସ୍ତ କର୍ପୋରେଟର, ଏସ୍‌ଏଚ୍‌ଜି ସଦସ୍ୟା ଏବଂ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ରଙ୍ଗ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହ ଠାବ

**ଭୁବନେଶ୍ୱର,୧୮।୧୧(ତ୍ରିନାଥ ମହାନ୍ତି):**

ତମାଣ୍ଡୋ ଥାନା ଟାଙ୍ଗୀ ସାହି ଅଞ୍ଚଳର ଏକ ଘରୁ ଜଣେ ରଙ୍ଗ ମିସ୍ତ୍ରିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଠାବ କରିଛି। ମୃତକ ହେଉଛନ୍ତି ଯାଜପୁର ଜିଲା ବଡ଼ଚଣା ଥାନା ଅଞ୍ଚଳର ମାନସ ରଞ୍ଜନ ଦାସ ଓରଫ ବାଦଲ(୨୮)।

ସୂଚନା ଅନୁସାରେ, ବାଦଲ ଓ ତାଙ୍କର ୨ ସହକର୍ମୀ ତମାଣ୍ଡୋ ଟାଙ୍ଗୀ ସାହିର ରେଣୁବାଳା ମହାପାତ୍ରଙ୍କ ଘରେ ଭଡ଼ାରେ ରହୁଥିଲେ। ମଙ୍ଗଳବାର ଦୁଇ ସହକର୍ମୀ କାମକୁ ଯାଇଥିବା ବେଳେ ବାଦଲ ଏକାକୀ ଘରେ ଥିଲେ। ବାଦଲ ଅପରାହ୍ନ ସମୟରେ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ସହକର୍ମୀ ଘରେ ପହଞ୍ଚିବା ବେଳକୁ ବାଦଲଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଏମ୍ସରେ ରଖିଛି। ପରିବାର ଲୋକଙ୍କୁ ଖବର ଦିଆଯାଇଛି ଓ ସେମାନେ ପହଞ୍ଚିବା ପରେ ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଉଲ୍ଲାସ ଅଭିପ୍ରେରଣା କାର୍ଯ୍ୟକ୍ରମ ଉଦ୍‌ଘାଟିତ



'ଉଲ୍ଲାସ ଅଭିପ୍ରେରଣା' କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

**ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ):**

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରରେ ତ୍ରି-ଦିବସୀୟ 'ଉଲ୍ଲାସ ଅଭିପ୍ରେରଣା' କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଦେଶର ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ବିଶ୍ୱବିଦ୍ୟାଳୟରୁ ଯୋଗଦେଇଥିବା ପ୍ରଫେସରମାନଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର୍ ହୃଷୀକେଶ ସେନାପତି, ଉଲ୍ଲାସ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର୍ ଉଷା ଶର୍ମା, କାର୍ଯ୍ୟକ୍ରମର ଆଞ୍ଚଳିକ ସଂଯୋଜକ ପ୍ରଫେସର୍ ରମାକାନ୍ତ ମହାଳିକ ଯୋଗଦେଇ କାର୍ଯ୍ୟକ୍ରମର ମହତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ସହଯୋଗୀ ପ୍ରଫେସର ଡ. ମାର୍କଣ୍ଡେୟ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିବାବେଳେ ଡ. ଯାଚନା ଗୁମ୍ଫା ପରିଚାଳନା କରିଥିଲେ।

# ୪୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୧୮।୧୧(ତ୍ରିନାଥ ମହାନ୍ତି):**

ରାଜଧାନୀରେ ବ୍ରାଉନସୁଗାର କାରବାର କରୁଥିବା ୩ଜଣ ବେପାରୀଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ସତ୍ୟନଗରରେ ରହୁଥିବା ରବି ବାରିକ, ସୁଶାନ୍ତ କୁମାର ପରିଡ଼ା ଏବଂ ଯଦୁପୁରର ହସିମ୍ ଖାନ୍। ସେମାନଙ୍କ ନିକଟରୁ ୪୫୫ ଗ୍ରାମର ବ୍ରାଉନ୍‌ସୁଗାର ଓ ୩ ଗାଡି ଜବତ କରାଯାଇଛି। ରବି ସତ୍ୟନଗର ଦୁର୍ଗାମଣ୍ଡପ ନିକଟରେ ଗାଡ଼ି ଉପରେ ବସି ଡ୍ରଗ୍ସ ବିକ୍ରି କରୁଥିବାବେଳେ ଅବକାରୀ ଟିମ୍ ଚଢାଉ କରି ତାଙ୍କୁ ଗିରଫ କରିବା ସହ ଡ୍ରଗ୍ସ ଜବତ କରିଥିଲା। ସେହିପରି ସତ୍ୟନଗର ଏବଂ ଡୁମୁଡୁମାରେ ବିକ୍ରି କରୁଥିବା ସୁଶାନ୍ତ ଏବଂ ହସିମ୍‌ଙ୍କୁ ମଧ୍ୟ ଗିରଫ କରାଯାଇଛି। ଜବତ ୩ ଅଭିଯୁକ୍ତ ଛୋଟ ବେପାରି ହୋଇଥିବା ଅବକାରୀ ବିଭାଗ କହିଛି। ବଡ଼ ବେପାରୀଙ୍କଠାରୁ ଏମାନେ ଡ୍ରଗ୍ସ ଆଣି ତାକୁ ପୁଡ଼ିଆ କରି ୮ଶହ ଟଙ୍କାରେ ବିକ୍ରି କରନ୍ତି। ସେମାନଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

# ଦଳିତ, ଆଦିବାସୀ ମହିଳାଙ୍କ ଉପରେ ଅତ୍ୟାଚାରର ପ୍ରତିବାଦ

**ଭୁବନେଶ୍ୱର, ୧୮।୧୧ (ବନ୍ଦନା ସେଠୀ)**




ସିପିଆଇର କର୍ମକର୍ତ୍ତାମାନେ ରାଜମହଲ ଛକ ରାସ୍ତାରେ ବସି ଅତ୍ୟାଚାରର ପ୍ରତିବାଦ କରୁଛନ୍ତି।

ଦେଶର ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ମହିଳାଙ୍କ ଉପରେ କ୍ରମାଗତ ଭାବେ ଅମାନବୀୟ ଅତ୍ୟାଚାର ଓ ଶୋଷଣ ହୋଇଆସୁଛି। ଏହାକୁ ବିରୋଧ କରି ସିପିଆଇ ଜାତୀୟ ପରିଷଦ ଦ୍ୱାରା ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସିପିଆଇ ଭୁବନେଶ୍ୱର ଜୋନ୍ ପକ୍ଷରୁ ରାଜମହଲ ଛକଠାରେ ପଥପ୍ରାନ୍ତ ସଭା ଓ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନର ଭାଜପା ସରକାର ଆର୍‌ଏସ୍‌ଏସ୍ ଦ୍ୱାରା ପରିଚାଳିତ ହୋଇ ଦେଶରେ ମଧ୍ୟଯୁଗୀୟ ମନୁବାଦ ଶାସନ ପୁନଃ ସ୍ଥାପନ ପାଇଁ ଷଡ଼ଯନ୍ତ୍ର କରୁଛି। ସେଥିପାଇଁ ସର୍ବପ୍ରଥମେ ସଂଖ୍ୟାଲଘୁ, ଆଦିବାସୀ, ଦଳିତ ଓ ମହିଳାଙ୍କ ଉପରେ ପ୍ରାୟୋଜିତ ନିର୍ଯାତନା, ଶୋଷଣ ଓ କଷଣ ଆରମ୍ଭ କରିଦେଇଛନ୍ତି। ଏହି କ୍ରମରେ ଦେଶର ସମସ୍ତ ଶୋଷିତ ଜନସାଧାରଣ ଏକ ହୋଇ ପ୍ରତିବାଦ କରିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ସିପିଆଇ ରାଜ୍ୟ କାର୍ଯ୍ୟାଳୟ ଭଗବତୀ ଭବନଠାରୁ ଶତାଧିକ ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ମହିଳା କର୍ମୀ, ସମର୍ଥକଙ୍କ ଏକ ପଟୁଆର ବାହାରି ରାଜମହଲ ଛକଠାରେ ସଭା କରିବା ପରେ ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ତଥା ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା ପ୍ରମୁଖ ଯୋଗଦେଇଥିଲେ। ଜୋନ୍ କମିଟିର ଜୋନ ସମ୍ପାଦକ କୈଳାସ ଚନ୍ଦ୍ର ପୁହାଣ, ରାଜ୍ୟ ପରିଷଦ ସଭ୍ୟା ନମିତା ସାହୁ, ଶଙ୍କର୍ଷଣ ବାରିକ, ଜୋନ ସହ ସମ୍ପାଦକ ବିଶ୍ୱଜିତ ନାୟକ, ଛେଡମ୍ବର ଭୋଇ, ଶରତ ସ୍ୱାଇଁ, ଶିବ ଚରଣ ବେହେରା ପ୍ରମୁଖ ପ୍ରତିବାଦ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ଜୟନ୍ତ କୁମାର ଦାସଙ୍କୁ 'ଏକ୍ସିଲେନ୍ସ ଇନ୍ ସୋସିଆଲ ସର୍ଭିସ୍' ଆୱାର୍ଡ

**ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)**

କଳିଙ୍ଗ ଭାରତୀ ଫାଉଣ୍ଡେଶନ ଓ କେଏମ୍‌ସି ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଉତ୍କଳ କେଶରୀ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଜାତୀୟ ମାନବ ସମ୍ବଳ କନ୍‌କ୍ଲେଭ-୨୦୨୫ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଫାଉଣ୍ଡେଶନର ଜାତୀୟ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଇଂ. ଅକ୍ଷୟ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଅନିଲ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସିପେଟର ପ୍ରଶାସନିକ ଅଧିକାରୀ ଓ ଦକ୍ଷତା ବିକାଶ ମୁଖ୍ୟ ଜୟନ୍ତ କୁମାର ଦାସଙ୍କୁ 'ଏକ୍ସିଲେନ୍ସ ଇନ୍ ସୋସିଆଲ ସର୍ଭିସ ଆୱାର୍ଡ ୨୦୨୫' ପ୍ରଦାନ କରାଯାଇଥିଲା। ସେ ଗରିବ ଏବଂ ଆର୍ଥିକ ଅନଗ୍ରସର ଯୁବତୀଯୁବକଙ୍କ ପାଇଁ ନିଃଶୁଳ୍କ ଦକ୍ଷତା ବିକାଶ ତାଲିମ ସହ ନିଯୁକ୍ତିର ବ୍ୟବସ୍ଥା କରାଇ ସେମାନଙ୍କୁ ରୋଜଗାରକ୍ଷମ କରାଇପାରିଛନ୍ତି। ତାଙ୍କ ଦ୍ୱାରା ମହିଳା ସଶକ୍ତୀକରଣ, ଦିବ୍ୟାଙ୍ଗଜନ, ଅନାଥ, ଆର୍ଥିକ ଅନଗ୍ରସର, ସଂଖ୍ୟାଲଘୁ ସମ୍ପ୍ରଦାୟ, ଖଣି ପ୍ରଭାବିତ ଅଞ୍ଚଳର ବହୁ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶର ବ୍ୟବସ୍ଥା କରାଯାଇଥିଲା। ତାଙ୍କ ଉଦ୍ୟମରେ ରାଜ୍ୟ ଓ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡର ଯୁବତୀଯୁବକଙ୍କୁ ଶିକ୍ଷା ତଥା ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ଦ୍ୱାରା ଉନ୍ନତ ଜୀବନ ଶୈଳୀର ଧାରା ସୃଷ୍ଟି କରିଛନ୍ତି।

# ୪୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

**ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ):**

ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ଦୋଛିଆ ନିକଟରେ ରେଞ୍ଜର ଚିତ୍ରସେନ ଜେନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଚଢ଼ାଉ କରାଯାଇ ଜଣେ ଶିକାରୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୪ଟି ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁର ବଡ଼ସାହିର ପ୍ରଦୀପ ମଲ୍ଲିକ। ମୃତ ପକ୍ଷୀଙ୍କ ମଧ୍ୟରେ ୨୩ଟି ନର୍ଦ୍ଦର୍ନ ପିଣ୍ଟେଲ, ୩ଟି ନର୍ଦ୍ଦର୍ନ ଶୋଭେଲର, ୯ଟି ଗାର୍ଗନି, ୮ଟି ଫିଜାଣ୍ଟ ଟେଲ୍ଡ ଜାକାନା ଏବଂ ଗୋଟିଏ ବ୍ରୋଞ୍ଜ ୱିଙ୍ଗଡ୍ ଜାକାନା ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ପକ୍ଷୀଙ୍କ ବ୍ୟବଚ୍ଛେଦ କରାଯିବ। ଏଥିସହ ମୃତପକ୍ଷୀଙ୍କ ନମୁନା ପରୀକ୍ଷା ପାଇଁ ଫରେନ୍‌ସିକ୍ ଲାବରେଟୋରିକୁ ପଠାଯିବ। ଦୁର୍ବୃତ୍ତମାନେ ବିଷଦେଇ ପକ୍ଷୀ ଶିକାର କରିଥିବା ସନ୍ଦେହ କରାଯାଉଛି। ଏନେଇ ଏକ ମାମଲା(ନଂ.୩/୨୫)ରୁଜୁ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଚଢ଼ାଉରେ ଭୂଷଣ୍ଡପୁର ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଅନିଲ ପିଙ୍ଗୁଆ, ସୁରକ୍ଷା ବାହିନୀର ରାକେଶ ଖଣ୍ଡାୟତରାୟ, ପ୍ରଦୀପ ପରିଡ଼ା ପ୍ରମୁଖ ସାମିଲ ଥିଲେ।



ପାରାଦୀପସ୍ଥିତ ଇଫ୍‌କୋ ସାର କାରଖାନାରୁ ଛଟେଇ ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶ୍ରମିକଙ୍କ ଧାରଣା।

# ଶିକ୍ଷାମନ୍ତ୍ରୀ ଭାବେ ଇତିହାସ ସୃଷ୍ଟି କରିଥିଲେ ଦାଦା: ମୁଖ୍ୟମନ୍ତ୍ରୀ

## ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**କଟକ,୧୮।୧୧(କାର୍ତ୍ତିକ ସାହୁ)**




କଟକ ଶହୀଦ ଭବନଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶହୀଦ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ନଗର ଉନ୍ନୟନ ମନ୍ତ୍ରୀ ଭାବରେ ସମୀର ଦେ (ଦାଦା)ଙ୍କ ସର୍ବୋତ୍ତମ କାମ ହେଉଛି ଓଡ଼ିଶାର ସର୍ବପ୍ରଥମ କରି କଟକ-ଭୁବନେଶ୍ୱରକୁ ମହାନଗର ଭାବେ ଘୋଷଣା କରିବା। ନିର୍ବାଚନୀ ପ୍ରତିଶ୍ରୁତିରେ କଟକକୁ ପୁରୁଣା ରାଜଧାନୀ ମାନ୍ୟତା ପ୍ରଦାନ, ତାହା କରିକି ଦେଖାଇଥିଲେ। ପରେ କଟକ-ଭୁବନେଶ୍ୱରକୁ ଯୁଗ୍ମ-ପୋଲିସ ମହାନଗର ଭାବରେ ତାଙ୍କ ପ୍ରଚେଷ୍ଟାରେ ବିଧାନସଭାରେ ବିଲ୍ ଗୃହୀତ ହୋଇଥିଲା। ଲୋକପାଳ ବିଲ୍ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଆଇନରେ ପରିଣତ ହୋଇଥିଲା। ଶିକ୍ଷାମନ୍ତ୍ରୀ ଭାବରେ ଦାଦା ଇତିହାସ ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଡ୍ରେସ୍ କୋଡ୍ ପ୍ରଚଳନ ତାଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ତାଙ୍କର ଜିଦ୍ ପାଇଁ ରେଭେନ୍‌ଶା ମହାବିଦ୍ୟାଳୟ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇପାରିଥିଲା। ତାଙ୍କର ଅନ୍ୟତମ ଯୁଗାନ୍ତକାରୀ ପଦକ୍ଷେପ ଥିଲା ମହାବିଦ୍ୟାଳୟ ନିର୍ବାଚନ ସଂସ୍କାର। ସେତେବେଳେ ଲିଙ୍ଗଡୋ କମିଶନ ବସି ନ ଥିଲା। ସମୀର ଦେ ସର୍ବପ୍ରଥମେ ଓଡ଼ିଶା ମହାବିଦ୍ୟାଳୟ ନିର୍ବାଚନ ଆଚାର ସଂହିତା ଲାଗୁ କରାଇଥିଲେ। କଟକରେ ଏପରି କୌଣସି ମଠ, ମନ୍ଦିର ଏବଂ ପୂଜା ମଣ୍ଡପ ନାହିଁ ଯେଉଁଠି ଦାଦାଙ୍କ ସ୍ମୃତି ନାହିଁ। ବିଶେଷକରି ମହମ୍ମଦିଆ ବଜାର ଜଗନ୍ନାଥ ମନ୍ଦିର ତାଙ୍କୁ କଟକିଆଙ୍କ ହୃଦୟରେ ଅମର କରିରଖିଛି। ବିଶେଷ କରି ସମସ୍ତ ପୂଜା କମିଟି, ସାହି କମିଟି, ସଂକୀର୍ତ୍ତନ ମଣ୍ଡଳୀ, ଭାଗବତ ଟୁଙ୍ଗୀ ସହିତ ସମୀର ଦେ'ଙ୍କର ନିବିଡ଼ ସମ୍ପର୍କ ଥିଲା। ସେଥିପାଇଁ ସେ ୭୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଓ ନିମସାହି ପୂଜା କମିଟି ସଭାପତି ଥାଇ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଓଡ଼ିଶାର କ୍ରୀଡା କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ବହୁତ ଥିଲା। ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ଏବଂ ଓଡ଼ିଶା ଜିମନାଷ୍ଟିକ ସଂଘର ସଭାପତି ଭାବରେ ତାଙ୍କ କାର୍ଯ୍ୟକୁ ଆଜି ଓଡ଼ିଶାବାସୀ ମନେ ପକାଉଛନ୍ତି। ବାରବାଟୀ ଷ୍ଟାଡିୟମର ଉନ୍ନତିରେ ତାଙ୍କର ଦାନ ଅତୁଳନୀୟ। ଓଡ଼ିଶାରେ ବହୁତ କମ୍ ରାଜନେତା ଅଛନ୍ତି ଯେଉଁମାନେ ତିନି ତିନି ଥର ଲଗାତର ବିଧାୟକ ହୋଇପାରିଛନ୍ତି, ଯାହା ସମୀର ଦେଙ୍କ ଲୋକପ୍ରିୟତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରକାଶ ସେଠୀ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ନେତା ନୟନ କିଶୋର ମହାନ୍ତି, ସ୍ୱର୍ଗତ ଦେ'ଙ୍କ ସ୍ତ୍ରୀ ଡ. ଦୀପିକା ଦତ୍ତରାୟ ମଞ୍ଚାସୀନ ଥାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା ଧନ୍ୟବାଦ ଦେଇଥିଲେ।

# 'ଆର୍ଥିକ ବିକାଶରେ ସମବାୟର ପ୍ରମୁଖ ଭୂମିକା ରହିଛି'

**ଖୋର୍ଦ୍ଧା ଜିଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ**

- ବିକାଶର ଧାରା ତୃଣମୂଳସ୍ତରରେ ପହଞ୍ଚାଅ
- ୩ ଅଗ୍ରଣୀ ଚାଷୀ, ସର୍ବଶ୍ରେଷ୍ଠ ୩ ଏସ୍ଏଚ୍‌ଜି, ଉଦ୍ୟୋଗୀ ସମ୍ବର୍ଦ୍ଧିତ



ଜିଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଉପନିବନ୍ଧକ ସମବାୟ ସମିତି ସମୂହ (ଡିଆର୍‌ସିଏସ୍) ଖୋର୍ଦ୍ଧା ବିଭାଜନ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ କେନ୍ଦ୍ର(କେସିସିବି) ଆନୁକୂଲ୍ୟରେ ମଙ୍ଗଳବାର ଜିଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ସ୍ଥାନୀୟ ଜୟୀ ରାଜଗୁରୁ ଭବନ(ଟାଉନ ହଲ୍) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ଆତ୍ମନିର୍ଭର ଭାରତ ସମବାୟ ଏକ ମାଧ୍ୟମ। କେସିସିବି ପରିଚାଳନା କମିଟି ସଭାପତି ଅଭିଷେକ ସିଂସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପଜିଲାପାଳ କିଶୋର କୁମାର ପଣ୍ଡା ମୁଖ୍ୟ ଅତିଥି, ଡିଆର୍‌ସିଏସ୍ ଅଳକାନନ୍ଦା ଜେନା, ପରିଚାଳନା ପରିଷଦ ସମ୍ପାଦକ ତଥା କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ସାରଥି ଶତପଥୀ, ସହନିବନ୍ଧକ ଖୋର୍ଦ୍ଧା ମଣ୍ଡଳ ଭଗବତ ମାରାଣ୍ଡି, ଭବାନୀ ଶଙ୍କର, ବରିଷ୍ଠ ସହନିବନ୍ଧକ ଭୁବନେଶ୍ୱର ମଣ୍ଡଳ ପ୍ରିୟବ୍ରତ ପଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତି, ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଜ୍ଞାନେନ୍ଦ୍ରିୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଶତପଥୀ ସ୍ୱାଗତ ଭାଷଣରେ ସମବାୟର ଇତିହାସ ଓ ଭିତ୍ତିଭୂମି ସମ୍ପର୍କରେ ଆଲୋକପାତ କରି କହିଥିଲେ, ଗ୍ରାମାଞ୍ଚଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡର ଉନ୍ନତି ତଥା ରାଜ୍ୟର ଅର୍ଥନୀତିର ମୁଖ୍ୟସ୍ରୋତରେ ସମବାୟ ଏକ ମାଇଲଖୁଣ୍ଟ ଭାବେ କାର୍ଯ୍ୟ କରୁଛି। ୧୯୧୦ରେ ବାଙ୍କୀଠାରେ ପ୍ରଥମେ ସମବାୟ ବ୍ୟାଙ୍କ ଆରମ୍ଭ ହୋଇଥିଲା। ୧୯୧୨ରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ହୋଇଥିଲା। ଏଥିରେ ପୁରୀ ଓ ନୟାଗଡ଼ ଜିଲାର କିଛି ଅଂଶ ଏବଂ ଖୋର୍ଦ୍ଧା ଜିଲା ଅନ୍ତର୍ଭୁକ୍ତ ରହିଛି। ୧୩ଟି କୃଷି ବ୍ୟାଙ୍କ, ୩ଟି ଅତିରିକ୍ତ କେନ୍ଦ୍ର ଏବଂ ୪ଟି ଅଣକୃଷି ବ୍ୟାଙ୍କ ଶାଖା, ୧୫୭ ସୋସାଇଟିକୁ ନେଇ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ପରିସୀମା ରହିଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ମୁଖ୍ୟ ଅତିଥି ଉପଜିଲାପାଳ ପଣ୍ଡା ସମବାୟ କାର୍ଯ୍ୟରେ ସ୍ୱଚ୍ଛତା, ବିକାଶର ଧାରାକୁ ତୃଣମୂଳସ୍ତରର ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ। ସମବାୟର ମୂଳ ଲକ୍ଷ୍ୟ ହେଉଛି ଲୋକଙ୍କ ସାମାଜିକ, ଅର୍ଥନୈତିକ ବିକାଶ। ତେଣୁ ସାଧାରଣ ବର୍ଗର ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିପାରିଲେ, ଦେଶର ସମୃଦ୍ଧିରେ ସହାୟକ ହୋଇପାରିବ। ଚାଷୀଙ୍କ ଆର୍ଥିକ ବିକାଶକୁ ସମବାୟ ସମିତି ଗୁରୁତ୍ୱ ଦେବାକୁ କହିଥିଲେ। ସମବାୟର ସାମାଜିକ ଓ ଅର୍ଥନୈତିକ ଅବଦାନ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ଗ୍ରାମୀଣ ସ୍ତରରେ ସାଧାରଣ ଲୋକଙ୍କ ଆର୍ଥିକ ବିକାଶ କ୍ଷେତ୍ରରେ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ଗୁଡିକର ପ୍ରମୁଖ ଭୂମିକା ରହିଛି। ପାକ୍ସରେ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ି ସେମାନଙ୍କ ଅର୍ଥନୈତିକ ବିକାଶରେ ମାଧ୍ୟମ ହୋଇପାରିଲେ, ଲୋକଙ୍କ ହୃଦୟ ଜିଣିପାରିବ ବୋଲି ଉପଜିଲାପାଳ ପଣ୍ଡା କହିଥିଲେ। ସେହିପରି ସଭାପତିତ୍ୱ ଭାଷଣରେ ସିଂସାମନ୍ତ କହିଥିଲେ, କେସିସିବି ଚାଷୀଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱ ଦେଇଆସିଛି। କୃଷି ପରିବାର ସଦସ୍ୟଙ୍କୁ ପ୍ରାଥମିକ କୃଷିଋଣ ସମବାୟ ସମିତିଗୁଡିକରେ ସଭ୍ୟଭୁକ୍ତ କରାଯାଇ ସେମାନଙ୍କୁ ସମବାୟ ମାଧ୍ୟମରେ କୃଷି ଓ ଚାଷ ନିମନ୍ତେ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି। ଏହାକୁ ଅଧିକ ପରିବ୍ୟାପ୍ତ ଏବଂ ସ୍ୱଚ୍ଛତା ଅବଲମ୍ବନ ପାଇଁ ପାକ୍ସଗୁଡିକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର ୧୨ଜଣ କନିଷ୍ଠ ଏବଂ ବରିଷ୍ଠ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ୩ ଅଗ୍ରଣୀ ଚାଷୀ, ସର୍ବଶ୍ରେଷ୍ଠ ୩ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସର୍ବଶ୍ରେଷ୍ଠ ଉଦ୍ୟୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଖୋର୍ଦ୍ଧା ଏବଂ ଭୁବନେଶ୍ୱର ମଣ୍ଡଳର ଡାଳତୋଳା ପାକ୍ସ, ଗାରେଡ଼ିପାଞ୍ଚଣ ପାକ୍ସ, ଆରସିଏମ୍ଏସ୍, ଭୁବନେଶ୍ୱର ପାକ୍ସକୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଛି। ତପନ ଦାସ, ସନ୍ଦୀପ ପଟ୍ଟନାୟକ ଏବଂ ଜ୍ୟୋତିରଞ୍ଜନ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଚାଳନା ପରିଷଦର ସମସ୍ତ ନିର୍ଦ୍ଦେଶକ, ସମସ୍ତ ସୋସାଇଟି ସଭାପତି, ସମ୍ପାଦକ ଏବଂ ଏସ୍ଏଚ୍‌ଜିର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ନିରାକାରପୁରରୁ ଚୋରି ବାଇକ୍ ପୁରୀରୁ ଜବତ

ନିରାକାରପୁର,୧୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରୁ ଚୋରି ବାଇକ୍‌କୁ ସ୍ଥାନୀୟ ପୋଲିସ ପୁରୀରୁ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ପୁରୀ ପୋଲିସକୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୮ରେ ନିରାକାରପୁର ପଞ୍ଚାୟତ ଅଧୀନ ନରେନ୍ଦ୍ରପୁର ସାହିର ସୋମନାଥ ପ୍ରଧାନଙ୍କ ବାଇକ୍ (ଓଡି ୦୨ ଏଭି ୦୮୦୯)କୁ କେହି ଦୁର୍ବୃତ୍ତ ଗ୍ରାମ କ୍ଲବ୍ ଘରଠାରୁ ଚୋରି କରି ନେଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ନିରାକାରପୁର ଥାନା ପୋଲିସ ଏକ ମାମଲା(ନଂ.୨୮୫/୨୫) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ପୁରୀରୁ ଏକ ଅଟୋ ଚୋରି ମାମଲାରେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ କଉଡ଼ିଖିଣି ଗ୍ରାମର ପପୁ ଖମାରୀଙ୍କୁ ପୋଲିସ ଗିରଫ କରିଥିଲା। ପୁରୀ ପୋଲିସ ପକ୍ଷରୁ ତଦନ୍ତ ପରେ ସେ ନିରାକାରପୁରରୁ ଉପରୋକ୍ତ ବାଇକ୍ ଚୋରି କରିଥିବା ମାନିଥିଲେ। ଏନେଇ ପୁରୀ ପୋଲିସ ପପୁଙ୍କୁ ନିରାକାରପୁର ପୋଲିସକୁ ହସ୍ତାନ୍ତର କରିଥିଲା। ନିରାକାରପୁର ପୋଲିସ ପପୁଙ୍କୁ ପଚରାଉଚରା ପରେ ବାଇକ୍ ଠାବ କରିଥିଲା। ମଙ୍ଗଳବାର ଏହି ବାଇକ୍‌କୁ ପୋଲିସ ଅଭିଯୋଗକାରୀ ସୋମନାଥଙ୍କୁ ହସ୍ତାନ୍ତର କରିଛି। ଅନୁରୂପଭାବେ ଅଭିଯୁକ୍ତ ପପୁଙ୍କୁ ପୁନର୍ବାର ପୁରୀ ପୋଲିସକୁ ହସ୍ତାନ୍ତର କରାଯାଇଥିବା ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି। ଅଭିଯୁକ୍ତ ପପୁଙ୍କ ନାମରେ ନିରାକାରପୁର, ପୁରୀ ସମେତ ଅନେକ ଥାନାରେ ଏକାଧିକ ମାମଲା ରହିଛି ବୋଲି ପୋଲିସ କହିଛି।

# ୨ କେନ୍ଦ୍ରରେ ପରୀକ୍ଷା ଦେଲେ ୧୮୬

**ନିମ୍ନ ପ୍ରାଥମିକ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା**

ବେଗୁନିଆ,୧୮।୧୧(ହରପ୍ରସନ୍ନ ପଣ୍ଡା)

ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ନିମ୍ନ ପ୍ରାଥମିକ ତୃତୀୟଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆବେଦନ କରିଥିବା ୧୮୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପରୀକ୍ଷା ଆୟୋଜନ କରାଯାଇଥିଲା। ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୯୯ ଜଣ ଏବଂ ଗଡ଼ମାଣତୀର ଉଚ୍ଚ ବିଦ୍ୟାଳୟରେ ୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସୂଚନା ମୁତାବକ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ୧୦୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିଲେ। ହେଲେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟ ଅଧୀକ୍ଷକ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଉପଅଧୀକ୍ଷକ ଭାବେ ପରୀକ୍ଷା କେନ୍ଦ୍ରର ଦାୟିତ୍ୱ ନିର୍ବାହ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନଳିନୀ ପ୍ରଭା ଦେବୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର, ଶିକ୍ଷୟିତ୍ରୀ ରେଶ୍ମାରଶ୍ମୀ ପାଇକରାୟ, ଶୁଭଲକ୍ଷ୍ମୀ ସାହୁ, ସସ୍ମିତା ସାହୁ ପ୍ରମୁଖ ନିରୀକ୍ଷକ ଦାୟିତ୍ୱ ତୁଲାଇଥିଲେ। କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ଏବଂ ବିଶ୍ୱରଞ୍ଜନ ପରିଡ଼ା ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଗଡ଼ମାଣତୀର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୮୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ପରୀକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି କେନ୍ଦ୍ରକୁ ଅତିରିକ୍ତ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ସେଠୀ ପରିଦର୍ଶନ କରିଥିଲେ।

# କଳା ମୁଗୁନିପଥର ବୋଝେଇ ୨ ହାଇୱା ଜବତ

**୨ ଚାଳକ ଗିରଫ**

ବେଗୁନିଆ,୧୮।୧୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ପୋଲିସ ମଙ୍ଗଳବାର କଳା ମୁଗୁନି ପଥର ବୋଝେଇ ଦୁଇଟି ହାଇୱା ଜବତ କରିଛି। ଚୋରାଚାଲାଣରେ ସମ୍ପୃକ୍ତ ଥିବାରୁ ଦୁଇ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ କୁଣ୍ଡଳସିଂହ ଗ୍ରାମର ବିଜୟ ବିଶ୍ୱାଳ(୪୦) ଏବଂ ମୟୂରଭଞ୍ଜ ଜିଲା ଉଦଳା ଥାନା ଅନ୍ତର୍ଗତ ଡମ୍ବରୁଡିହ ଗ୍ରାମର ପ୍ରତାପ ସିଂ(୪୦)। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୫୦/୨୫) ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ମଙ୍ଗଳବାର ସକାଳେ ନୟାଗଡ଼ ଜିଲା ରଣପୁର ତହସିଲ ଅଞ୍ଚଳରୁ ଦୁଇଟି କଳା ମୁଗୁନିପଥର ବୋଝେଇ ହାଇୱା(ଓଡି ୨୨କେ ୨୬୦୬, ଓଡି୦୨ବିକେ ୭୮୪୯) ଖୋର୍ଦ୍ଧା ଜିଲା ତାପଙ୍ଗସ୍ଥିତ ଏକ କ୍ରଶର ୟୁନିଟ୍‌କୁ ଯାଉଥିଲା। ଖବରପାଇ ବେଗୁନିଆ ପୋଲିସର ଏକ ଟିମ୍ ଚଢ଼ାଉକରି ବାରବାଟୀ ଗ୍ରାମ ନିକଟରୁ ଜବତ କରିଥିଲା। ତେବେ ଗିରଫ ଚାଳକଦ୍ୱୟଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

# 'ବିଜ୍ଞାନର ବିକାଶ ରାଷ୍ଟ୍ର ପ୍ରଗତିର ମୂଳମନ୍ତ୍ର'




ବିଜ୍ଞାନ ମେଳା ଅବସରରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି।

ବୋଲଗଡ଼,୧୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସାଗରଗୁଆଁ ସରକାରୀ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗତ ମାଟ୍ରିକ୍ ଟପ୍ପର ଅଂଶୁମାନ ବେହେରା ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବୈଜ୍ଞାନିକ ସୁରେନ୍ଦ୍ରନାଥ ଦଳାଇ, ମୁଖ୍ୟବକ୍ତା ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ସମ୍ମାନିତ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବଳିୟାରସିଂହ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ ଓ ଅମିତା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଂଶୁମାନ ବେହେରା, ଉପସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ଅଧ୍ୟକ୍ଷ ବୈକୁଣ୍ଠ ନାଥ ଖୁଣ୍ଟିଆ, ସାଧନକେନ୍ଦ୍ର ସଂଯୋଜକ ପ୍ରଦୀପ ବଳବନ୍ତରାୟ ଯୋଗଦେଇଥିଲେ। ସନ୍ତୋଷ ସାମଲ ସ୍ୱାଗତ ଭାଷଣ, ସୁସ୍ମିକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ ଏବଂ ରସାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ୨୦୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୩ଟି ଜିଲାସ୍ତରକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଇଓ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଦଳାଇ ବିଜ୍ଞାନର ବିକାଶ ରାଷ୍ଟ୍ର ପ୍ରଗତିର ମୂଳମନ୍ତ୍ର ବୋଲି କହିଥିଲେ। ଏହି ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ଶିକ୍ଷକ ପ୍ରଶିକ୍ଷକ ଅକ୍ଷୟ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ପୂର୍ବତନ ବୋଲଗଡ଼ ମଣ୍ଡଳ ସହଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଚରଣ ବେହେରା, ଆଇନଜୀବୀ ରମାକାନ୍ତ ସୁବୁଦ୍ଧି, ମେଳାର ପୃଷ୍ଠପୋଷକ ଜ୍ୟୋତିରଞ୍ଜନ ଅଚ୍ଛ, ଷ୍ଟେଟ୍ ବ୍ୟାଙ୍କ ପରିଚାଳକ ବିଶ୍ୱମ୍ଭର ଖଟାଇ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଶାଖା ପରିଚାଳକ କୁମାର ଗୌରବ ଦାସ, ସରପଞ୍ଚ ରମାମଣି ଦେଇ, ବିଜ୍ଞାନ ମେଳା କମିଟି ସମ୍ପାଦକ ପୀତବାସ ଲେଙ୍କା, ସାଙ୍ଗଠନିକ ସମ୍ପାଦକ ତଥା ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ବେହେରା, କୋଷାଧ୍ୟକ୍ଷ ସୁକାନ୍ତ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରକାଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ, ଲୋକନାଥ ସାହୁ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଇତିଶ୍ରୀ ମଲ୍ଲିକ, ଡ. ସନ୍ତୋଷ ବେହେରା, ଅଶୋକ ସାହୁ, ନୀଳକଣ୍ଠ ମାଝୀ ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅପର୍ତ୍ତି ଅଚ୍ଛ, ଭିକାରୀ ପୃଷ୍ଟି, ମଳୟ ପଣ୍ଡା ଏବଂ ଆୟୋଜକ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ରେଳ ଫାଟକରେ ଅସମ୍ଭାଳ ଭିଡ଼, ଫସିଲା ଆମ୍ବୁଲାନ୍ସ



ନିରାକାରପୁର,୧୮।୧୧
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରେଲୱେ ଲେଭେଲକ୍ରସିଂ ଫାଟକରେ ମଙ୍ଗଳବାର ଅପରାହ୍ନରେ ଅସମ୍ଭାଳ ଭିଡ଼ ଯୋଗୁ ପ୍ରାୟ ଦୀର୍ଘସମୟ ଧରି ଏକ ଆମ୍ବୁଲାନ୍ସ ଫସି ରହିଥିଲା। ଫାଟକର ଉଭୟ ପାର୍ଶ୍ୱରେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ରହିଥିବାରୁ କେତେଜଣ ଜନସାଧାରଣଙ୍କ ଉଦ୍ୟମ ପରେ ଆମ୍ବୁଲାନ୍ସଟି ଯାଇଥିଲା। ପ୍ରକାଶ ଯେ, ଉକ୍ତ ରାସ୍ତାଟି ଶରଣକୁଳରୁ ପୁରୀ ଯାଇଥିବା ବେଳେ ଦକ୍ଷିଣ ଓଡ଼ିଶାରୁ ଉକ୍ତ ରାସ୍ତା ଦେଇ ଶତାଧିକ ଭକ୍ତ ପୁରୀ ଯାଇଥାନ୍ତି। ତେଣୁ ଟ୍ରେନ୍ ଯିବା ସମୟରେ ଫାଟକ ବନ୍ଦ ରହୁଥିବାରୁ ଏଠାରେ ଜାମ୍ ହେଉଛି। ଏଥିପ୍ରତି ପ୍ରଶାସନ ଏବଂ ରେଳ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

# ଏମ୍‌ପି, ବିଧାୟିକାଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ନବନିର୍ମିତ କ୍ୟାଫେଟେରିଆ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

କୃଷ୍ଣପ୍ରସାଦ,୧୮।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏମ୍‌ପି ଡା.ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦ୍ୱାରା ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ବିଡିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ ପରିସରରେ ନବନିର୍ମିତ କ୍ୟାଫେଟେରିଆ (ଜଳପାନ କକ୍ଷ), ଭିଡିଓ ସମ୍ମିଳନୀ କକ୍ଷ ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, ମୁଖ୍ୟ କିରାଣୀ ପୂର୍ଣ୍ଣ ଚନ୍ଦ୍ର କାଣ୍ଡି, ବିତ୍ତ ଅଧିକାରୀ ମହେନ୍ଦ୍ର ରଞ୍ଜନ ସାହୁ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ସୌଭାଗ୍ୟ କୁମାର ବଳିୟାରସିଂହ, ଆଲୋକ କୁମାର ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମିୟ କୁମାର ପଣ୍ଡା, ବିପ୍ଳବ କେଶରୀ ପ୍ରଧାନ, ଜ୍ୟୋତି ରଞ୍ଜନ ସ୍ୱାଇଁ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଭାଜପା ନେତା ସୁରେନ୍ଦ୍ର କୁମାର ବିଶ୍ୱାଳ, ସରୋଜ କୁମାର ଜେନା, ବିଶ୍ୱ ରଞ୍ଜନ ପ୍ରଧାନ, ଯୁବ ମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀ କାନ୍ତ ଜେନା, ସାତପଡ଼ା ମଣ୍ଡଳ ଭାଜପା ସଭାପତି ପ୍ରଦୀପ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଗଡ୍ଡୁ, ଯୁବ ନେତା ଲିଟୁ ପ୍ରଧାନ ସମେତ ଲୋକ ପ୍ରତିନିଧି, ବ୍ଲକ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଦୋକାନ ଶଟର କାଟି ୧୫ ଲକ୍ଷର ଟାୟାର ନେଇଗଲେ

ବୋଲଗଡ଼,୧୮।୧୧(ଦେବବ୍ରତ ହୋତା)

ବୋଲଗଡ଼ ଥାନା ରାଜସୁନାଖଳାସ୍ଥିତ ଗଣେଶ ବଜାରରେ ଥିବା ଏକ ଦୋକାନର ଶଟର ତାଡ଼ି ଦୁର୍ବୃତ୍ତମାନେ ୧୫ ଲକ୍ଷ ଟଙ୍କାର ଟାୟାର ନେଇଯାଇଛନ୍ତି। ମଙ୍ଗଳବାର ଏନେଇ ସ୍ଥାନୀୟ ବାଙ୍କୋଇ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗଣେଶ ବଜାରରେ ଥିବା ଏମ୍‌ଆର୍‌ଏଫ୍ ସେନ୍ ଟାୟାର ଦୋକାନ ପରିଚାଳକ ରାଜାରାମ ସେଠୀ ସବୁଦିନ ଭଳି ସୋମବାର ରାତି ୮ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ତେବେ ମଙ୍ଗଳବାର ସକାଳ ୭ଟାରେ ଦୋକାନ ଖୋଲିବାକୁ ଆସିଥିବା ବେଳେ ଦୋକାନ ଶଟର କଟାଯାଇ ଟାୟାର ଏବଂ କ୍ୟାଶ୍ ଡ୍ରରେ ଥିବା ୧୦ହଜାର ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏପରିକି ଦୁର୍ବୃତ୍ତମାନେ ଚୋରି କରିବା ପୂର୍ବରୁ ଦୋକାନରେ ଲାଗିଥିବା ସିସିଟିଭି ମେଶିନକୁ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି।

# ବ୍ଲକ୍‌ସ୍ତରୀୟ ଫୁଟ୍‌ବଲ, କ୍ରିକେଟ ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ପିଲାମାନେ।

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ୍ ବିଦ୍ୟାଳୟସ୍ତରୀୟ ଫୁଟ୍‌ବଲ ଏବଂ କ୍ରିକେଟ ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ସଂଲଗ୍ନ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବରିଷ୍ଠ ଶିକ୍ଷକ ବିଶ୍ୱଜିତ୍ ପଲାଇ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ଲକର ସୁନାମ ଅର୍ଜନ କରିବା ପାଇଁ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ କ୍ରୀଡ଼ା ସଂଘ ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି ପ୍ରତିଯୋଗିତା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଫୁଟ୍‌ବଲ (ବାଳକ, ବାଳିକା), କ୍ରିକେଟ (ବାଳକ)ଦଳ ଚୟନ କରାଯାଇ ଟାଙ୍ଗୀ ବ୍ଲକ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ସହ ସମ୍ପାଦକ ରଞ୍ଜୁବାଳା ଚମ୍ପତିରାୟ, ନିରଞ୍ଜନ ସାହୁ କର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ପୂର୍ଣ୍ଣବ୍ରତ ମହାପାତ୍ର, ପ୍ରୀତମ ପଟ୍ଟନାୟକ, କ୍ରୀଡ଼ା ଶିକ୍ଷୟତ୍ରୀ ଲିଲି ପ୍ରଧାନ, ରଶ୍ମିତା ମହାକୁଡ଼, ତିଳୋତ୍ତମା ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଅରିସଲ, ଶୁଆଙ୍ଗ ବିଜୟୀ

**କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟ**

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ୍‌ରେ ଅରିସଲ ଏବଂ ଶୁଆଙ୍ଗ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଅରିସଲ ଏବଂ କଲ୍ୟାଣପୁର ଟିମ୍ ମଧ୍ୟରେ ହୋଇଥିଲା। କଲ୍ୟାଣପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପି.ସାମନ୍ତରାୟ ୬୩ରନ ସଂଗ୍ରହ କରିଥିଲେ। ଜବାବରେ ଅରିସଲ ଟିମ୍ ୧୪ଓଭରରେ ୬ ଉଇକେଟ ବିନିମୟରେ ୧୬୭ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ପ୍ରବୀଣ ପରିଡ଼ା ୬୯ରନ ସଂଗ୍ରହ କରିଥିବାରୁ ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଶୁଆଙ୍ଗ ଏବଂ ଭାଲିଆବାଡ଼ି ଟିମ୍ ମଧ୍ୟରେ ହୋଇଥିଲା। ଶୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କର ୧୫ ଓଭରରେ ୯ଉଇକେଟ ବିନିମୟରେ ୧୪୩ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆବାଡ଼ି ଟିମ୍ ୧୫ଓଭରରେ ୮ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମରେନ୍ଦ୍ର ବରାଳ ଏବଂ ନରେନ୍ଦ୍ର ବରାଳ ଶ୍ରେଷ୍ଠ ଖେଳାଳି ଭାବେ ଶୁଆଙ୍ଗ ଟିମ୍‌ର ବିଶ୍ୱଜିତ୍ ମହାନ୍ତିଙ୍କୁ ପୁରସ୍କୃତ କରିଥିଲ। ସାନୁଜ ବିଶ୍ୱାଳ, ବି.ବି.ରାଉତରାୟ, ଶୋଭାକାର ପାତ୍ର ଏବଂ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ପ୍ରକାଶ ସାହୁ ଓ ଅମ୍ଳାନ ରାଉତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାରଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଏବଂ ଅମୀୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କାଜଲ ବଳିୟାରସିଂ ମ୍ୟାଚ ରେଫରି ଦାୟିତ୍ୱେ ତୁଲାଇଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ପଲାଶପୁର ଏବଂ ମେଣ୍ଢାଶାଳ, ଦ୍ୱିତୀୟ ମ୍ୟାଚ୍ ଯଦୁପୁର ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହେବ ବୋଲି ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।



ଅତିଥିଙ୍କଠାରୁ ଜଣେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୧।୨୦୨୫

| ୪,୩୨,୩୫୬ ଟଙ୍କା | |
|---|---|
| ସୁନା | ୬.୪୫୦ ଗ୍ରାମ୍ |
| ରୁପା | ୩୩ ଗ୍ରାମ୍ |

# ଅର୍ଥନୀତି ସୁଦୃଢୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

### ଜିଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ଟାଉନ ହଲରେ ମଙ୍ଗଳବାର ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ଅର୍ଥନୀତି ସୁଦୃଢୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରିଆସିଛି। କୃଷକମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ୍ ସୁଧରେ ଋଣ ଦେବା, ସେମାନଙ୍କ ଉତ୍ପାଦର ଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ପୂର୍ବରୁ ବ୍ୟବସାୟୀମାନେ କମ୍ ଦାମରେ ଚାଷୀଙ୍କଠାରୁ ସେମାନଙ୍କ ଉତ୍ପାଦ ନେଇ ଯାଉଥିଲେ, କିନ୍ତୁ ବର୍ତ୍ତମାନ ସମୟରେ ଚାଷୀଙ୍କୁ ସେମାନଙ୍କ ଉତ୍ପାଦର ଠିକ ମୂଲ୍ୟ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ହକ ବୋଲି ବେହେରା କହିଥିଲେ। ଉପଜିଲାପାଳ ରାଜକିଶୋର ଜେନା ସମବାୟ ଆନ୍ଦୋଳନର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡି ଭିତ୍ତିଭୂମି ସୁଦୃଢ଼ କରିବା, ପାକ୍ସ କୃଷକଙ୍କୁ ସହଯୋଗ କରିବା ପାଇଁ ମତବ୍ୟକ୍ତ କରିଥିଲେ। ପୁରୀ-ନିମାପଡ଼ା ସମ୍ମିଳିତ ବ୍ୟାଙ୍କର ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧିଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଡିଆର୍‌ସିଏସ୍ ସୁନୀତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାବାର୍ଡର ଡିଡିଏମ୍ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାକ୍ସ ସମସ୍ୟା ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଚାଳକ ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ବଡ଼ଦାଣ୍ଡରେ ବେଆଇନ ଭାବେ ଶୌଚାଳୟ ନିର୍ମାଣ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡକୁ ଲାଗି ବଗଲା ଧର୍ମଶାଳା ନିକଟରେ ବେଆଇନ ଭାବେ ଶୌଚାଳୟ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଶୌଚାଳୟ ନିର୍ମାଣ କରିବାକୁ ଏକ ଘରୋଇ ସଂସ୍ଥାକୁ ପ୍ରଶାସନ ଅନୁମତି ଦେଇଛି। ତେଣୁ ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସାମାଜିକ କର୍ମୀ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, ନିର୍ମାଣାଧୀନ ଶୌଚାଳୟ ନିକଟରେ ପୂର୍ବରୁ ଗୋଟିଏ ଶୌଚାଳୟ ରହିଛି। ଏବେ ପୁଣି ବେଆଇନ ଭାବେ ଶୌଚାଳୟ ନିର୍ମାଣ କରାଯାଉଛି। ପ୍ରଶାସନର ଏପରି ନିୟମ ଝିଙ୍କିକା ମାରି ବଣି ପୋଷିବା ସଦୃଶ। ପୁରୀ ପୌରସଂସ୍ଥା ଅଧୀନରେ ମାଗଣା ସର୍ବସାଧାରଣ ଶୌଚାଳୟ ରହିଛି। ମାତ୍ର ତାହାକୁ ବନ୍ଦ କରାଯାଇ ତାହାରି ଆଗରେ ଏକ ଘରୋଇ ସଂସ୍ଥାକୁ ଶୌଚାଳୟ ନିର୍ମାଣ ପାଇଁ ଅନୁମତି ଦେବା କେତେଦୂର ଠିକ୍ ବୁଝାପଡୁନାହିଁ। ଏହାକୁ ବିରୋଧ କରାଯିବ ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ଜନସାଧାରଣଙ୍କ ନିମନ୍ତେ ଶୌଚାଳୟ ଥିଲେ ମଧ୍ୟ ଜମିଜମା ବିବାଦ କାରଣରୁ ତାହା ଦୀର୍ଘଦିନ ଧରି ବନ୍ଦ ପଡ଼ିଛି। ତେଣୁ ଘରୋଇ ସଂସ୍ଥା ଏକ ଶୌଚାଳୟ ନିର୍ମାଣ କରୁଛି।

# କୋରୁଆଳରେ ୩୫ତମ ପାଲା ଗାୟକ ସମ୍ମିଳନୀ

ଯୋଗେଶ୍ୱରପୁର,୧୮।୧୧(ରଶ୍ମି ରଞ୍ଜନ ସାହୁ)

ପୁରୀ ଜିଲା ପାଲା ଗାୟକ ଓ ଗାୟିକାଙ୍କ ପକ୍ଷରୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର କୋରୁଆଳରେ ସୋମବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ପୁରୀ ଜିଲା ପାଲାଗାୟକ ସଂଘର ସଭାପତି ଲକ୍ଷ୍ମୀଧର ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ପାଲା ଗାୟକ ସଂଘର ସମ୍ପାଦକ ବସନ୍ତ ରାଉତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ଶରତ କୁମାର ଦଳାଇ, ବାଉରୀବନ୍ଧୁ ସାହୁ, ମଙ୍ଗରାଜ ବିଶାଳ ପ୍ରମୁଖ ଯୋଗଦେଇ ପାଲା କିପରି ସମାଜରେ ବଞ୍ଚିରହିବ ସାହିତ୍ୟକୁ ପାଲା ମାଧ୍ୟମରେ ବଞ୍ଚାଇ ରଖିବା ଓ ପାଲାର ଆଭିମୁଖ୍ୟ ଉପରେ ଆଲୋଚନା ହେଇଥିଲା। ପାଲା ପ୍ରତି ଲୋକେ ଯେପରି ଆକୃଷ୍ଟ ହୋଇପାରିବେ, ସେ ଦିଗରେ ବିଶେଷ ଭାବେ ପାଲା ଗାୟକ, ଗାୟିକାମାନେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ପ୍ରଫୁଲ୍ଲ କୁମାର ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

## ସଂକ୍ଷେପରେ

### ୭ବର୍ଷ ପରେ ଅଭିଯୁକ୍ତଙ୍କୁ ଧରିଲା ପୋଲିସ

#### ଟଙ୍କା ବ୍ୟାଗ୍ ଚୋରି ଘଟଣା

ଅସ୍ତରଙ୍ଗ,୧୮।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବଜାରରେ ଟଙ୍କା ବ୍ୟାଗ୍ ଚୋରି ଘଟଣାରେ ପୋଲିସ ୭ବର୍ଷ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଅଭିଯୁକ୍ତ ଜଣଙ୍କ ହେଲେ ଅସ୍ତରଙ୍ଗ ଥାନା ତାଳଦା ଗ୍ରାମର ଲୋକନାଥ ବେହେରା। ସୂଚନାଯୋଗ୍ୟ, ୧୭ ସେପ୍ଟେମ୍ବର ୨୦୧୮ ମସିହାରେ କୁହୁଡ଼ି ଗ୍ରାମର ଧୋବେଇ ଲେଙ୍କା ଅସ୍ତରଙ୍ଗସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ବ୍ୟାଗରେ ନେଇ ବଜାରକୁ ଆସିଥିଲେ। ଅସ୍ତରଙ୍ଗ ତାରିଣୀ ମନ୍ଦିର ନିକଟରେ ସାଇକେଲ ରଖି ଚା' ଦୋକାନକୁ ଆସୁଥିବା ବେଳେ କେହି ଦୁର୍ବୃତ୍ତ ବାଇକ୍‌ରେ ଆସି ଟଙ୍କା ବ୍ୟାଗ ନେଇ ପଳାଇଥିଲେ। ଏହାକୁ ନେଇ କୁହୁଡି ଗ୍ରାମର ଧୋବେଇ ଲେଙ୍କା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେଶ ନମ୍ବର ୭୫/୨୦୧୮ରେ ମାମଲା ରୁଜୁ କରି ତଦନ୍ତକାରୀ ପୋଲିସ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଥିଲେ। ଅଭିଯୁକ୍ତ ଲୋକନାଥଙ୍କ ନାମରେ ଚୋରି ମାମଲାରେ ନିମାପଡ଼ା ଅଦାଲତରେ ୫୫୧/୨୦୧୮ରେ ଏକ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସେହିଦିନ ଠାରୁ ଅଭିଯୁକ୍ତ ଲୋକନାଥ ବେହେରା ପୋଲିସକୁ ଚକମା ଦେଇ ଖସି ଯାଇଥିଲେ। କିନ୍ତୁ ଅସ୍ତରଙ୍ଗ ପୋଲିସ ବିଶେଷସୂତ୍ରରୁ ଖବରପାଇ ଏଡ଼ବାଂଶ ହାଟରୁ ଗତ ୧୬ ତାରିଖରେ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ କାବୁ କରିଥିଲା ପୋଲିସ।

### କାକଟପୁରରୁ ଚୋରି ବୋଲେରୋ ଧଉଳିରୁ ଉଦ୍ଧାର

ଅସ୍ତରଙ୍ଗ,୧୮।୧୧(ମମତା ଜେନା)

ଅସ୍ତରଙ୍ଗ କାକଟପୁର ମୁଖ୍ୟ ରାସ୍ତା ମେଡିକାଲ ଛକସ୍ଥିତ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ଘର ଆଗରୁ ତାଙ୍କର ଏକ ବୋଲେରୋ ଗାଡ଼ି (ଓଡି-୦୨-ଡି-୦୩୬୫)କୁ ରବିବାର ରାତିରେ ଦୁର୍ବୃତ୍ତ ଚୋରିକରି ନେଇଥିଲେ। ଏ ସଂକ୍ରାନ୍ତରେ ସ୍ୱାଇଁଙ୍କ ପୁଅ ସୌଭାଗ୍ୟ ରଞ୍ଜନ ସ୍ୱାଇଁ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ଗୌରୀ ଶଙ୍କର ସେଠୀ ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରିବା ପରେ ଗାଡ଼ିକୁ ଦୁର୍ବୃତ୍ତମାନେ ଧଉଳି ଛକ ନିକଟରୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ କେସ୍ ନମ୍ବର ୩୩୯/୨୫ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ଜିଲା ଯୁବ କଂଗ୍ରେସ ପକ୍ଷରୁ ଭୋଟ ଚୋରି ସଚେତନତା



ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଯୁବ କଂଗ୍ରେସ ପକ୍ଷରୁ ମଙ୍ଗଳବାର ଭୋଟ ଚୋରି ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ, ଓବିସି ଜିଲା ସଭାପତି ରଶ୍ମୀକାନ୍ତ ସାହୁ, ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ମନୋଜ ମଣ୍ଡଳ, ଜିଲା ଯୁବ କଂଗ୍ରେସ ଉପସଭାପତି ଅନୀଲ ବେଗ୍‌ଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଜନସଚେତନତା ପାଇଁ ଯୁବ କଂଗ୍ରେସ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ଭିଆଇପି ରୋଡ୍ ଅନନ୍ୟ ରିସୋର୍ଟରୁ ବାହାରି ସହର ପରିକ୍ରମା କରି ସ୍ଲୋଗାନ ଦେବା ସହ ଅନେକ ଜାଗାରେ ସଚେତନ ପୋଷ୍ଟର ଲଗାଇଥିଲେ ।

# ଆଜିଠୁ ୩ଦିନ ଶ୍ରୀମନ୍ଦିରରେ ଦେବ ଦୀପାବଳି

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ମାର୍ଗଶୀର ମାସ ଚତୁର୍ଦ୍ଦଶୀ ତିଥି ବୁଧବାରଠାରୁ ଶ୍ରୀମନ୍ଦିରରେ ତିନିଦିନ ବ୍ୟାପି ଦେବଦୀପାବଳି ଉତ୍ସବ ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦ ତିଥିରେ ତିନିଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିବେ। ଏହି ତିନି ଦିନ ଶ୍ରୀଜଗନ୍ନାଥ ଶ୍ରାଦ୍ଧବେଶରେ ଭୂଷିତ ହୋଇ ବାମନ ରୂପରେ ସତ୍ୟଯୁଗର ଅଦିତି ଓ କଶ୍ୟପ, ଶ୍ରୀରାମ ରୂପରେ ତ୍ରେତୟା ଯୁଗର କୌଶଲ୍ୟା ଓ ଦଶରଥ ଏବଂ ଶ୍ରୀକୃଷ୍ଣ ରୂପରେ ଦେବକୀ ଓ ବସୁଦେବ, ନନ୍ଦ ଯଶୋଦା ତଥା ଗୁଣ୍ଡିଚା ଓ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି। ଏନେଇ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଥାଏ। ଏହି ଅବସରରେ ଶ୍ରୀବିଗ୍ରହମାନଙ୍କୁ ଶ୍ରାଦ୍ଧବେଶରେ ସଜ୍ଜିତ କରାଯାଏ। ଠାକୁରମାନେ କାଶିଧଡ଼ିଆ ବସ୍ତ୍ର ପରିଧାନ କରିଥାନ୍ତି। ଏହାର ରଙ୍ଗ ଶ୍ୱେତବର୍ଣ୍ଣ ଓ ଧଡ଼ିରେ ବଡ଼ ବଡ଼ କୁମ୍ଭମାନ ପଡ଼ିଥାଏ। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧବେଶରେ ସଜ୍ଜିତ କରିଥାନ୍ତି। ଏହି ଅବସରରେ ଠାକୁରମାନେ ନଳୀଭୂଜ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ତଡ଼ଗି, ହରିଡ଼ାମାଳି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ନୀତି ପରେ ବୃନ୍ଦରା ସେବାୟତ ଶ୍ରୀମନ୍ଦିର ଚୂଡ଼ାକୁ ଉଠି ଦୀପ ଜାଳିଥାନ୍ତି। ସେହିପରି ପିତୃଶ୍ରାଦ୍ଧର ତୃତୀୟ ଦିବସରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାନ୍ତି। ବନ୍ଦାପନା ସହ ବିଭିନ୍ନ ନୀତି ସମ୍ପାଦନ ହେବାପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି।

# ଆଧ୍ୟାତ୍ମିକ ପୁସ୍ତକ 'ଭକ୍ତର ଭାବରେ ଭଗବାନ' ଲୋକାର୍ପିତ



ଅତିଥିମାନେ 'ଭକ୍ତର ଭାବରେ ଭଗବାନ' ଆଧ୍ୟାତ୍ମିକ ପୁସ୍ତକର ଲୋକାର୍ପଣ କରୁଛନ୍ତି ।

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପୁରୀ ଶାଖା ପକ୍ଷରୁ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟରେ ମଙ୍ଗଳବାର 'ଭକ୍ତର ଭାବରେ ଭଗବାନ' ଆଧ୍ୟାତ୍ମିକ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ କହିଲେ, ସାତଜଣ ଭକ୍ତଙ୍କୁ ନେଇ ଆଧ୍ୟାତ୍ମିକ ପୁସ୍ତକଟି ରଚନା ହୋଇଛି। ଭକ୍ତର ଭାବକୁ ପୁସ୍ତକରେ ସ୍ଥାନିତ କରାଯାଇଛି। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାଶ ଯୋଗଦେଇ କହିଲେ, ଶ୍ରୀମଦ୍ ଭଗବତ ଗୀତାରେ ମାନବ ଜୀବନ ଦର୍ଶନକୁ ମହାନ୍ ଦିଗ୍‌ଦର୍ଶନ ଦେଇଛି। ପ୍ରତ୍ୟେକ ଆଧ୍ୟାତ୍ମିକ ପୁସ୍ତକ ମାନବ ଜୀବନକୁ ଶୃଙ୍ଖଳିତ କରିଥାଏ। ସେହିପରି ବିଶିଷ୍ଟ ଅତିଥିଭାବେ ପୁସ୍ତକର ଲେଖକ ଇଂ. କେଶବ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରାଧ୍ୟାପକ ରବିଶଙ୍କର ମିଶ୍ର, ପଣ୍ଡିତ ଦୟାନିଧି ତ୍ରିପାଠୀ ମଞ୍ଚାସୀନ ଥିଲେ। ପୁସ୍ତକ 'ଭକ୍ତ ଭାବରେ ଭଗବାନ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ଅଶୋକ କୁମାର ଆଢ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

# କାର୍ଯ୍ୟ କର, ନ ହେଲେ କାର୍ଯ୍ୟାନୁଷ୍ଠାନ

### ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୀକ୍ଷା ବୈଠକ

ଗୋପ,୧୮।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ସରକାରୀ ଯୋଜନା ଉପରେ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳକୁ ଆସୁଥିବା ସ୍ୱାସ୍ଥ୍ୟସେବାଗୁଡ଼ିକୁ ଠିକ ଭାବରେ ଦେଖ, ନ ହେଲେ ଯେକୌଣସି ସମୟରେ ଅଭିଯୋଗ ଆସିବ ତୁମମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଙ୍ଗଳବାର ପୂର୍ବାହ୍ନରେ ଗୋପ ଡାକ୍ତରଖାନାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନୀ ଆଫ୍ରୋଜ ଏପରି ନିର୍ଦ୍ଦେଶ ଦେଇଥିଲେ। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୯ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ସବୁ ଯୋଜନାର ସଫଳତା ଓ ବିଫଳତା ଉପରେ ମଧ୍ୟ ସରକାର ସମୀକ୍ଷା କରୁଛନ୍ତି। ସରକାର ଯୋଜନା ମଧ୍ୟରେ ଟବାକୋ ଯୋଜନା, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଜନନୀ ସୁରକ୍ଷା ଯୋଜନା, ପରିଷ୍କାର ପରିଚ୍ଛନ୍ନତା, ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା, ଗ୍ରାମାଞ୍ଚଳରେ ଶିଶୁ ମୃତ୍ୟୁ, ମାତୃଶକ୍ତି ଯୋଜନା ସହିତ ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇ ସମୀକ୍ଷା କରାଯାଇଥିଲା। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଉପରେ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମଚାରୀ, ଆଶାକର୍ମୀଙ୍କ ଗୁରୁତ୍ୱ ଅଧିକ ଥିବାରୁ ସେମାନେ ଯେପରି ଏହି ସବୁ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଆଫ୍ରୋଜ ଦୃଷ୍ଟିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଡା. ସରିତା ମିଶ୍ର, କ୍ଷେତ୍ରମଣୀ ସେଠୀ, ସୁଶାନ୍ତ କୁମାର ରାଉତ, ମନୋଜ କୁମାର ମହାନ୍ତି, ସମ୍ପଦ କୁମାର ପ୍ରଧାନ, ସୌଦାମିନୀ ସାହୁ, କୃତିବିଭା ମହାନ୍ତି ଓ ରାଜେଶ କୁମାର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ନିଲମ୍ବନ ହୋଇନାହାନ୍ତି ଅଭିଯୁକ୍ତ ଡାକ୍ତର

କଣାସ,୧୮।୧୧(ବିଭୂତି ଭୂଷଣ ତ୍ରିପାଠୀ)

ବଳାତ୍କାର ଉଦ୍ୟମ ଅଭିଯୋଗରେ ଛନ୍ଦି ହୋଇଥିବା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତରଙ୍କୁ ଏପର୍ଯ୍ୟନ୍ତ ଚାକିରିରୁ ନିଲମ୍ବନ କରାଯାଇନାହିଁ। ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରାଯିବାର ୧୫ ଦିନ ପରେ ମଧ୍ୟ ଚାକିରିରୁ ନିଲମ୍ବନ କରା ନ ଯିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଗତ ୩ତାରିଖରେ ଭୁବନେଶ୍ୱର ଏୟାର ଫିଲ୍ଡ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୪ ତାରିଖରେ ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୫ତାରିଖରେ ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏକ ଦଳ କଣାସ ଆସି ତଦନ୍ତ କରିବା ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ରିପୋର୍ଟ ଦେଇଥିଲେ। ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ଦିଆସରିଛି। ଏହାସତ୍ତ୍ୱେ ଅଭିଯୁକ୍ତ ଡାକ୍ତରଙ୍କୁ ପ୍ରଶାସନ ଘଣ୍ଟ ଘୋଡ଼ାଉଛି। ତୁରନ୍ତ ସରକାର ତାଙ୍କୁ ନିଲମ୍ବନ କରିବାକୁ ସାଧାରଣରେ ଦାବି ହେଉଛି।

# ୩୮ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପଡ଼ିଆ ଠାରେ ୩୮ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୧୨ଟି ଦଳ ଭାଗ ନେଇଛନ୍ତି। ଟୁର୍ନାମେଣ୍ଟରେ ପ୍ରାୟ ୭୦୦ରୁ ଅଧିକ ଖେଳାଳି ଓ ଅଫିସିଆଲ୍ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଜିଲା ହ୍ୟାଣ୍ଡବଲ ସଂଘ ପୁରୀ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ଓଡ଼ିଶା ଅଲମ୍ପିକ୍ ସଂଘର ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲମ୍ପିକ ସଂଘର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ, ସାମାଜିକ କର୍ମୀ ଗୋପାଳ ଖୁଣ୍ଟିଆ, ଯୁବନେତା ଜୟନ୍ତ ଦାଶ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନରେ ପୁରୁଷ ବିଭାଗ ଖେଳରେ କେନ୍ଦୁଝର ଦଳ ପାରାଦ୍ୱୀପକୁ ୩୦-୦୨ ଗୋଲ, ଗଞ୍ଜାମ ଦଳ ରାୟଗଡ଼ାକୁ ୨୭-୧୩ ଗୋଲ ଓ ଯାଜପୁର ଦଳ କଟକ ଦଳକୁ ୨୮-୧୫ ଗୋଲ ସ୍କୋର ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହିପରି ମହିଳା ବିଭାଗ ଖେଳରେ ପୁରୀ ଦଳ ଜଗତସିଂହପୁରକୁ ୧୨-୦୩ ଗୋଲ, କେନ୍ଦୁଝର ଦଳ ପାରାଦ୍ୱୀପକୁ ୧୩-୦୧ ଗୋଲ, ଯାଜପୁର ଦଳ କଟକକୁ ୧୮-୦୧ ଗୋଲରେ ଓ ଗଞ୍ଜାମ ଦଳ ଭୁବନେଶ୍ୱରକୁ ୧୩-୦୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ୍ ଆସୋସିଏଶନର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂଙ୍କ ସହ ଜିଲା ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ପାର୍ଥ ସାରଥି ମହାପାତ୍ର ଓ ସମ୍ପାଦକ ସିତେନ୍ଦ୍ର ନାଥ ଦାସ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।





୩୮ତମ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

# ଅନୁବାଦକ ସାରା ବିଶ୍ୱରେ ଚିନ୍ତନର ପ୍ରସାର କରିଥାଏ

### ଭାରତୀୟ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)





ସମ୍ମିଳନୀରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ଜୟଦେବ ସଭାଗାରରେ ଅଥର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଏବଂ ଭାରତୀୟ ରିପ୍ରୋଗ୍ରାଫିକ ରାଇଟ୍ସ ଅଗ୍ରାନାଇଜେଶନ ତଥା କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଭାରତୀୟ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଯୋଗଦେଇ ପୁସ୍ତକ ରଚନାର ମହତ୍ୱ ଓ ସମାଜରେ ଏହାର ଉପଯୋଗୀତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ଭାଷାରେ ରଚନା କରାଯାଇଥିବା ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା। ସେହିପରି ଦ୍ୱିତୀୟ ଅଧିବେଶନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ ଡ. ଅଶୋକ ଗୁପ୍ତା ସଭାପତି ହରି ସିଂ ପାଲ୍, ଆରଆର୍‌ଓର ଡେପୁଟି ଚେୟାରମ୍ୟାନ ଡ. ଏସ୍ ଏସ୍ ଅୱସ୍ତି ଉପସ୍ଥିତ ରହି ବିଭିନ୍ନ ଭାଷା ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ଅନୁବାଦ ସାହିତ୍ୟର ବିଭିନ୍ନ ବିଭବ ସମ୍ପର୍କରେ ଆଲୋଚନା କରିବା ସହିତ ଅନୁବାଦ ଦ୍ୱାରା ଅନ୍ୟ ସଂସ୍କୃତିକୁ ଜାଣିବାର ସୁଯୋଗ ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଭାଷାତତ୍ତ୍ୱବିତ୍ ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇ କହିଥିଲେ, ଅନୁବାଦକ ସାରା ବିଶ୍ୱରେ ଚିନ୍ତନର ପ୍ରସାର କରିଥାଏ। ଅନୁବାଦ ଭାଷାର ନୁହେଁ ଭାବର ରୂପାନ୍ତର। ସମ୍ମାନିତ ଅତିଥି ଭାବେ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଭାତ କୁମାର ମହାପାତ୍ର ଉପସ୍ଥିତ ରହି ସାହିତ୍ୟର ଭୂମିକା ଏବଂ ଅନୁବାଦ କଳା ବିଭିନ୍ନ ଭାଷାଭାଷୀମାନଙ୍କ ମଧ୍ୟରେ କିଭଳି ଯୋଗସୂତ୍ର ରକ୍ଷା କରିଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥିଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀ ଉପସ୍ଥିତ ରହି ଅନୁବାଦ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟର ପ୍ରାକ୍ତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଉଦୟନାଥ ନାୟକ ସଂଯୋଜନା କରିଥିଲେ।

# ଶିକ୍ଷାମନ୍ତ୍ରୀ ଭାବେ ଇତିହାସ ସୃଷ୍ଟି କରିଥିଲେ ଦାଦା: ମୁଖ୍ୟମନ୍ତ୍ରୀ

କଟକ,୧୮।୧୧(କାର୍ତ୍ତିକ ସାହୁ)




କଟକ ଶହୀଦ ଭବନଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶହୀଦ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଟ୍ରଷ୍ଟର ଅଧକ୍ଷ ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଲେ, ନଗର ଉନ୍ନୟନ ମନ୍ତ୍ରୀ ଭାବରେ ସମୀର ଦେ (ଦାଦା)ଙ୍କ ସର୍ବୋତ୍ତମ କାମ ହେଉଛି ଓଡ଼ିଶାର ସର୍ବପ୍ରଥମ କରି କଟକ-ଭୁବନେଶ୍ୱରକୁ ମହାନଗର ଭାବେ ଘୋଷଣା କରିବା। ନିର୍ବାଚନୀ ପ୍ରତିଶ୍ରୁତିରେ କଟକକୁ ପୁରୁଣା ରାଜଧାନୀ ମାନ୍ୟତା ପ୍ରଦାନ, ତାହା କରିକି ଦେଖାଇଥିଲେ। ପରେ କଟକ-ଭୁବନେଶ୍ୱରକୁ ଯୁଗ୍ମ-ପୋଲିସ ମହାନଗର ଭାବରେ ତାଙ୍କ ପ୍ରଚେଷ୍ଟାରେ ବିଧାନସଭାରେ ବିଲ୍ ଗୃହୀତ ହୋଇଥିଲା। ଲୋକପାଳ ବିଲ୍ ତାଙ୍କ ନେତୃତ୍ୱରେ ଓଡ଼ିଶାରେ ଆଇନରେ ପରିଣତ ହୋଇଥିଲା। ଶିକ୍ଷାମନ୍ତ୍ରୀ ଭାବରେ ଦାଦା ଇତିହାସ ସୃଷ୍ଟି କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଡ୍ରେସ୍ କୋଡ୍ ପ୍ରଚଳନ ତାଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ଥିଲା। ତାଙ୍କର ଜିଦ୍ ପାଇଁ ରେଭେନ୍‌ଶା ମହାବିଦ୍ୟାଳୟ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇପାରିଥିଲା। ତାଙ୍କର ଅନ୍ୟତମ ଯୁଗାନ୍ତକାରୀ ପଦକ୍ଷେପ ଥିଲା ମହାବିଦ୍ୟାଳୟ ନିର୍ବାଚନ ସଂସ୍କାର। ସେତେବେଳେ ଲିଙ୍ଗଡୋ କମିଶନ ବସି ନ ଥିଲା। ସମୀର ଦେ ସର୍ବପ୍ରଥମେ ଓଡ଼ିଶା ମହାବିଦ୍ୟାଳୟ ନିର୍ବାଚନ ଆଚାର ସଂହିତା ଲାଗୁ କରାଇଥିଲେ। କଟକରେ ଏପରି କୌଣସି ମଠ, ମନ୍ଦିର ଏବଂ ପୂଜା ମଣ୍ଡପ ନାହିଁ ଯେଉଁଠି ଦାଦାଙ୍କ ସ୍ମୃତି ନାହିଁ। ବିଶେଷକରି ମହମ୍ମଦିଆ ବଜାର ଜଗନ୍ନାଥ ମନ୍ଦିର ତାଙ୍କୁ କଟକିଆଙ୍କ ହୃଦୟରେ ଅମର କରିରଖିଛି। ବିଶେଷ କରି ସମସ୍ତ ପୂଜା କମିଟି, ସାହି କମିଟି, ସଂକୀର୍ତ୍ତନ ମଣ୍ଡଳୀ, ଭାଗବତ ଟୁଙ୍ଗୀ ସହିତ ସମୀର ଦେ'ଙ୍କର ନିବିଡ଼ ସମ୍ପର୍କ ଥିଲା। ସେଥିପାଇଁ ସେ ୭୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଓ ନିମସାହି ପୂଜା କମିଟି ସଭାପତି ଥାଇ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଓଡ଼ିଶାର କ୍ରୀଡା କ୍ଷେତ୍ରରେ ମଧ୍ୟ ତାଙ୍କ ଅବଦାନ ବହୁତ ଥିଲା। ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ଏବଂ ଓଡ଼ିଶା ଜିମନାଷ୍ଟିକ ସଂଘର ସଭାପତି ଭାବରେ ତାଙ୍କ କାର୍ଯ୍ୟକୁ ଆଜି ଓଡ଼ିଶାବାସୀ ମନେ ପକାଉଛନ୍ତି। ବାରବାଟୀ ଷ୍ଟାଡିୟମର ଉନ୍ନତିରେ ତାଙ୍କର ଦାନ ଅତୁଳନୀୟ। ଓଡ଼ିଶାରେ ବହୁତ କମ୍ ରାଜନେତା ଅଛନ୍ତି ଯେଉଁମାନେ ତିନି ତିନି ଥର ଲଗାତର ବିଧାୟକ ହୋଇପାରିଛନ୍ତି, ଯାହା ସମୀର ଦେଙ୍କ ଲୋକପ୍ରିୟତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରକାଶ ସେଠୀ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ଭାଜପା ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ନେତା ନୟନ କିଶୋର ମହାନ୍ତି, ସ୍ୱର୍ଗତ ଦେ'ଙ୍କ ସ୍ତ୍ରୀ ଡ. ଦୀପିକା ଦତ୍ତରାୟ ମଞ୍ଚାସୀନ ଥାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିନୋଦ ଦାସ, ଅନୁପ ବୋଷ, ସୌରଚନ୍ଦ୍ର ମହାପାତ୍ର, ବିଜୟ ସାହୁ, ବୀରେନ୍ଦ୍ର କୁମାର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ମୃତି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଯ୍ୟୋଧନ ଲେଙ୍କା ଧନ୍ୟବାଦ ଦେଇଥିଲେ। ନରେଶ କୁମାର ସାହୁ, ଭବାନୀ ପ୍ରସାଦ ମିଶ୍ର, ଦେବୁ ବୋଷ, ଦୀପକ ମହାନ୍ତି ଓ ରଜନୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସମୀର ଦେଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ**

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ

**ଅଭିଯୁକ୍ତ କୋର୍ଟ ଚାଲାଣ**

କଟକ,୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ର ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ୱାର୍ଡ ଆଟେଣ୍ଡାଣ୍ଟ ମଦ୍ୟପାନ କରି ଏଭଳି କାଣ୍ଡ ଭିଆଇଥିବା ବେଳେ ଯୁବତୀଙ୍କ ପରିବାରବର୍ଗଙ୍କ ଅଭିଯୋଗ ଆଧାରରେ ମଙ୍ଗଳାବାଗ ଥାନା ପୋଲିସ ଯାଜପୁର ଅଞ୍ଚଳର ମାନସ ରଞ୍ଜନ ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ପୋଲିସ ସୂଚନା ମୁତାବକ, ଏସ୍‌ସିବି ମେଡିକାଲର ମେଡିସିନ ବିଭାଗ ଆଇସିୟୁରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ଜଣେ ୨୩ ବର୍ଷୀୟା ଯୁବତୀ ବିଷପିଇ ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଉକ୍ତ ଆଇସିୟୁରେ ମାନସ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ରବିବାର ବିଳମ୍ବିତ ରାତିରେ ଆଇସିୟୁରୁ ଡାକ୍ତର ଯିବା ପରେ ମାନସ ମଦ୍ୟପାନ କରି ସେଠାରେ ବୁଲାବୁଲି କରୁଥିଲେ। ସେହି ସମୟରେ ଯୁବତୀ ଯନ୍ତ୍ରଣାରେ ଛଟପଟ ହେଉଥିଲେ ଏବଂ ସାଲାଇନ ସରିଯିବାରୁ ସାଲାଇନ ବୋତଲ କାଢ଼ି ମାନସ ତଳେ ରଖିଥିଲେ। ପରେ ଛୁଞ୍ଚ କାଢ଼ିବାକୁ ଉଦ୍ୟମ କରି ମାନସ ଯୁବତୀଙ୍କୁ କ'ଣ ହେଉଛି ବୋଲି ପଚାରିଥିଲେ। ଯୁବତୀ କୌଣସି ଉତ୍ତର ଦେବା ଅବସ୍ଥାରେ ନ ଥିଲେ। ଏହାର ସୁଯୋଗ ନେଇ ମାନସ ଯୁବତୀଙ୍କ ସହିତ ଅସଦାଚରଣ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ଏ ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ପରିବାରବର୍ଗ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ ମାନସଙ୍କୁ ଗିରଫ କରିଥିଲା। ମାତ୍ରାଧିକ ମଦ୍ୟାପନ ଯୋଗୁ ସମ୍ପୃକ୍ତା ଯୁବତୀଙ୍କୁ ଅସଦାଚରଣ କରିଥିବା ଜେରା ସମୟରେ ପୋଲିସ ସାମ୍ନାରେ ସେ ସ୍ୱୀକାର କରିଛି। ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋର୍ତିମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାଙ୍କୁ ଚାକିରିରୁ ବହିଷ୍କାର କରାଯିବ। ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ସାପ କାମୁଡ଼ାରେ ୱାର୍ଡମେମ୍ବର ମୃତ

ମଙ୍ଗୁଳି-ଜଗତପୁର,୧୮।୧୧(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ଗ୍ରାମରେ ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ବୃଦ୍ଧ ଜଣଙ୍କ ହେଲେମ ହିଷାଲଣ୍ଡା ଗ୍ରାମ ପଞ୍ଚାୟତ ୭ ନଂ. ୱାର୍ଡମେମ୍ବର ପୀତାମ୍ବର ଦେହୁରୀ (୭୫)। ଏ ନେଇ ଚୌଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେଇଛି। ସୂଚନା ମୁତାବକ, ପୀତାମ୍ବର ସୋମବାର ଅପରାହ୍ଣରେ ବିଲକୁ ଧାନ କାଟିବାକୁ ଯାଇଥିଲେ। ସେହି ସମୟରେ ଏକ ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ବିଲରେ ଥିବା ଅନ୍ୟ ଚାଷୀ ତାଙ୍କୁ ଉଦ୍ଧାର କରି କଟକ ବଡ ମେଡିକାଲ ନେଇଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୀତାମ୍ବରଙ୍କ ମଙ୍ଗଳବାର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ମରଶରୀର ଗ୍ରାମ ପରିକ୍ରମା କରି ସ୍ଥାନୀୟ ମଶାଣିରେ ଶେଷକୃତ ସମ୍ପନ କରାଯାଇଛି। ତାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଶିଶୁଙ୍କୁ ଶୀତ ପୋଷାକ ବଣ୍ଟନ

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନଙ୍କୁ ନୂତନ ଶୀତ ପୋଷାକ ବଣ୍ଟନ କରାଯାଇଛି। ସ୍ଥାନୀୟ ମହିଳା ସମିତି ଆରୋଗ୍ୟ ସେବା ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ଅତିଥି ଭାବେ ଯୋଗଦେଇ ଛୋଟ ଛୋଟ ପିଲାମାନଙ୍କୁ ଶୀତ ପୋଷାକ ବଣ୍ଟନ କରିଥିଲେ। କେନ୍ଦ୍ରର ସ୍ୱର୍ଣ୍ଣଲତା ଦାସ, ଦୀପିକା ଭୂୟାଁ, ଲୋପାମୁଦ୍ରା ମଲ୍ଲିକ, ଅପର୍ଣ୍ଣାରାଣୀ ବେହେରା, ପୁଷ୍ପଲତା ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ଅଭିଭାବକ ଉପସ୍ଥିତ ଥିଲେ।

## କଟକ ସଦର ବ୍ଲକ୍: ଆର୍‌ଟିଆଇରୁ ମିଳୁନି ତଥ୍ୟ

କଟକ ସଦର,୧୮।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକରେ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହୋଇଛି। କୌଣସି ବ୍ୟକ୍ତି ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କଲେ ୩୦ ଦିନ ମଧ୍ୟରେ କୌଣସି ସୂଚନା ଦିଆଯାଉ ନାହିଁ। ଜନ ସୂଚନା ଅଧିକାରୀ ତଥା ଅତିରିକ୍ତ ବିଡିଓ ଆବେଦନ ପତ୍ରକୁ ବିଭିନ୍ନ ବିଭାଗକୁ ପଠାଇ ଦେଉଛନ୍ତି। ଏହାପରେ ସମସ୍ତେ ଚୁପଚାପ ବସିଯାଉଛନ୍ତି। ପ୍ରଥମ ଆବେଦନ କଲେ ମଧ୍ୟ ଠିକ ସମୟରେ ଶୁଣାଣି କରାଯାଉ ନାହିଁ। ଧରିଣା ଓ କନ୍ଦରପୁର ପଞ୍ଚାୟତ ପକ୍ଷରୁ ରତ୍ନଯୋରୀ ଖନନ ଓ ଦଳ ସଫା କରିବା ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି, ତାର ତଥ୍ୟ ମଗା ଯାଇଥିଲା। କିନ୍ତୁ ୩୦ ଦିନ ବିତିଯାଇଥିଲେ ସୁଦ୍ଧା ତଥ୍ୟ ମିଳି ନାହିଁ। ୱେବ୍‌ସାଇଟ ଦେଖିବାକୁ ଆବେଦନକାରୀଙ୍କୁ କୁହାଯାଇଛି। ସମସ୍ତଙ୍କ ଦ୍ୱାରା ଏହା ସମ୍ଭବପର ନୁହେଁ। ବ୍ଲକ ଜନ ସୂଚନା ଅଧିକାରୀ ଗିରିଜା ପ୍ରସାଦ ବାରିକଙ୍କୁ ପଚାରିବାରୁ ଅଧୀସ୍ଥନ କର୍ମଚାରୀମାନେ ତଥ୍ୟ ଦେବାରେ ବିଳମ୍ବ କରୁଥିବାରୁ ସମସ୍ୟା ହେଉଛି ବୋଲି କହିଛନ୍ତି।

# ଜିଲାସ୍ତରୀୟ ଏକତା ପଦଯାତ୍ରା



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ ମଙ୍ଗଳବାର ଦରଘାବଜାର ନେତାଜୀ ସ୍ମାରକୀ ପରିସରରୁ ସ୍କୁଲ ଛାତ୍ରୀଙ୍କୁ ନେଇ ବାହାରିଥିବା ଏକତା ପଦଯାତ୍ରା।

କଟକ,୧୮।୧୧(କାର୍ତ୍ତିକ ସାହୁ)

**ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ**

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକ ଭାରତ ଆତ୍ମନିର୍ଭର ଭାରତର ଭାବନାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକତା ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନେତାଜୀ ସୁଭାଷ ବୋଷ ସ୍ମାରକୀଠାରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ, ଅତିରିକ୍ତ ଜିଲାପାଳ ଶିବ ଟୋପୋ, ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ବରିଷ୍ଠ ସିନେ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଦଯାତ୍ରା ବକ୍ସି ବଜାର, ସମାଜ ଅଫିସ ଛକ, ଚଣ୍ଡୀ ଛକ, କନିକା ଛକ, ବିଜୁ ପଟ୍ଟନାୟକ ଛକ, ଆନନ୍ଦ ଭବନ ଛକ ପରିକ୍ରମା କରି ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମଠାରେ ଶେଷ ହୋଇଥିଲା। ଏହି ଅବସରରେ ରାସ୍ତାର ବିଭିନ୍ନ ଛକରେ ରଙ୍ଗୋଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ସାମାଜିକ କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଜନସାଧାରଣ ପଦଯାତ୍ରାରେ ସାମିଲ ହୋଇଥିଲେ।

## ୧୪୦ଲିଟର ଦେଶୀ ମଦ ଜବତ, ୪ ଗିରଫ

ମଙ୍ଗୁଳି-ଜଗତପୁର,୧୮।୧୧(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଦେଶୀ ମଦ ବ୍ୟବସାୟ କରିବା ଅଭିଯୋଗରେ ୪ଜଣ ଯୁବକ ଓ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ନୂଆସାହିର ବୁଦ୍ଧିଆ ପ୍ରଧାନ, କମଳ ରାଓ ଏବଂ ଗୋଡ଼ିପାଟଣାର ସବିତା ଜେନା ଓ ସୁକାନ୍ତ ଜେନା। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୪୦ ଲିଟର ହାତରନ୍ଧା ମହୁଲି ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଚୌଦ୍ୱାର ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଯାଞ୍ଚ ପରେ ନୂଆସାହି, ଜେନାପାଟଣା ଓ ଗୋଡ଼ିପାଟଣା ଗ୍ରାମରୁ ଦେଶୀମଦ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ୪ଟି ପୃଥକ ମାମଲା (୧୬୪,୧୬୫,୧୬୬,୧୬୭/୨୫) ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଓଡ଼ିଆ ଉପନ୍ୟାସ 'ଓଲଟପୁର' ଉନ୍ମୋଚିତ



ଅତିଥିଙ୍କ ଦ୍ୱାରା 'ଓଲଟପୁର' ଉନ୍ମୋଚନ କରାଯାଉଛି।

କଣ୍ଟାପଡା,୧୮।୧୧(ସୁରନାରାୟଣ ସାହୁ)

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନରେ ସାହିତ୍ୟିକ ତଥା ଗାଳ୍ପିକ ବିରଜା ରାଉତରାୟଙ୍କ ଲିଖିତ ଉପନ୍ୟାସ 'ଓଲଟପୁର' ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତୀ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପୁସ୍ତକ ଲୋକାର୍ପଣ ଉତ୍ସବରେ ଲେଖିକା ଡ. ଚିରଶ୍ରୀ ଇନ୍ଦ୍ରସିଂ, ଡ. ହିରଣ୍ମୟୀ ମିଶ୍ର, ଉଦୟନାଥ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଡ. ବିନାୟକ ପ୍ରସାଦ ପ୍ରଧାନ, ଲେଖକ ବିରଜା ରାଉତରାୟ, ଅନୁଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତି ଏବଂ ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡକ୍ଟର ଦୀପକ ସିଂ ଧନ୍ୟବାଦ ଦେଇଥିଲେ। ସହ ଅଧ୍ୟାପିକା ମୋନାଲିସା ଦାଶ ଏବଂ ରଶ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫାର୍ମାସି କଲେଜର ସଚେତନତା ରାଲି

ଚୌଦ୍ୱାର,୧୮।୧୧(ଆଶୁତୋଷ ଦାସ)

୬୪ତମ ଜାତୀୟ ଫାର୍ମାସି ସପ୍ତାହ ପାଳନ ଅବସରରେ ସ୍ଥାନୀୟ ସାଇପର ଫାର୍ମାସି ଶିକ୍ଷାନୁଷ୍ଠାନ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଡ.ସନ୍ତୋଷ କୁମାର ବଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସୁରକ୍ଷିତ ଔଷଧ ବ୍ୟବହାର ପାଇଁ ଫାର୍ମାସିଷ୍ଟମାନଙ୍କ ଅବଦାନ ବିଷୟରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ସଚେତନତା ପୋଷ୍ଟର ସହିତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ କଲେଜ ପରିସରରୁ ବାହାରି ଚୌଦ୍ୱାର ଗାନ୍ଧୀଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତାରେ ଲୋକମାନଙ୍କୁ ଲିଫଲେଟ ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାରେ ପ୍ରାଧ୍ୟାପିକା ଡ.ପ୍ରିୟଦର୍ଶିନୀ ମିଶ୍ର, ଡ. ବିଚିତ୍ରାନନ୍ଦ ତ୍ରିପାଠୀ, ସୁବୀର ମିତ୍ର, ଦେବାଶିଷ ମିଶ୍ର, ଅଳକା ପ୍ରିୟଦର୍ଶିନୀ କର, ପ୍ରାଚୀପ୍ରଭା ନାୟକ, ସ୍ନିଗ୍ଧା ମହାନ୍ତି, ସୌମ୍ୟରଞ୍ଜନ ସାହୁ, ସ୍ୱସ୍ତି ମହାପାତ୍ରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ ସାଲିଆସାହି ବସ୍ତି ଉଚ୍ଛେଦକୁ ନିନ୍ଦା

କଟକ,୧୮।୧୧(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ ଆଇନକୁ ବେଖାତିର କରି ସାଲିଆସାହିରେ ବସ୍ତି ଉଚ୍ଛେଦ କରାଯାଉଛି ବୋଲି ବସ୍ତି ବାସିନ୍ଦା ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ମଞ୍ଚର ଆବାହକ ଖଗେଶ୍ୱର ସେଠୀ କହିଛନ୍ତି, ବସ୍ତି ବାସିନ୍ଦାଙ୍କୁ କୌଣସି ବିକଳ୍ପ ଥଇଥାନର ବ୍ୟବସ୍ଥା ନ କରି, ଆଇନ ମୁତାବକ ପୂର୍ବରୁ କୌଣସି ନୋଟିସ ନ ଦେଇ ଅଚାନକ ବସ୍ତି ଉଚ୍ଛେଦ କରାଯାଇଛି। ଫଳରେ ଶତାଧିକ ଅସହାୟ ପରିବାର ଏବେ ରାସ୍ତା କଡ଼ରେ। ଏଭଳି ଅଗଣତାନ୍ତ୍ରିକ ବେଆଇନ ଉଚ୍ଛେଦକୁ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଘୋର ନିନ୍ଦା କରିଛି। ଅବିଳମ୍ବେ ବେଆଇନ ବସ୍ତି ଉଚ୍ଛେଦ ବନ୍ଦ କରାଯାଉ, ଉଚ୍ଛେଦ ହୋଇଥିବା ପରିବାରଗୁଡ଼ିକୁ ଉପଯୁକ୍ତ ଭାବେ ଥଇଥାନ ବ୍ୟବସ୍ଥା କରାଯାଉ, ବସ୍ତି ବାସିନ୍ଦାଙ୍କୁ କର୍ମସ୍ଥଳ ନିକଟରେ ଉପଯୁକ୍ତ ଥଇଥାନର ବ୍ୟବସ୍ଥା ନକରି ବସ୍ତି ଉଚ୍ଛେଦ ବନ୍ଦ କରିବା ପାଇଁ ମଞ୍ଚ ପକ୍ଷରୁ ସେଠୀ ଦାବି କରିଛନ୍ତି।

## ଏସ୍‌ସିବିରେ ଇଣ୍ଟରନେଟ୍ ସେବା ବନ୍ଦ

କଟକ,୧୮।୧୧(ଶିଳ୍ପା ପ୍ରିୟଦର୍ଶିନୀ)

**■ରୋଗୀ ସମ୍ପର୍କୀୟଙ୍କଠୁ କର୍ମଚାରୀ ଯାଏ ହଟହଟା**

**■୧୦ ଦିନ ହେବ ଠିକ୍ ଭାବେ କାମ କରୁନି**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଇଣ୍ଟରନେଟ୍ ସେବା ବନ୍ଦ ଯୋଗୁ କର୍ମଚାରୀ ଓ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ନାକେଦମ ହୋଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ଯାଏଁ ଇଣ୍ଟରନେଟ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ମଧ୍ୟାହ୍ନ ପରଠୁ ସମ୍ପୂର୍ଣ୍ଣ ଭାବେ ସେବା ବନ୍ଦ ରହିଥିଲା। ଫଳରେ ଟିକେଟ୍ କାଉଣ୍ଟର ଠାରୁ ଆରମ୍ଭ କରି ସମସ୍ତ କାମରେ ବାଧା ସୃଷ୍ଟି ହୋଇଥିଲା। ଏହି ଇଣ୍ଟରନେଟ୍ ବନ୍ଦ ହେବା ଯୋଗୁ ମୁଖ୍ୟତଃ ଭାବେ ଇଣ୍ଟରନେଟ୍ ଯୋଗେ ଫାଇଲ କାମ ସମେତ ରୋଗୀ ଓ ତାଙ୍କ ସମ୍ପର୍କୀୟ ଟିକେଟ କାଉଣ୍ଟର ଓ ରିପୋର୍ଟ ଗୃହ ସମ୍ମୁଖରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ଶତାଧିକ ରୋଗୀ ଚିକିତ୍ସା ନିମନ୍ତେ ଆସୁଥିବାବେଳେ ଏଠାରେ ପ୍ରତ୍ୟେକ ଦିନ ଗୁରୁତ୍ୱପୂର୍ଣ୍ଣ କାମଗୁଡିକ ଇଣ୍ଟରନେଟ୍ ଉପରେ ନିର୍ଭର କରିଥାଏ। ମେଡିକାଲ ପରିସରରେ ନିର୍ଦ୍ଦିଷ୍ଟ ଏକ ସଂସ୍ଥାର ଇଣ୍ଟରନେଟ୍ ବ୍ୟବସ୍ଥା କରାଯାଇଥିଲା। ହେଲେ ଆଜକୁ ପ୍ରାୟ ୧୦ ଦିନ ହେବ ଏଠାରେ ଇଣ୍ଟରନେଟ୍ ଠିକ୍ ଭାବେ କାମ କରୁ ନାହିଁ। ଯାହାଦ୍ୱାରା ଗୋଟିଏ ପ୍ରିଣ୍ଟ କାଢ଼ିବା ପାଇଁ ୧୦ରୁ ୧୫ ମିନିଟ୍ ଅପେକ୍ଷା କରିବାକୁ ପଡୁଥିଲା। ଏତେ ଦିନ ଧରି ଯାହା ଯେମିତି କାର୍ଯ୍ୟ ଚାଲୁଥିବାବେଳେ ମଙ୍ଗଳବାର ମଧ୍ୟାହ୍ନ ପରଠୁ ମେଡିକାଲରେ ଏହି ସେବା ସମ୍ପୂର୍ଣ୍ଣ ବନ୍ଦ ହେବାରୁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇପଡିଥିଲା। ସେହିପରି ଇଣ୍ଟରନେଟ୍ ଯୋଗେ ରୋଗୀଙ୍କ ଟିକେଟ ଓ ରିପୋର୍ଟ କାର୍ଯ୍ୟ ହେଉଥିବାବେଳେ ରୋଗୀ ଅପେକ୍ଷା କରି ନାକେଦମ୍ ହୋଇଛନ୍ତି। ଅନ୍ୟପଟେ ଏସ୍‌ସିବିର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ପ୍ରାୟତଃ ଆଭାସି ମାଧ୍ୟମରେ ବୈଠକ ହୋଇ ଆସୁଥିବାବେଳେ ଏଥିରେ ମଧ୍ୟ କିଛିଦିନ ହେବ ବାଧା ଉପୁଜୁଥିବା ସୂଚନା ମିଳିଛି। ତେବେ ଏସ୍‌ସିବିରେ ପ୍ରାୟ ୧୦ ଦିନ ହେବ ଇଣ୍ଟରନେଟ୍ ସମସ୍ୟା ଦେଖାଦେବା ଏବଂ ଏହାକୁ ମରାମତି କରା ନ ଯିବା ଘଟଣା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋର୍ତିମୟ ନାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସାମାଜିକ ରୂପାନ୍ତରଣ ପାଇଁ ଆର୍‌ଏସ୍‌ଏସ୍ କାର୍ଯ୍ୟ କରୁଛି




ଇନଡୋର ଷ୍ଟାଡିୟମରେ ଆୟୋଜିତ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

କଟକ,୧୮।୧୧(କାର୍ତ୍ତିକ ସାହୁ)

ସାମାଜିକ ରୂପାନ୍ତରଣ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କାର୍ଯ୍ୟ କରୁଛି। ଏଥିପାଇଁ ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସଚେତନତା, ସ୍ୱ-ଭାବନା ଜାଗରଣ ଓ ନାଗରିକ କର୍ତ୍ତବ୍ୟ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପାଞ୍ଚଟି କାର୍ଯ୍ୟକ୍ରମ ଏକ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ ଭାରତବର୍ଷ ଗଠନ ଦିଗରେ ସହାୟକ ହେବ ବୋଲି ସଂଘର ସହ ସରକାର୍ଯ୍ୟବାହ ଅତୁଲ ଲିମାୟେ କହିଛନ୍ତି।

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ମଙ୍ଗଳବାର ଆୟୋଜିତ ସାଧାରଣ ଓ ବୈଷୟିକ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ସମାବେଶରେ ଉଦ୍‌ବୋଧନ ଦେଇ ଲିମାୟେ କହିଲେ, ସଂଘ ସର୍ବଦା ଶାଖା ମାଧ୍ୟମରେ ବ୍ୟକ୍ତି ନିର୍ମାଣରେ ନିୟୋଜିତ ରହିଛି। ସାରା ଦେଶରେ ଶାଖାର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ସଂଘର ସହକ୍ଷେତ୍ରପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଉମାକାନ୍ତ ମିଶ୍ର, ଡ. ନାରାୟଣ ମହାନ୍ତି, ପ୍ରଫେସର ବ୍ରଜକିଶୋର ଦାସ, ଅଧ୍ୟାପକ ମନୋରଞ୍ଜନ ମହାନ୍ତି, ଡ. ମଲ୍ଲିକାର୍ଜୁନ ମିଶ୍ର, ଡ. ଯୋଗଶଙ୍କର ମହାପ୍ରଶସ୍ତ, ସତ୍ୟରଞ୍ଜନ ଜେନା, ଅଧ୍ୟାପିକା ସୁଧାମୟୀ ବେହୁରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସଂଘର ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ବୌଦ୍ଧିକ ପ୍ରମୁଖ ତନ୍ମୟ କୁମାର ମହାପାତ୍ର, ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡ଼ା, ବିଭାଗ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟବାହ ଲଳିତ ମୋହନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ): କନ୍ଧ ନୟାଗଡ଼ସ୍ଥିତ ରଘୁ ଦିବାକର ସରକାରୀ ଉଚ୍ଚବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଚାନ୍ଦପୁର ଥାନା ଆରକ୍ଷୀ ନୀରିକ୍ଷକ ଦିଲୀପ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଇନ୍‌ସ୍ପେକ୍ଟର ଶ୍ରଦ୍ଧା ନାୟକ, ସିଆରସିସି ପବିତ୍ର ପ୍ରଧାନ ଯୋଗଦେଇ ଗଣଶିକ୍ଷା ବିଭାଗର ଏଭଳି ଅନ୍ତର୍ନିହିତ ଶକ୍ତିର ପ୍ରତିଭା ଚୟନ ଛାତ୍ରୀଛାତ୍ରଙ୍କ ବିକାଶରେ ସୁଗମ ପଥ ଦେଖାଏ ବୋଲି ମନ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତରାୟ ପରିଚୟ ପ୍ରଦାନ ଏବଂ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଉକ୍ତ କାଉନସେଲିଂରେ ୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜୁଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ନିରାକାରପୁର,୧୮।୧୧(ମାନସ ଚନ୍ଦ୍ର ପଟ୍ଟନାୟକ): ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ମଙ୍ଗଳବାର ନିରାକାରପୁର ବଡ଼ବଜାରଠାରେ ଥିବା ଝଲକ ପରିବାର ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହ ହ୍ୟୁମାନ ସାଗରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ରାଉତରାୟ, ଉପଦେଷ୍ଟା ହୃଷୀକେଶ ରାଉତରାୟ, ସମ୍ପାଦକ ଆର୍ତ୍ତତ୍ରାଣ ରାଉତରାୟ, ପ୍ରଭାତ ସ୍ୱାଇଁ, ରାଜେଶ କୁମାର ସାହୁ, ଦିବାକର ରାଉତରାୟ, ଜଗନ୍ନାଥ ମଙ୍ଗରାଜ, ବଳରାମ ରାଉତରାୟଙ୍କ ସମେତ ଝଲକ ପରିବାରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରକାଶ ଯେ, ୨୦୨୧ ମସିହାରେ ଝଲକ ପରିବାର ପକ୍ଷରୁ ଆୟୋଜିତ ମେଲୋଡି କାର୍ଯ୍ୟକ୍ରମରେ ହ୍ୟୁମାନ ସାଗର ଓ ତାଙ୍କ ସାଥୀ ଯୋଗଦେଇ ମେଲୋଡି ପରିବେଷଣ କରିଥିଲେ।

# ୪୪ ମୃତ ବିଦେଶୀ ପକ୍ଷୀ ଜବତ, ଶିକାରୀ ଗିରଫ

ଟାଙ୍ଗୀ,୧୮।୧୧(ରଘୁନାଥ ସାହୁ)

ଶୀତର ପ୍ରକୋପ ବଢ଼ିବା ସହିତ ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ ହୋଇଉଠିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ପକ୍ଷୀଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଟାଙ୍ଗୀ ରେଞ୍ଜ୍ ଅନ୍ତର୍ଗତ ଦୋଛିଆ ନିକଟରେ ରେଞ୍ଜର ଚିତ୍ରସେନ ଜେନାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଚଢ଼ାଉ କରାଯାଇ ଜଣେ ଶିକାରୀଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୪୪ଟି ମୃତ ବିଦେଶୀ ପକ୍ଷୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ



ଗିରଫ ଅଭିଯୁକ୍ତ ଏବଂ ଜବତ ୪୪ ମୃତ ବିଦେଶୀ ପକ୍ଷୀ।

ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଭୂଷଣ୍ଡପୁର ବଡ଼ସାହିର ପ୍ରଦୀପ ମଲ୍ଲିକ। ମୃତ ପକ୍ଷୀଙ୍କ ମଧ୍ୟରେ ୨୩ଟି ନର୍ଦ୍ଦର୍ନ ପିଣ୍ଟେଲ, ୩ଟି ନର୍ଦ୍ଦର୍ନ ଶୋଭେଲର, ୯ଟି ଗାର୍ଗନି, ୮ଟି ଫିଜାଣ୍ଟ ଟେଲ୍ ଜାକାନା ଏବଂ ଗୋଟିଏ ବ୍ରୋଞ୍ଜ ୱିଙ୍ଗଡ୍ ଜାକାନା ରହିଛି। ମୃତ୍ୟୁର କାରଣ ଜାଣିବା ପାଇଁ ପକ୍ଷୀଙ୍କ ବ୍ୟବଚ୍ଛେଦ କରାଯିବ। ଏଥିସହ ମୃତପକ୍ଷୀଙ୍କ ନମୁନା ପରୀକ୍ଷା ପାଇଁ ଫରେନ୍‌ସିକ୍ ଲାବରେଟୋରିକୁ ପଠାଯିବ। ଦୁର୍ବୃତ୍ତମାନେ ବିଷଦେଇ ପକ୍ଷୀ ଶିକାର କରିଥିବା ସନ୍ଦେହ କରାଯାଉଛି। ଏନେଇ ଏକ ମାମଲା(ନଂ.୩/୨୫)ରୁଜୁ ପରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଫେରାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଚଢ଼ାଉରେ ଭୂଷଣ୍ଡପୁର ଫରେଷ୍ଟର ସବିତା ପ୍ରଧାନ, ଫରେଷ୍ଟଗାର୍ଡ ଅନିଲ ପିଙ୍ଗୁଆ, ସୁରକ୍ଷା ବାହିନୀର ରାକେଶ ଖଣ୍ଡୁୟାଳରାୟ, ପ୍ରଦୀପ ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ନାବାଳିକା ଅପହରଣ ଘଟଣା: ଲଭ୍ ଜିହାଦ ଅଭିଯୋଗ

**ଅଭିଯୁକ୍ତ ଗିରଫ ନ ହେଲେ ଖୋର୍ଦ୍ଧା ବନ୍ଦ ଡାକରା ଚେତାବନୀ**

ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧାରେ ଲଭ୍ ଜିହାଦ ନେଇ ଅଭିଯୋଗ ଆଣିଛି ହିନ୍ଦୁ ଜାଗରଣ ମଞ୍ଚ। ପୂର୍ବରୁ ଆଦର୍ଶ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଏବେ ଜଙ୍କିଆ ଥାନା ଅଞ୍ଚଳରେ ଏହି ଘଟଣାର ପୁନରାବୃତ୍ତି ହୋଇଥିବା ମଞ୍ଚ ଅଭିଯୋଗ କରିଛି। ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଗତ ୮ ତାରିଖରେ ଅପହରଣ କରି ନେଇଥିବା ଜଙ୍କିଆ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ତଦନ୍ତରେ ଶିଥିଳତାକୁ ନେଇ ମଞ୍ଚ ଅସନ୍ତୋଷ ପ୍ରକାଶ କରିଛି। ମଙ୍ଗଳବାର ହିନ୍ଦୁ ଜାଗରଣ ମଞ୍ଚ ସହରାଜ୍ୟ ସଂଯୋଜକ ଆଶିଷ ବିଭୁରେନ୍ଦ୍ରଙ୍କ ନେତୃତ୍ୱରେ ଜିଲାର ଏକ ପ୍ରତିନିଧି ଦଳ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛି। ଜଙ୍କିଆ ପୋଲିସ ମାମଲା ରୁଜୁକରି ଚୁପ୍ ବସିଛି ବୋଲି ମଞ୍ଚ ଅଭିଯୋଗ ଆଣିଛି। ଜଣେ ବ୍ୟକ୍ତି ସମ୍ପୃକ୍ତ ନାବାଳିକାଙ୍କ ଭିଡିଓ ସୋସିଆଲ ମିଡିଆ ଆକାଉଣ୍ଟରେ ଭାଇରାଲ କରିବା ଓ ସ୍ୱଇଚ୍ଛାରେ ଆସିଥିବା କହିବା ପାଇଁ ବାଧ କରୁଥିବା ଭାଇରାଲ ଭିଡିଓକୁ ଜଙ୍କିଆ ପୋଲିସ ଏବଂ ସଦର ଏସ୍‌ଡିପିଓଙ୍କୁ ଭିଡିଓ କ୍ଲିପ୍ ହ୍ୱାଟ୍ସଆପରେ ଦିଆଯାଇଛି। ତୁରନ୍ତ ନାବାଳିକାଙ୍କୁ ଉଦ୍ଧାର ଏବଂ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ମା'ବାପା ଆଣିଥିବା ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ତାଙ୍କ ଝିଅ ସାଇକେଲରେ କଲେଜ ଯାଇଥିଲା। କିନ୍ତୁ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ବିଫଳ ହେବା ପରେ ୯ତାରିଖରେ ସିକେ ଫାଣ୍ଡି ଏବଂ ୧୦ ତାରିଖ ଜଙ୍କିଆ ଥାନାରେ ଅଭିଯୋଗ କରିଥିଲେ। ତେବେ ୧୦ ତାରିଖ ପୂର୍ବାହ୍ନ ୧୦ଟାରେ ନାବାଳିକା ଜଣଙ୍କ ତାଙ୍କ ବାପାଙ୍କୁ ଫୋନ୍ କରିବା ସହ ପଟ୍ଟାସିଂହ ଅଞ୍ଚଳର ଜଣଙ୍କ ଘରେ ଅଛି କହିବା ସହ ଯୁବକ ତାଙ୍କୁ ଅପହରଣ କରିନେଇଥିବା କହିଥିଲେ। ପରେ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚ କଲ୍ କରିଥିଲେ ମଧ୍ୟ ଫୋନ୍‌ସୁଇଚ୍‌ଅଫ୍ ଆସିଥିଲା। ଏନେଇ ଜଙ୍କିଆ ଥାନାରେ ୧୧ତାରିଖରେ ମାମଲା(ନଂ.୧୩୭/୨୫) ରୁଜୁ ହୋଇଛି। ମଙ୍ଗଳବାର ସମ୍ପୃକ୍ତ ନାବାଳିକାଙ୍କ ମା'ବାପା ପୁଣି ଥରେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନା ଅଧିକାରୀ ସୁଶାନ୍ତ ବେହେରା କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ସେହିପରି ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି କହିଛନ୍ତି ଯେ, ସମ୍ପୃକ୍ତ ନାବାଳିକାଙ୍କୁ ଖୋଜିବା ପାଇଁ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ସହ ରାଜ୍ୟ ସଂଯୋଜକ ଆଶିଷ ବିଭୁରେନ୍ଦ୍ର କହିଛନ୍ତି, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ଖୋର୍ଦ୍ଧା ବନ୍ଦ ଡାକରା ଦିଆଯିବ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ




ଖୋର୍ଦ୍ଧା,୧୮।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ପ୍ରିଣ୍ଟ ଫେଷ୍ଟ–୨୦୨୫ ବିଦ୍ୟାଳୟର ପ୍ରତିଷ୍ଠାତା ଡ.ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଡିସ୍କସ ଥ୍ରୋରେ ପୁରସ୍କୃତ ହରି ବେହେରା, ସଟପୁଟର ଓମ୍‌କାର ନନ୍ଦ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଐତିହାସିକ ସତ୍ୟବାଦୀ ବଳିୟାରସିଂ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡ଼ା ମଶାଲ ବିଦ୍ୟାଳୟ ନିକଟ ରଘୁନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଅତିଥିମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଦ୍ୟାଳୟର ସଙ୍ଗୀତ ବିଭାଗ ସଂଯୋଜନାରେ ଆବାହ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଅତିଥିମାନେ ବକ୍ତବ୍ୟରେ କ୍ରୀଡ଼ାର ମହାନତା ପ୍ରତିପାଦନ କରିଥିଲେ। ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଡ୍ରିଲ, ନୃତ୍ୟ ଓ ପରେଡ ଆଦି କାର୍ଯ୍ୟକ୍ରମ ହୋଇଥିଲା। ପରେ ପରେ କ୍ରୀଡ଼ା ପତାକାକୁ ଅତିଥିମାନେ ଉତ୍ତୋଳନ କରିଥିଲେ। ସମସ୍ତ କ୍ରୀଡ଼ାବିତମାନେ ଏହି ଦିବସର ଶପଥପାଠ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଡ.ଦିପ୍ତିମୟୀ ମହାନ୍ତି ସବୁଜ ପତାକା ଦେଖାଇ କ୍ରୀଡ଼ାରମ୍ଭ ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ। ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ଓ ଇଶା ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ଆଦିତ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଠଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

### ନିଯୁକ୍ତି ବୟସ ସୀମା ୪୨ ବର୍ଷ କରୁ ଓଏଚ୍‌ପିସି

ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ): ରାଜ୍ୟ ସରକାରଙ୍କ ନିଯୁକ୍ତି ନିୟମକୁ ରାଜ୍ୟ ପିଏସୟୁ ସଂସ୍ଥା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଉଲ୍ଲଂଘନ କରୁଛି। ନିଜ ଇଚ୍ଛା ଅନୁସାରେ ନିୟମ କରି ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରୁଛି। ରାଜ୍ୟ ସରକାର ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିଥିବା ବେଳେ ଓଏଚ୍‌ପିସି ଏହାକୁ ୩୨ ବର୍ଷ କରିଛି। ଫଳରେ ଆଶାୟୀ ପରୀକ୍ଷାର୍ଥୀମାନେ ଏହାକବିରୋଧ କରିବାସହ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି।

**ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**
Repco Home Finance
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ ନଂ.୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨
**ସର୍ବସାଧାରଣ ବିଜ୍ଞପ୍ତି** ସରଫାଏସି ଅଧିନିୟମ ଅଧୀନରେ ବିକ୍ରୟ
ଦୟାକରି ଏହି ଖବରକାଗଜରେ **ତା୧୮.୧୧.୨୦୨୫ରିଖ** ଦିନ ପ୍ରକାଶିତ ହୋଇଥିବା **ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଦେଖନ୍ତୁ** । (ଖାତା ନାମ: **କ୍ର.ସଂ. ୧: ଶ୍ରୀ ସୁରେଶ ଚନ୍ଦ୍ର ବାରିକ**) । **ତା୧୯.୧୨.୨୦୨୫ରିଖ**ରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ଇ-ନିଲାମକୁ ପ୍ରଶାସନିକ କାରଣବଶତଃ ଏତଦ୍ୱାରା ସ୍ଥଗିତ ରଖାଯାଉଛି । **ବିକ୍ରୟ ତାରିଖକୁ ତା୩୦.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ - ମଧାହ୍ନ ୧୨.୦୦କୁ ଘୁଞ୍ଚାଇଦିଆଯାଇଛି । ଇ-ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ତା୨୯.୧୨.୨୦୨୫ରିଖ - ଅପରାହ୍ନ ୪.୦୦ ଘଟିକା ପୂର୍ବରୁ ଏବଂ ବିକ୍ରୟ ବିଜ୍ଞପ୍ତିର ତାରିଖକୁ ଯାହା ପ୍ରକାଶିତ ହୋଇଥିଲା ତାହା ପରିବର୍ତ୍ତେ ତା୧୭.୧୧.୨୦୨୫ରିଖ ଭାବେ ପଢ଼ାଯିବା ଆବଶ୍ୟକ ।** ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ ।
**ପ୍ରାଧିକୃତ ଅଧିକାରୀ**

**कार्यपालक अभियंता का कार्यालय,**
**पथ निर्माण विभाग,पथ प्रमंडल, राँची**

निविदा रद्द सूचना

टेन्डर रेफरेंन्स नं0:– प0नि0वि0 / राँची–39 / 2025–26

पथ प्रमंडल, राँची अन्तर्गत **PRNo. 364965** से विभिन्न समाचार पत्रों में प्रकाशित **IRQP Work in Mandar Chowk (on NH-75) to Burmu Road (कुल लम्बाई–14.80 कि0मी0)** कार्य वर्ष **2025–26** कार्य के निविदा सूचना को अपरिहार्य कारणवश तत्काल रद्द किया जाता है।

कार्यपालक अभियंता
पथ निर्माण विभाग,पथ प्रमंडल,राँची

PR 366328 Road Construction
Dept Road Division Ranchi(25-26).D

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୧୮।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ): କୃଷ୍ଣପ୍ରସାଦ ବ୍ଲକର ଉଦୟନାଥ ଷ୍ଟାଡିୟମ ଚାରିଛକଠାରେ ଗତ ସୋମବାର ସାଂସଦ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଡା. ସମ୍ବିତ୍ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୁଦ୍ଧିଜୀବୀ ରଘୁନାଥ ବଡୁଙ୍କ ସଭାପତିତ୍ୱରେ ପୁରୀ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜ, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ ତରେଇ, ବ୍ଲକ୍ ଆତ୍ମା କମିଟି ଅଧକ୍ଷ ସଞ୍ଜୟ ସେଠୀ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା, ଗୋମୁଣ୍ଡିଆ ସରପଞ୍ଚ ଦୁଷ୍ମନ୍ତ ସେଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ଶଙ୍କର୍ଷଣ ଦାଶ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ। ମହୋତ୍ସବରେ ପଞ୍ଜୀକୃତ ୨ହଜାର ଯୁବପ୍ରତିଭା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃଷ୍ଣପ୍ରସାଦ ବ୍ଲକ କ୍ରୀଡ଼ା ଜୋନ୍ ସମ୍ପାଦକ ଅଜିତ୍ ବାରିକ ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ ସନାତନ ତରେଇ, ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ ସାହୁ, ପ୍ରକାଶ ଚନ୍ଦ୍ର ସିଂହ, ଅଶୋକ ପ୍ରଧାନ, ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପୁରୀଠାରେ ହେବାକୁଥିବା ଲୋକ ସଭା କ୍ଷେତ୍ରସ୍ତରୀୟ ପ୍ରତିଯୋଗିତା ପାଇଁ ୩୬ ଜଣ ମନୋନୀତ ହୋଇଛନ୍ତି। ମହୋତ୍ସବ ପରିଚାଳନାରେ ଭାଜପା ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ୍ ବିଶ୍ୱାଳ, ବିଷ୍ଣୁଚରଣ ବେହେରା, ପ୍ରଦୀପ ଜେନା, ମନୋଜ ଜେନା ପ୍ରମୁଖ ସହଯୋଗ କରିଥିଲେ।

GOVERNMENT OF ODISHA No. B-700
**OFFICE OF THE SUPERINTENDING ENGINEER BHANJANAGAR (R&B) DIVISION, BHANJANAGAR**
(Phone/Fax: (06821) 241133 / E-mail: eernbbngr@yahoo.in)
Ltr. No. 11123 Dtd.12.11.2025

**INVITATIONS FOR BIDS (IFB)**
E-Procurement Bid Identification No. S.E. - BNJ-R&B-15/2025-26

1. Name of Work : Building Works
2. No. of Works : 02 Nos. Building Work
3. No. of Covers : Double Cover
4. Estimated Cost : Rs.63.38 to 67.81 lakhs
5. Period of Completion : Six Calendar Months
6. Date of time of availability of bid document in the portal : From 12.00 Noon of dated 19.11.2025 to 5.00 P.M. of dated 03.12.2025
7. Last date/time for receipt of bids in the portal : Upto 5.00 P.M. of dated 03.12.2025
8. Date of opening of bid documents : At 11.00 A.M. of dated 04.12.2025
9. Class of Contractor : "B" Class Contractor
10. Name and address of Officer Inviting Bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal **www.tendersodisha.gov.in**. The Addendum/Corrigendum if any will be hosted in the website only.

OIPR- Sd./- Superintending Engineer
Bhanjanagar (R&B) Division

**ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ।**
ୱାର୍ଡ ନଂ. ୧୪, ଅଙ୍କୁରା, ପୋ.ଅ.: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୩୭
E-mail: rmckja2@gmail.com
ବିଜ୍ଞାପନ ସଂଖ୍ୟା: ୧୦୮୭ ତା: ୧୫।୧୧।୨୦୨୫ରିଖ

No. H-40: ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆର ମାର୍କେଟ କମ୍ପ୍ଲେକ୍ସ (Karanjia Market Complex)ଠାରେ ଖାଲିଥିବା ଦୋକାନ ଗୃହ ଭଡ଼ା ସୂତ୍ରରେ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ, ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ୍ର ଲଫାପାରେ ରେଜଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା୨୦।୧୧।୨୦୨୫ରିଖଠାରୁ ତା୨୬।୧୧।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଫର୍ମଗୁଡ଼ିକ ତା୨୦।୧୧।୨୦୨୫ରିଖଠାରୁ ୦୨।୧୨।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବିଜ୍ଞାପନର ବିଷଦ ବିବରଣୀ **www.mayurbhanj.nic.in**ରେ ଉପଲବ୍ଧ। ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ।

ସ୍ୱା./– ଉପ–ଜିଲ୍ଲାପାଳ–ତଥା–ଅଧକ୍ଷ।
OIPR- ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ

GOVERNMENT OF ODISHA
**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**
No. O-1478
E-mail: eerw_ptng@yahoo.in, Phone No. 06658-222121

**e-Procurement Notice**
**IFB IDETNFICATION No. EEPTNG-Online-13/2025-26**

| | | | |
|---|---|---|---|
| 1. | Name of Work | : | Construction of NEW R.I. Office Building Works |
| 2. | Total No. of Work | : | 03 (Three) Nos. Works |
| 3. | Time of Completion | : | 06 (Six) Calendar Months |
| 4. | Approximate Estimated Cost | : | 75.51 lakh to 77.28 lakh |
| 5. | Mode of Submission of Tender | : | Tender should be submitted online in **www.tendersorissa.gov.in** |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender Online for Bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Patnagarh | EEPTNG-Online-13/2025-26 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 5.00 P.M. | 03.12.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website **www.tendersorissa.gov.in**.
- Any Corrigendum/Addendum will be displayed in the above e-tender website only.

OIPR- Sd./- Executive Engineer, R.W. Division, Patnagarh

**JHARKHAND URJA SANCHARAN NIGAM LIMITED**
(CIN No.:U40108JH2013SGC001704)
Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002 (E-mail:cetjusnl@gmail.com)

**e-TENDER NOTICE NIT No. –508/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works: -

| | |
|---|---|
| Name of work | survey and assessment of feasibility for modification of existing 2 ph. double circuit towers to 3-ph double circuit towers by erecting two extra cross arms as proposed by Railway for construction of 132 kV 3-ph D/C Transmission line from GSS, Kendposi to New TSS at Kendposi |
| Estimated cost (Rs.) | Rs. 7,72,816.00 (including GST) |
| Earnest Money Deposit | Rs. 15,500.00 On line mode |
| Completion Period | 45 Days |
| e-Tender fee | Rs. 5,000.00 + 18% GST On line mode. |
| Start Date & Time of Download the Tender Documents | 19.11.2025 at 11:00 AM |
| Start Date and time of upload of BID | 19.11.2025 at 11:00 AM |
| End date and time of upload of BID | 09.12.2025 upto 04:00 PM |
| BID Opening date for technical part | 10.12.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager, C&M (NWBP)

PR 366333 (Jharkhand Urja Sancharan Nigam Ltd)25-26*D

**कार्यपालक अभियंता का कार्यालय**
**राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा**

–: अल्पकालीन ई–निविदा आमंत्रण सूचना :–
ई–निविदा सूचना संख्या–EE/NREP/CHAIBASA/10 /2025-26 (DMFT मद)

1. कार्य की विस्तृत विवरणी :–

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | आनन्दपुर | आनन्दपुर प्रखण्ड के हरता पंचायत के ग्राम –रोमा आर0ई0ओ0 पथ से महीपल घर तक पी0सी0सी0 पथ निर्माण। | 17641800.00 | 353000.00 | 10,000.00 | 06 माह |
| 2 | आनन्दपुर | आनन्दपुर प्रखण्ड के झारबेड़ा पंचायत के ग्राम –टेंड्राउली तीन सीमान से आँगनबाड़ी भवन तक पी0सी0सी0 पथ निर्माण। | 28313400.00 | 566500.00 | 10,000.00 | 06 माह |
| 3 | आनन्दपुर | आनन्दपुर प्रखण्ड के बिन्जु पंचायत के चिरूमाठा स्कूल घर से आदिवासी टोला होते हुए टुंगरीटोली सीमान तक पी0सी0सी0 पथ निर्माण। | 34631800.00 | 693000.00 | 10,000.00 | 06 माह |

1. जिला का वेबसाईट में निविदा प्रकाशन की तिथि– **26.11.2025 से 06.12.2025**
2. ई–निविदा प्राप्ति की अंतिम तिथि एवं समय–दिनांक **06.12.2025** तक समय अपराह्न 2:00 बजे तक
3. ई–निविदा खोलने का स्थान–कार्यपालक अभियंता का कार्यालय, राष्ट्रीय ग्रामीण नियोजन कार्यक्रम,पश्चिमी सिंहभूम, चाईबासा।
4. ई–निविदा खोलने की तिथि एवं समय – **07.12.2025** अपराह्न **05** बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
6. ई–निविदा प्रकोष्ठ का दूरभाष सं०– **8210206585** (संबंधित कार्यपालक अभियंता का दूरभाष नम्बर)
7. परिमाण विपत्र की राशि घट–बढ़ सकती है, तद्नुसार अग्रधन की राशि देय होगी।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251 / 23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में **सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।**
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।अगर खाता को बंद कर दिया जाता है तो उसकी सारी जवाब देही आपकी होगी।
10. ग्रामीण विकास विभाग (ग्रामीण कार्य मामले) झारखण्ड, पथ निर्माण विभाग एवं भवन निर्माण विभाग झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें
11. जिला दण्डाधिकारी–सह–उपायुक्त, प चमी सिंहभूम, चाईबासा के पत्रांक 1679 दिनाँक 23.12.2022 के अलोक निविदा डालने के समय चाईबासा जिला अन्तर्गत किसी भी **प्रमण्डल / विभाग** द्वारा आवंटित कार्य एकरारित अवधि बीत के बाद लंबित नहीं होने संबंधित भापथ पत्र देना होगा। कार्य लंबित पाये जाने पर उनका निविदा स्वतः रद्ध माना जाएगा ।
12. निविदा खोलने की तिथि से 05(पाँच) दिनों के अंदर निविदाता द्वारा अपनी आपत्ति / दावा दर्ज करायें अन्यथा अवधि बीतने के पश्चात कोई भी आपत्ति / दावा मान्य नहीं होगा।
13. बिना कारण बताये किसी भी समय निविदा को रद्द करने का अधिकार अद्योहस्ताक्षरी को सुरक्षित रहेगा।
14. जिस संवेदक का कार्य लंबित है, उनका कार्य आवंटन नहीं किया जायेगा।

विस्तृत जानकारी के लिये वेबसाईट **www.jharkhandtenders.gov.in** एवं कार्यालय की सूचनापट्ट पर देखा जा सकता है

कार्यपालक अभियंता
राष्ट्रीय ग्रामीण नियोजन कार्यक्रम
पश्चिमी सिंहभूम, चाईबासा।

PR.NO.366394 West Singhbhum(25-26):D

**OFFICE OF THE EXECUTIVE ENGINEER. MINOR IRRIGATION DIVISION, DUMKA**

e-Procurement Tender Notice
Two Envelope System

**Tender Reference No:- WRD/MID/DUMKA/B.D./S.L.I.-01/2025-26**
**Letter No:-760/M.I.D.Dumka Date:-17/11/2025/**

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Banskuli under Block - Raneshwar, District-Dumka |
| 2 | Estimated Cost (in Rs.) | Rs. 1,03,82,800.00 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,04,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 26.11.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 10.12.2025 Time: 05:00 PM |
| 9 | Submission of Tender Fee and EMD | Start Date:- 26.11.2025 Time: 11:00 AM<br>Last Date:- 10.12.2025 Time: 05:00 PM |
| 10 | Technical Bid Opening Date | Date: 11.12.2025 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Dumka |
| 12 | Contact No. of Procurement Officer email of Procurement Officer | Mob- 7765955362<br>Email Id- middumka@gmail.com |
| 13 | Help line No. of Procurement Cell | Mob - 8789032339 |

➤ Note:- Estimated cost may increase or decrease.
➤ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➤ **Only e-Tender will be accepted.**
➤ Further details can be seen on website http://jharkhandtenders. gov .in

Sd/-
Executive Engineer,
Minor Irrigation Division, Dumka

PR.NO.366293 Minor Irrigation(25-26):D

## ଟ୍ରକ ଧକ୍କାରେ ଯୁବକ ମୃତ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ବାରଙ୍ଗ,୧୮।୧୧
(ଲିଙ୍ଗରାଜ ରାଉତ)



ଉତ୍ତ୍ୟକ୍ତ ଲୋକେ ଚନ୍ଦକା-ପିତାପଲି ରାସ୍ତାକୁ ଅବରୋଧ କରିଛନ୍ତି।

ଚନ୍ଦକା ଥାନା ଅଧୀନସ୍ଥ କୁଜିମହଲ ଛକରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଜିମହଲ ଗ୍ରାମର କାହ୍ନୁଚରଣ ସାହୁ (୨୨)। ଏହାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଘଟଣା ପରେ ସ୍ଥାନୀୟ ଲୋକେ ଟ୍ରକ୍ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ୬ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ପୋଲିସ ଆସି ବୁଝାଶୁଝା କରିବାପରେ ରାସ୍ତାରୋକୋ ଉଠିଥିଲା।ମଙ୍ଗଳବାର ସକାଳେ କାହ୍ନୁଚରଣ କୁକୁଡ଼ା ମାଂସ କିଣି ଘରକୁ ଫେରୁଥିଲେ। ଏହି ସମୟରେ ଅନୁଗୋଳର ଏକ ଟ୍ରକ୍ ଗ୍ୟାସ୍ ଆଣିବା ପାଇଁ ଜଟଣୀକୁ ଯାଉଥିବା ବେଳେ ପଛପଟୁ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ କାହ୍ନୁଚରଣଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିକଟସ୍ଥ ଶିଳ୍ପରେ ଚାକିରି ସହ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏଥିସହ ଚନ୍ଦକା-ପିତାପଲି ରାସ୍ତାକୁ ଅବରୋଧ କରି ଟାୟାର ଜାଳି ବସିଥିଲେ। ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ଓ ସୁରେଶ ରାଉତରାୟ ରାସ୍ତା ଅବରୋଧକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସମର୍ଥନ ଦେଇଥିଲେ, ଯାହାଫଳରେ ଚନ୍ଦକା-ପିତାପଲି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଏସିପି ସୋନାଲି ସିଂ ପରମାର, ଆଇଆଇସି ସମିତା ମିଶ୍ର ୨ ପ୍ଲାଟୁନ ପୋଲିସଫୋର୍ସ ଧରି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇଥିଲେ। ପୋଲିସ ବହୁ ବୁଝାଶୁଝା କରି ରେଡ୍‌କ୍ରସ୍‌ରୁ ୧୫ ହଜାର ଓ ରାସ୍ତା ସେଫ୍ଟି ସୋସାଇଟିରୁ ୨୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ପ୍ରାୟ ୪ଟାରେ ରାସ୍ତାରୋକୋ ଉଠିଥିଲା।

# ନିଯୁକ୍ତି ବୟସ ସୀମା ୪୨ ବର୍ଷ କରୁ ଓଏଚ୍‌ପିସି

ଭୁବନେଶ୍ୱର,୧୮।୧୧
(ସୁଚିସ୍ମିତା ସାହୁ)

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ

ରାଜ୍ୟ ସରକାରଙ୍କ ନିଯୁକ୍ତି ନିୟମକୁ ରାଜ୍ୟ ପିଏସ୍‌ୟୁ ସଂସ୍ଥା ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ଉଲ୍ଲଂଘନ କରୁଛି। ନିଜ ଇଚ୍ଛା ଅନୁସାରେ ନିୟମ କରି ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରୁଛି। ରାଜ୍ୟ ସରକାର ନିଯୁକ୍ତି ବୟସ ସୀମାଙ୍କୁ ୪୨ ବର୍ଷକୁ ବୃଦ୍ଧି କରିଥିବା ବେଳେ ଓଏଚ୍‌ପିସି ଏହାକୁ ୩୨ ବର୍ଷ କରିଛି। ଫଳରେ ଆଶାୟୀ ପରୀକ୍ଷାର୍ଥୀମାନେ ଏହାକୁ ତୀବ୍ର ବିରୋଧ କରିବାସହ ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷକୁ ବୃଦ୍ଧି କରିବା ପାଇଁ ସେମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଓଏଚ୍‌ପିସି ପରିଚାଳନା ନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଛନ୍ତି। ନିୟମିତ ବ୍ୟବଧାନରେ ନିଯୁକ୍ତି ବାହାରୁ ନ ଥିବାରୁ ବୟସ ସୀମା ୪୨ ବର୍ଷ କରିବା ପାଇଁ ତ୍ୱରିତ ନିର୍ଦ୍ଦେଶ ଦେବା ସହ ଓଏଚ୍‌ପିସିରେ ଖାଲି ଥିବା ମୋଟ ୧୦୩୪ଟି ପଦବୀରେ ନିଯୁକ୍ତି ଦେବାକୁ ଆଶାୟୀ ସୁନୀଲ କୁମାର ମିଶ୍ର, ବିକାଶ ପାତ୍ର, ପରମେଶ୍ୱର ବଳ ଓ ରଜତମୟୀ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୭ ତାରିଖରେ ଓଏଚ୍‌ପିସି ପକ୍ଷରୁ ୨୭ଟି ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଗତ ୧୨ ତାରିଖରୁ ଆବେଦନ ଆରମ୍ଭ ହୋଇଥିବାବେଳେ ଡିସେମ୍ବର ୧୧ ଶେଷ ତାରିଖ ରହିଛି। ଏହି ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ ବର୍ଷ ଧାର୍ଯ୍ୟ କରାଯାଇଛି। ରାଜ୍ୟ ସରକାର ସର୍ବୋଚ୍ଚ ନିଯୁକ୍ତି ବୟସ ସୀମା ୪୨ ବର୍ଷ କରିଥିବାବେଳେ ସରକାରଙ୍କ ଅଧୀନରେ ଥିବା ଓଏଚ୍‌ପିସି ଏହି ନିୟମକୁ ଉଲ୍ଲଂଘନ କରୁଥିବା ଆଶାୟୀମାନେ ଅଭିଯୋଗ କରୁଛନ୍ତି। ୨୦୨୨ ମସିହାରେ ପ୍ରକାଶିତ ବିଜ୍ଞପ୍ତିରେ ବୟସ ସୀମା ୩୮ ବର୍ଷଥିବା ବେଳେ ବର୍ତ୍ତମାନ ଏହାକୁ ବୃଦ୍ଧି କରିବା ପରିବର୍ତ୍ତେ କମ୍ କରାଯାଇଥିବାରୁ ଚାକିରି ଆଶାୟୀମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା: ୧୦୦ ପ୍ରକଳ୍ପ ପ୍ରଦର୍ଶିତ



ଅତିଥିମାନେ ଶିଶୁ ବୈଜ୍ଞାନିକଙ୍କ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବାଲିଅନ୍ତା,୧୮।୧୧
(ନୀଳମାଧବ ସାହୁ)

## ଜିଲ୍ଲାସ୍ତର ପାଇଁ ୧୩ ପ୍ରକଳ୍ପ ମନୋନୀତ

ବାଲିଅନ୍ତା ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ମେଳା-୨୦୨୫ ମଙ୍ଗଳବାର କାକରୁଦ୍ରପୁରସ୍ଥିତ ଶ୍ରୀ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାର ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ସହ ଶିକ୍ଷା ଅଧିକାରୀ ବିଜୟ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ର ମାନେ ନିଜସ୍ୱ ଚିନ୍ତାଧାରା, ଜ୍ଞାନ ପ୍ରୟୋଗକଲେ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବତ୍ସଳ ମହାପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ରମାମଣି ଦେଇ, ସରପଞ୍ଚ ସସ୍ମିତା ମଲ୍ଲିକ ଓ ପରିଚାଳନା ସମିତି ସଭାପତି ପର୍ଶୁରାମ ମୁଖୀ ପ୍ରମୁଖ ଯୋଗଦେଇଥିଲେ।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷି ବୈଜ୍ଞାନିକ ଶରତ ଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଓସେପାର ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମିଳିଲତା ବେହେରା ଓ ପଞ୍ଚସଖା ଶିକ୍ଷାସେତୁର ସଭାପତି ଶରତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ମେଳାରେ ୩୯ ଜଣ କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲ୍ ବୈଜ୍ଞାନିକ ବିଭାଗର ୭ଟି ଥିମରୁ ୭ଟି ପ୍ରକଳ୍ପ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଭାଗରୁ ୬ଟି ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବା ପାଇଁ ମନୋନୀତ କରାଯାଇଛି। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ ନାୟକଙ୍କ ତତ୍ତ୍ୱାବଧାନରେ ୯ ଜଣ ସିଆର୍‌ସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବରିଷ୍ଠ ଶିକ୍ଷକମାନେ ଏହି ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ।

## ଆଜିଠୁ ଶ୍ରୀମନ୍ଦିରରେ ଦେବ ଦୀପାବଳି

ପୁରୀ,୧୮।୧୧
(ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ ଚତୁର୍ଦ୍ଦଶୀ ତିଥି ବୁଧବାରଠାରୁ ଶ୍ରୀମନ୍ଦିରରେ ତିନିଦିନ ବ୍ୟାପୀ ଦେବ ଦୀପାବଳି ଉତ୍ସବ ଅନୁଷ୍ଠିତ ହେବ। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ଏହିଦିନ ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନପୂର୍ବକ ଦୀପଦାନ କରିବେ। ଏଥିପାଇଁ ଶ୍ରୀମନ୍ଦିରରେ ବିଶେଷ ନୀତି ସମ୍ପନ୍ନ ହୋଇଥାଏ। ଏହି ଅବସରରେ ଶ୍ରୀବିଗ୍ରହମାନଙ୍କୁ ଶ୍ରାଦ୍ଧବେଶରେ ସଜ୍ଜିତ କରାଯାଏ। ଠାକୁରମାନେ କାଶିଧଡ଼ିଆ ବସ୍ତ୍ର ପରିଧାନ କରିଥାନ୍ତି। ଏହାର ରଙ୍ଗ ଶ୍ୱେତବର୍ଣ୍ଣ ଓ ଧଡ଼ିରେ ବଡ଼ ବଡ଼ କୁମ୍ଭମାନ ପଡ଼ିଥାଏ। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧବେଶରେ ସଜ୍ଜିତ କରାଇଥାନ୍ତି। ଏହି ଅବସରରେ ଠାକୁରମାନେ ନଳୀଭୁଜ, କୁଣ୍ଡଳ, ଚନ୍ଦ୍ରସୂର୍ଯ୍ୟ, ଆଡ଼କାନି, ତଡ଼ଗି, ହରିଡ଼ାମାଳି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ପରିଧାନ କରିଥାନ୍ତି। ନୀତି ପରେ ଚୂନରା ସେବାୟତ ଶ୍ରୀମନ୍ଦିର ଚୂଡ଼ାକୁ ଉଠି ଦୀପ ଜାଳିଥାନ୍ତି।

# ଗାରେଡ଼ିପାଞ୍ଚଣକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ

ବାଲିପାଟଣା,୧୮।୧୧
(ଅଭିମନ୍ୟୁ ନାୟକ)




ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଶ୍ରେଷ୍ଠ ସମବାୟ ସମିତି ସମ୍ମାନ ପ୍ରଦାନ କରାଯାଉଛି।

ଖୋର୍ଦ୍ଧା ଟାଉନ ହଲ୍ ପରିସରରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମବାୟ ସେବାରେ ସାମଗ୍ରିକ ବିକାଶ ପାଇଁ ବାଲିପାଟଣାସ୍ଥିତ ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିକୁ ଜିଲ୍ଲାର ଶ୍ରେଷ୍ଠ ସମବାୟ ସମିତି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥି ଶତପଥୀ ସଭାପତିତ୍ୱ କରିଥିଲେ। ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମବାୟ ମାଧ୍ୟମରେ ସଚେତନ କରି ସରକାରୀ ଯୋଜନାର ଉପଯୋଗ କରାଇଲେ ଚାଷୀଙ୍କ ସାମଗ୍ରିକ ବିକାଶ ହେବ ବୋଲି କହିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂସାମନ୍ତ, ଖୋର୍ଦ୍ଧା ଜିଲ୍ଲା ଉପନିବନ୍ଧକ ଅଳକାନନ୍ଦା ଜେନା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ପାକ୍ସ ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ।

# ଧାନବିଲରୁ ମୃତଦେହ ଜବତ

ବାରଙ୍ଗ,୧୮।୧୧
(ଲିଙ୍ଗରାଜ ରାଉତ)

## ହତ୍ୟା ସନ୍ଦେହ: ପରିଚୟ ଖୋଜୁଛି ପୋଲିସ

ଚନ୍ଦକା ଥାନା ଘଙ୍ଗାପାଟଣାର ପାଇକରାପୁର ଓ ମଧୁପୁର ଗାଁ ମଝି ଧାନବିଲ ଭିତରେ ପରିତ୍ୟକ୍ତ ଭାବେ ପଡ଼ିଥିବା ଏକ ମୃତଦେହ ମଙ୍ଗଳବାର ଜବତ ହୋଇଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ୪୦ରୁ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏଥିସହ ଥାନାରେ ଅପମୃତ୍ୟୁ ମାମଲା(ନଂ. ୪୪/୨୫) ରୁଜୁ କରାଯାଇଛି। ତାଙ୍କୁ ଅନ୍ୟ କେଉଁଠି ହତ୍ୟା କରାଯାଇ ଏଠାରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ନିକଟ ଗ୍ରାମର ଚାଷୀମାନେ ଧାନବିଲକୁ ଯାଇଥିଲେ। ଏହି ସମୟରେ କୁକୁରଗୁଡ଼ିକ ମୃତଦେହକୁ ଝୁଣି ଖାଉଥିବା ଦେଖିବାକୁ ପାଇଥିଲେ। ଏହାପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।


**ରେପ୍‌କୋ ହୋମ୍ ଫାଇନାନ୍ସ ଲିମିଟେଡ୍**
**ଭୁବନେଶ୍ୱର ଶାଖା:** ଏନ୍‌ବି ଟାୱାର୍ସ, ପ୍ଲଟ୍ ନଂ.୪୨୬/୨୨୬୦, ରାଜଧାନୀ ଗ୍ୟାସ୍ ନିକଟ, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨

**ସର୍ବସାଧାରଣ ବିଜ୍ଞପ୍ତି** ସରଫାଏସି ଅଧିନିୟମ ଅଧୀନରେ ବିକ୍ରୟ

ଦୟାକରି ଏହି ଖବରକାଗଜରେ **ତା୧୮.୧୧.୨୦୨୫ରିଖ** ଦିନ ପ୍ରକାଶିତ ହୋଇଥିବା **ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ଦେଖନ୍ତୁ** । (ଖାତା ନାମ: **କ୍ର.ସଂ. ୧: ଶ୍ରୀ ସୁରେଶ ଚନ୍ଦ୍ର ବାରିକ**) । **ତା୧୯.୧୨.୨୦୨୫ରିଖ**ରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ଇ-ନିଲାମକୁ ପ୍ରଶାସନିକ କାରଣବଶତଃ ଏତଦ୍ୱାରା ସ୍ଥଗିତ ରଖାଯାଉଛି । **ବିକ୍ରୟ ତାରିଖକୁ ତା୩୦.୧୨.୨୦୨୫ରିଖ ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦କୁ ଘୁଞ୍ଚାଇଦିଆଯାଇଛି । ଇ-ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ: ତା୨୯.୧୨.୨୦୨୫ରିଖ - ଅପରାହ୍ନ ୪.୦୦ ଘଟିକା ପୂର୍ବରୁ ଏବଂ ବିକ୍ରୟ ବିଜ୍ଞପ୍ତିର ତାରିଖକୁ ଯାହା ପ୍ରକାଶିତ ହୋଇଥିଲା ତାହା ପରିବର୍ତ୍ତେ ତା୧୭.୧୧.୨୦୨୫ରିଖ ଭାବେ ପଢ଼ାଯିବା ଆବଶ୍ୟକ ।** ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ ।
**ପ୍ରାଧିକୃତ ଅଧିକାରୀ**

**कार्यपालक अभियंता का कार्यालय,**
**पथ निर्माण विभाग,पथ प्रमंडल, राँची**

निविदा रद्द सूचना
टेन्डर रेफरेंस नं0:– प0नि0वि0/राँची–39/2025–26

पथ प्रमंडल, राँची अन्तर्गत **PRNo. 364965** से विभिन्न समाचार पत्रों में प्रकाशित **IRQP Work in Mandar Chowk (on NH-75) to Burmu Road (कुल लम्बाई–14.80 कि0मी0) कार्य वर्ष 2025–26** कार्य के निविदा सूचना को अपरिहार्य कारणवश तत्काल रद्द किया जाता है।

कार्यपालक अभियंता
पथ निर्माण विभाग,पथ प्रमंडल,राँची

PR 366328 Road Construction
Dept Road Division Ranchi(25-26).D

GOVERNMENT OF ODISHA No. B-700
**OFFICE OF THE SUPERINTENDING ENGINEER**
**BHANJANAGAR (R&B) DIVISION, BHANJANAGAR**
(Phone/Fax: (06821) 241133 / E-mail: eernbbngr@yahoo.in)
Ltr. No. 11123 Dtd.12.11.2025

**INVITATIONS FOR BIDS (IFB)**
E-Procurement Bid Identification No. S.E. - BNJ-R&B-15/2025-26

| | | |
|---|---|---|
| 1. | Name of Work | : Building Works |
| 2. | No. of Works | : 02 Nos. Building Work |
| 3. | No. of Covers | : Double Cover |
| 4. | Estimated Cost | : Rs.63.38 to 67.81 lakhs |
| 5. | Period of Completion | : Six Calendar Months |
| 6. | Date of time of availability of bid document in the portal | : From 12.00 Noon of dated 19.11.2025 to 5.00 P.M. of dated 03.12.2025 |
| 7. | Last date/time for receipt of bids in the portal | : Upto 5.00 P.M. of dated 03.12.2025 |
| 8. | Date of opening of bid documents | : At 11.00 A.M. of dated 04.12.2025 |
| 9. | Class of Contractor | : "B" Class Contractor |
| 10. | Name and address of Officer Inviting Bid | : Superintending Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal **www.tendersodisha.gov.in**. The Addendum/Corrigendum if any will be hosted in the website only.
OIPR- **Sd./- Superintending Engineer Bhanjanagar (R&B) Division**

**ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ**
ୱାର୍ଡ ନଂ. ୧୪, ଅଙ୍କୁରା, ପୋ.ଅ.: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୩୭
E-mail: rmckja2@gmail.com
ବିଜ୍ଞାପନ ସଂଖ୍ୟା: ୧୦୮୭ ତା: ୧୫।୧୧।୨୦୨୫ରିଖ

No. H-40: ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆର ମାର୍କେଟ କମ୍ପ୍ଲେକ୍ସ (Karanjia Market Complex)ଠାରେ ଖାଲିଥିବା ଦୋକାନ ଗୃହ ଭଡ଼ା ସୂତ୍ରରେ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ, ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ୍ର ଲଫାପାରେ ରେଜିଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା୨୦।୧୧।୨୦୨୫ରିଖଠାରୁ ତା୨୬।୧୧।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଫର୍ମଗୁଡ଼ିକ ତା୨୦।୧୧।୨୦୨୫ରିଖଠାରୁ ୦୨।୧୨।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବିଜ୍ଞାପନର ବିଷଦ ବିବରଣୀ **www.mayurbhanj.nic.in**ରେ ଉପଲବ୍ଧ। ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ।

ସ୍ୱା./– ଉପ–ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ
OIPR- ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ

GOVERNMENT OF ODISHA
| 1 | Name of Work: | Construction of Chief Minister Solar Based Lift Irrigation Scheme at Banskuli under Block - Raneshwar, District- Dumka |
| 2 | Estimated Cost (in Rs.) | Rs. 1,03,82,800.00 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,04,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 26.11.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 10.12.2025 Time: 05:00 PM |
| 9 | Submission of Tender Fee and EMD | Start Date:- 26.11.2025 Time: 11:00 AM<br>Last Date:- 10.12.2025 Time: 05:00 PM |
| 10 | Technical Bid Opening Date | Date: 11.12.2025 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Dumka |
| 12 | Contact No. of Procurement Officer email of Procurement Officer | Mob- 7765955362<br>Email Id- middumka@gmail.com |
| 13 | Help line No. of Procurement Cell | Mob - 8789032339 |

- Note:- Estimated cost may increase or decrease.
- Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
- **Only e-Tender will be accepted.**
- Further details can be seen on website http://jharkhandtenders. gov .in

Sd/-
Executive Engineer,
Minor Irrigation Division, Dumka

PR.NO.366293 Minor Irrigation(25-26):D

# କୁପୋଷଣରୁ ରକ୍ଷା ପାଇବେ ଶିଶୁ

## ସୁପୋଷିତ ଓଡ଼ିଶା ମିଶନ ଶୁଭାରମ୍ଭ

### ଅଙ୍ଗନୱାଡିରେ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା

ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ)



'ସୁପୋଷିତ ଓଡ଼ିଶା ମିଶନ'ର ଶୁଭାରମ୍ଭ ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅଧିକାରୀମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜ୍ୟର ସମସ୍ତ ଶିଶୁଙ୍କୁ କୁପୋଷଣରୁ ରକ୍ଷା କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ସୁପୋଷିତ କେନ୍ଦ୍ରରେ ପରିଣତ କରିବାକୁ ଯୋଜନା କରାଯାଇଛି। ଏହି ପରିପ୍ରେକ୍ଷୀରେ 'ସୁପୋଷିତ ଓଡ଼ିଶା ମିଶନ'ର ଶୁଭାରମ୍ଭ ହୋଇଛି। ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏହାର ଲୋକାର୍ପଣ କରିଛନ୍ତି। ପ୍ରଭାତୀ କହିଛନ୍ତି, କମ୍ ଓଜନ ଓ ଦୁର୍ବଳ ଶିଶୁଙ୍କ ପାଇଁ ଉପଯୁକ୍ତ ଯତ୍ନ ନିଆଯିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ। ମିଶନର ସଫଳ କାର୍ଯ୍ୟକାରିତା ଲାଗି ଡ୍ୟାସ୍ ବୋର୍ଡ ପ୍ରଚଳନ କରାଯାଇଛି। ଏହା ଦ୍ୱାରା ପୋଷଣ ଟ୍ରାକର ତଥ୍ୟକୁ ତୁରନ୍ତ ସମୀକ୍ଷା କରାଯାଇ ସମୁଚିତ ପଦକ୍ଷେପ ନିଆଯିବ। ଏଥିସହ ଉନ୍ନତ ପୁଷ୍ଟି ଫଳାଫଳ ନିମନ୍ତେ ଆନ୍ତଃ ବିଭାଗୀୟ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ମିଳିତ ପରାମର୍ଶ ଜାରି କରାଯିବ। ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମିଶନ ଶକ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚି ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, କ୍ରୀଡା ଓ ଯୁବସେବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଳିତ ଭାବେ ଏକୀକୃତ ସେବା ପ୍ରଦାନ ମଡେଲ ପ୍ରସ୍ତୁତ କରି ହିତାଧିକାରୀଙ୍କ ରକ୍ତହୀନତା, ଗେଡ଼ାପଣ କ୍ଷୀଣକାୟ ଅବସ୍ଥା ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନର ୧୦୦ ପ୍ରକାର ଖାଦ୍ୟକୁ ନେଇ ଏକ ରୋଷେଇ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି। ପ୍ରତି ଖାଦ୍ୟରେ ରାଜ୍ୟର ସ୍ୱତନ୍ତ୍ର ପରମ୍ପରା ଭରି ରହିଛି। ସେହିପରି ଓଡ଼ିଶା ପୋଷଣର ପରିଦୃଶ୍ୟ ଉପରେ ଏକ କଫି ଟେବୁଲ ବୁକ ଉନ୍ମୋଚିତ ହୋଇଥିଲା। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଓ ଶିଶୁଙ୍କ ଜୀବନକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବ। ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଏକ ସିଲାଇ ୟୁନିଟ୍‌ର ମଧ୍ୟ ଲୋକାର୍ପଣ ହୋଇଛି। ଏହା ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜରଙ୍କୁ ବ୍ୟବହାରିକ ଜ୍ଞାନ, ଆୟବୃଦ୍ଧି ନିମନ୍ତେ ଦକ୍ଷତା ବିକାଶ ପ୍ରଦାନ କରିବ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମନ୍ୱିତ ଶିଶୁ ବିକାଶ ସେବା ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ସ୍ୱୟଂପ୍ରଭା ମହାନ୍ତି, ନିଲୁ ମହାପାତ୍ର, ଅନନ୍ତ ନାରାୟଣ ସିଂ ଲାଗୁରି ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କୁ ସାକ୍ଷାତ କଲେ କିଶୋର, ଅଶୋକ


ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୨ ଭାଇ ସାକ୍ଷାତ କରୁଛନ୍ତି।

ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ)

### ରାଇରଙ୍ଗପୁରରେ ଜାତୀୟ ଆଦିବାସୀ ଉନ୍ନୟନ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଅନୁରୋଧ କଲେ

ଭାରତ ସରକାରଙ୍କ ନ୍ୟାଶନାଲ ମନ୍ୟୁମେଣ୍ଟସ ଅଥରିଟିର ଅଧ୍ୟକ୍ଷ ପ୍ରଫେସର କିଶୋର ବସା ଏବଂ ତାଙ୍କ ଯାଁଳା ଭାଇ ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ)ର ପୂର୍ବତନ ଅଧ୍ୟକ୍ଷ ଇଞ୍ଜିନିୟର ଅଶୋକ ବସା ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ ପ୍ରଫେସର କିଶୋର ଓଡିଶାର ସାଂସ୍କୃତିକ ଏବଂ ଆଦିବାସୀ ଉନ୍ନୟନ ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ମୟୂରଭଞ୍ଜର ରାଇରଙ୍ଗପୁରଠାରେ ଏକ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟ୍ରାଇବାଲ ଡେଭଲପ୍‌ମେଣ୍ଟ (ଏନ.ଆଇ.ଟି.ଡି.) ସ୍ଥାପନା ପାଇଁ ଅନୁରୋଧ କରିଥିଲେ। ରାଇରଙ୍ଗପୁରର ଭୌଗୋଳିକ ଅବସ୍ଥିତି ଓଡିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ଆଦିବାସୀ ଜନବହୁଳ ଅଞ୍ଚଳ ହୋଇଥିବା ଯୋଗୁଁ ରାଇରଙ୍ଗପୁର ହିଁ ଏହି ପ୍ରତିଷ୍ଠାନ ପାଇଁ ସବୁଠାରୁ ପ୍ରଯୁଜ୍ୟ ସ୍ଥାନ ହେବ ବୋଲି ପ୍ରଫେସର ବସା ଜଣାଇବା ସହ ପ୍ରତିଷ୍ଠାନଟିକୁ ହାଇଦ୍ରାବାଦର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ରୁରାଲ ଡେଭଲପ୍‌ମେଣ୍ଟ ମଡେଲରେ ଗଢାଯିବା ନିମନ୍ତେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ।

ଏହା ବ୍ୟତୀତ ପ୍ରଫେସର ବସା ଝୁମର ସଙ୍ଗୀତ ଓ ନୃତ୍ୟର ସାଂସ୍କୃତିକ ସଂରକ୍ଷଣ ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ଧ୍ୟାନ ଆକର୍ଷିତ କରିଥିଲେ। ବାରିପଦାଠାରେ ଏକ ନ୍ୟାଶନାଲ ସେଣ୍ଟର୍ ଫର୍ ଝୁମର ସ୍ଥାପନା ସହିତ ଖିଚିଙ୍ଗସ୍ଥିତ ପ୍ରତ୍ନତତ୍ତ୍ୱ ସଂଗ୍ରହାଳୟକୁ ଭାରତ ସରକାରଙ୍କ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ (ଏ.ଏସ.ଆଇ.) ଅଧୀନକୁ ଆଣିବା ପାଇଁ ଅନୁରୋଧ କରିଥିଲେ।

### ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରାଯାଉ

ଇଞ୍ଜିନିୟର ଅଶୋକ ବସା ବିଶ୍ୱବ୍ୟାପୀ ଜଳ ସଂକଟ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରିଥିଲେ। ଭାରତ ବର୍ତ୍ତମାନ ଗଭୀର ଜଳ ସଂକଟ ମଧ୍ୟରେ ଗତି କରୁଛି। ୨୦୩୦ ବେଳକୁ ଭାରତର ଜଳ ଆବଶ୍ୟକତା ଓ ଉପଲବ୍ଧ ମୋଟ ଜଳସମ୍ପଦର ଦୁଇଗୁଣା ହେବ। ଏହି ପରିସ୍ଥିତିରେ ଦେଶର ଜଳସମ୍ପଦ ପ୍ରବନ୍ଧନରେ ଯଥୋଚିତ ଶାସନ ବ୍ୟବସ୍ଥା ସ୍ଥାପନାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ସେ ଓଡ଼ିଶାରେ ଜଳ ସମ୍ପଦ ପରିଚାଳନା ପାଇଁ ଏକ ପାଇଲଟ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଥିଲେ। ଜଳ ନୀତିର ପୁନର୍ଗଠନ ପାଇଁ ଏକ ରାଜ୍ୟ ଜଳ ପରିଚାଳନା ପ୍ରାଧିକରଣ ଗଠନ କରାଯାଉ ବୋଲି ସେ କହିଥିଲେ।

# ଅଲିଭ୍ ରିଡ୍‌ଲେଙ୍କ ପ୍ରଥମ ଅଣ୍ଡାଦାନ ଆରମ୍ଭ



କାକଟପୁର/ ଅସ୍ତରଙ୍ଗ,୧୮।୧୧
(ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

■ ଗୋଟିଏ କଇଁଛ ଦେଲା ୧୨୪ ଅଣ୍ଡା
■ ଅସ୍ଥାୟୀ ହାଚେରୀରେ ରଖିଲେ ବନ କର୍ମଚାରୀ

ଅଲିଭ୍ ରିଡ୍‌ଲେଙ୍କ ଅନ୍ୟତମ ଅନ୍ତୁଡ଼ିଶାଳ କୁହାଯାଉଥିବା ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଁଣରେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତବର୍ଷ ଏ ବର୍ଷ ରେକର୍ଡ ସଂଖ୍ୟକ କଇଁଛ ଆସିଥିବା ଅନୁମାନ କରାଯାଉଛି। ଦେବୀନଦୀ ନିକଟ କେଲୁଣୀ ମୁହାଁଣସ୍ଥିତ କଅଁରପୁର ଅଞ୍ଚଳରେ ଅଲିଭ୍ ରିଡ୍‌ଲେ ଚଳିତ ବର୍ଷର ପ୍ରଥମ ଅଣ୍ଡାଦାନ କରିଛନ୍ତି। ସମୁଦ୍ର କୂଳରେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଏହାକୁ ଠାବ କରିଛନ୍ତି। ଗୋଟିଏ କଇଁଛ କେଲୁଣୀ ମୁହାଁଣ ନିକଟସ୍ଥ କଅଁରପୁର ଠାରେ କୂଳକୁ ଆସି ୧୨୪ଟି ଅଣ୍ଡା ଦେଇଥିବାବେଳେ ସଂଗ୍ରହ ଅଣ୍ଡାକୁ ଅସ୍ଥାୟୀ ହାଚେରୀରେ ରଖାଯାଇଛି। ତେବେ ଅଣ୍ଡା ଦେବାର ୪୫ଦିନ ପରେ ଏଥିରୁ ଶାବକ ଜନ୍ମ ନେଇ ସମୁଦ୍ରମୁହାଁ ହେବେ। ସବୁବର୍ଷ ଭଳି ଚଳିତ ବର୍ଷ ବନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ଅଲିଭ୍ ରିଡ୍‌ଲେ ଜାନୁଆରୀ ଏବଂ ଫେବ୍ରୁଆରୀରେ ଅଣ୍ଡା ଦାନ କରିଥାନ୍ତି। କିନ୍ତୁ ଅପ୍ରତ୍ୟାଶିତ ଭାବେ ୨ମାସ ପୂର୍ବରୁ କୂଳକୁ ଆସି ଗୋଟିଏ କଇଁଛ ଅଣ୍ଡା ଦେଇଛି।

# ତ୍ରୁଟିଶୂନ୍ୟ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ପ୍ରୟାସ ଜାରି: ଆଇନ ମନ୍ତ୍ରୀ

ପୁରୀ,୧୮।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀମନ୍ଦିର ନାଟମଣ୍ଡପରେ ତ୍ରୁଟିଶୂନ୍ୟ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବାକୁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ସୂଚନା ଦେଇଛନ୍ତି। ଆଇନ ମନ୍ତ୍ରୀ କହିଛନ୍ତି, ନାଟମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାରେ ର୍ୟାମ୍ପ ଲାଗିବା ଅତ୍ୟନ୍ତ ନୂଆ ପଦକ୍ଷେପ ହେବ। ଶ୍ରୀମନ୍ଦିର ପ୍ରଶାସନ, ଦେଉଳକରଣ, ପରିଚାଳନା କମିଟି ସଦସ୍ୟ ଆସି ର୍ୟାମ୍ପର ବିଭିନ୍ନ ଦିଗ ଅନୁଧ୍ୟାନକରି ଫେରିଯାଇଛନ୍ତି। ଯାହା ମତାମତ ରହିଛି, ତାହାକୁ ନେଇ ଆଉ କିଛି ସଜଡ଼ାଯିବାକୁ ଚେଷ୍ଟା କରାଯାଉଛି। ତ୍ରୁଟିଶୂନ୍ୟ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କରିବାକୁ ଚାହିଁବୁ। ନୀତିକାନ୍ତି ଦୃଷ୍ଟିରୁ ର୍ୟାମ୍ପକୁ ଯେପରି ସୁବିଧାରେ ସ୍ଥାନାନ୍ତର କରାଯାଇପାରିବ, ଭକ୍ତଙ୍କ ସୁବିଧା ଦର୍ଶନ, ଧାଡ଼ି ଯେପରି ଠିକ୍ ଭାବେ ଚାଲିବ ଆଦି ସମସ୍ତ ଦିଗକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯାଉଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଟେକ୍ନିକାଲ କମିଟି ଆଦି ବାରମ୍ବାର ତଦାରଖ କରିବା ପରେ ଶ୍ରୀମନ୍ଦିରରେ ଲାଗୁ କରାଯିବା ପ୍ରକ୍ରିୟାକୁ ଯିବୁ। ଆମେ ଚାହୁଁଛୁ ତ୍ରୁଟିଶୂନ୍ୟ ଭାବେ ବ୍ୟବସ୍ଥା ଆରମ୍ଭ ହେଉ, ତେଣୁ ଏଥିପାଇଁ ଯାହାସବୁ ଆବଶ୍ୟକ ତାହା କରାଯାଉଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚନ୍ଦନ


@ ସନ୍ତୋଷ


@ ସୁଭଦ୍ରା


@ ରୋଶନ


@ ବିଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧୧୭ କୋଟି ସୁଧ ଫେରସ୍ତ



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଧ ଫେରସ୍ତ ସମ୍ପର୍କରେ ଘୋଷଣା କରୁଛନ୍ତି।

ଭୁବନେଶ୍ୱର,୧୮।୧୧(ସୁଚିସ୍ମିତା ସାହୁ)

ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ ମଙ୍ଗଳବାର ମିଶନ ଶକ୍ତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ୨,୨୪,୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଛନ୍ତି। ଏହି ଅବସରରେ ପ୍ରଭାତୀ କହିଛନ୍ତି, ସରକାର ମହିଳାଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ ମାଧ୍ୟମରେ ସଶକ୍ତ କରିବା ପାଇଁ ସଦା ପ୍ରତିବଦ୍ଧ। ମହିଳା ସଶକ୍ତୀକରଣ ହେଉଛି ବିକଶିତ ଓଡିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମା'ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ରାଜ୍ୟର ବିକାଶ ଏବଂ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି। ବ୍ୟାଙ୍କ ଋଣ ବ୍ୟବସ୍ଥା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଓଡ଼ିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କ ଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ ପ୍ରତିଶତକୁ ଆଣିଛନ୍ତି। ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯାଇଥାଏ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଜ୍ୟୋତି ଶଙ୍କର ମହାପାତ୍ର, ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

DSPL - 357

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

NATION TAX MARKET

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
|---|---|
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijiyakar

OIPR:

# ଆଇଏମ୍‌ଡି ମୁଖ୍ୟଙ୍କୁ ସାର୍ ଗିଲ୍‌ବର୍ଟ ୱାଲ୍‌କର ପୁରସ୍କାର

ନୂଆଦିଲ୍ଲୀ,୧୮।୧୧(ପି.ଟି.)


ମୃତ୍ୟୁଞ୍ଜୟ ମହାପାତ୍ର

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ସାର୍ ଗିଲ୍‌ବର୍ଟ ୱାଲ୍‌କର ଆୱାର୍ଡ, ୨୦୨୫ରେ ସମ୍ମାନିତ କରାଯାଇଛି। ପାଣିପାଗ ବିଜ୍ଞାନ, ପୂର୍ବାନୁମାନର ନବପରିବର୍ତ୍ତନ ଏବଂ ଭୀଷଣ ପାଣିପାଗ ସତର୍କତା ବ୍ୟବସ୍ଥାକୁ ତାଙ୍କର ଅବଦାନ ଲାଗି ଇଣ୍ଡିଆନ୍ ମେଟ୍ରୋଲୋଜିକାଲ ସୋସାଇଟି (ଆଇଏମ୍ଏସ୍) ଏହି ପୁରସ୍କାର ପ୍ରଦାନ କରିଛି। ସାର୍ ଗିଲ୍‌ବର୍ଟ ୱାଲ୍‌କର ଗୋଲ୍ଡ ମେଡାଲ ଭାବେ ପରିଚିତ ଏହି ସମ୍ମାନଜନକ ପୁରସ୍କାର ନୂତନ ବାୟୁମଣ୍ଡଳୀୟ ଘଟଣାର ଉଦ୍‌ଭାବନ, ପାଣିପାଗ ପ୍ରକ୍ରିୟାର ଆଧୁନିକ ବିଜ୍ଞାନସମ୍ମତ ବୁଝାମଣା ଓ ସମାଜ ପାଇଁ ଲାଭପ୍ରଦ ବିକାଶମୂଳକ ସେବାରେ ଜୀବନବ୍ୟାପୀ ଉପଲବ୍ଧିର ସ୍ୱୀକୃତି ବୋଲି ଆଇଏମ୍‌ଡି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ୨୦୦୭ରୁ ଦେଶର ବାତ୍ୟା ସତର୍କତା ବ୍ୟବସ୍ଥାର ଆଧୁନିକୀକରଣ କରିଥିବା ମୃତ୍ୟୁଞ୍ଜୟ ଭାରତର ସାଇକ୍ଲୋନ୍ ମ୍ୟାନ୍ ଭାବେ ପରିଚିତ। ତାଙ୍କର ଏହି ପଦକ୍ଷେପ ଯୋଗୁ ପୂର୍ବାନୁମାନ ସତର୍କତା ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି ଓ ବାତ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ପ୍ରସ୍ତୁତିରେ ଅଗ୍ରଗତି ହୋଇପାରିଛି। ୧୯୬୫ ଅଗଷ୍ଟ ୧୨ରେ ଓଡ଼ିଶାର ଭଦ୍ରକରେ ଜନ୍ମିତ ମୃତ୍ୟୁଞ୍ଜୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ କାମ କରିବା ସହ ଅଳ୍ପସମୟ ପାଇଁ ଅଧ୍ୟାପକ ରହିଥିଲେ। ସେ ୧୯୯୨ରେ ଆଇଏମ୍‌ଡିରେ ଯୋଗଦେଇ ୨୦୧୯ରେ ଏହାର ମହାନିର୍ଦ୍ଦେଶକ ହୋଇଥିଲେ। ଏବେ ସେ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ)ର ତୃତୀୟ ଉପାଧ୍ୟକ୍ଷ ଏବଂ ଟ୍ରପିକାଲ ସାଇକ୍ଲୋନ୍ ଉପରେ ଡବ୍ଲ୍ୟୁଏମ୍‌ଓ-ୟୁଏନ୍‌ଇଏସ୍‌ସିଏପି ପ୍ୟାନେଲର ସମ୍ପାଦକ ଅଛନ୍ତି।

# ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ ନଷ୍ଟ ହେଲେ ପିଏମ୍‌ଏଫ୍‌ବିୱାଇରେ କ୍ଷତିପୂରଣ ମିଳିବ

ନୂଆଦିଲ୍ଲୀ,୧୮।୧୧



କେନ୍ଦ୍ର ସରକାର ମଙ୍ଗଳବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)ରେ ନୂଆ ବୀମା ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି। ତଦନୁଯାୟୀ ବନ୍ୟପ୍ରାଣୀଙ୍କ ଯୋଗୁ ଫସଲ ନଷ୍ଟହେଲେ ଚାଷୀଙ୍କୁ ପିଏମ୍‌ଏଫ୍‌ବିଆଇରେ କ୍ଷତିପୂରଣ ପ୍ରଦାନ କରାଯିବ। ହଠାତ୍ ଭୀଷଣ ଫସଲ ନଷ୍ଟର ସମ୍ମୁଖୀନ ହେଉଥିବା ଚାଷୀଙ୍କୁ ସୁରକ୍ଷା ଦେବାରେ ଏହା ସହାୟକ ହେବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ବନ୍ୟପ୍ରାଣୀ ଆକ୍ରମଣ ଯୋଗୁ ହେଉଥିବା ଫସଲ ନଷ୍ଟକୁ ସ୍ଥାନୀୟ ବିପଦ ବର୍ଗରେ ନିଆଯାଉ ନ ଥିଲା। ଫସଲ ନଷ୍ଟ ପାଇଁ ଦାୟୀ ବନ୍ୟପ୍ରାଣୀଗୁଡ଼ିକୁ ରାଜ୍ୟ ସରକାର ଚିହ୍ନଟ କରିବେ ଏବଂ ଅତୀତ ତଥ୍ୟ ଆଧାରରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲା କିମ୍ବା ଇନ୍‌ସୁରାନ୍ସ ୟୁନିଟ୍‌ଗୁଡ଼ିକୁ ବିଜ୍ଞପିତ କରିବେ। କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ୭୨ ଘଣ୍ଟା ମଧ୍ୟରେ କ୍ରପ୍ ଇନ୍‌ସ୍ୟୁରନ୍ସ ଆପ୍ ଜରିଆରେ ରିପୋର୍ଟ କରିବାକୁ ହେବ। ବନ୍ୟପ୍ରାଣୀଜନିତ ଫସଲ କ୍ଷତିକୁ ବୀମାଭୁକ୍ତ କରିବା ପାଇଁ ଦୀର୍ଘଦିନ ହେଲା ବିଭିନ୍ନ ରାଜ୍ୟ ପକ୍ଷରୁ ଦାବି ହୋଇଆସୁଥିଲା। ୨୦୨୬ ଖରିଫ ଋତୁରୁ ପିଏମ୍‌ଏଫ୍‌ବିୱାଇର ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାଦ୍ୱାରା ମାନବ-ବନ୍ୟପ୍ରାଣୀ ଲଢ଼େଇରୁ ଫସଲ କ୍ଷତିର ସମ୍ମୁଖୀନ ହେଉଥିବା ଓଡ଼ିଶା ସମେତ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଚାଷୀ ଉପକୃତ ହେବେ।

# ପରିବେଶ ମଞ୍ଜୁରୀ ସମ୍ପର୍କିତ ପୂର୍ବ ରାୟ ପ୍ରତ୍ୟାହାର କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ପରିବେଶ ନିୟମାବଳୀର ଉଲ୍ଲଂଘନ କରିଥିବା ପ୍ରକଳ୍ପଗୁଡ଼ିକୁ ପଛିଲା ତାରିଖ ପକାଇ ପରବେଶ ମଞ୍ଜୁରୀ ପ୍ରଦାନରୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଗତ ମେ' ୧୬ରେ ରାୟ ଦେଇଥିଲେ। ମଙ୍ଗଳବାର ଉକ୍ତ ରାୟକୁ ସର୍ବୋଚ୍ଚ ଅଦାଲତ ୨:୧ ସଂଖ୍ୟାଗରିଷ୍ଠତାରେ ପ୍ରତ୍ୟାହାର କରିନେଇଛନ୍ତି। ବନଶକ୍ତି ରାୟ ବିରୋଧରେ ପାଖାପାଖି ୪୦ଟି ରିଭ୍ୟୁ ଏବଂ ସଂଶୋଧନର ଶୁଣାଣି କରି ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ୩ଟି ଅଲଗା ରାୟ ଦେଇଛନ୍ତି। ପୂର୍ବ ରାୟକୁ ଫେରାଇନେବା ସପକ୍ଷରେ ୨ ବିଚାରପତି ରାୟ ଦେଇଥିବାବେଳେ ଜଷ୍ଟିସ ଭୂୟାଁ ଭିନ୍ନ ମତ ରଖିଛନ୍ତି।

ମେ' ୧୬ରେ ଜଷ୍ଟିସ୍ ଏ.ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ନିୟମ ଉଲ୍ଲଂଘନ କରିଥିବା ପ୍ରକଳ୍ପକୁ ପୁରୁଣା ତାରିଖରେ ପରିବେଶ ମଞ୍ଜୁରୀ ନଦେବା ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଜେଆଇ ଗବଇ ଏବଂ ଜଷ୍ଟିସ୍ ଚନ୍ଦ୍ରନ ଉକ୍ତ ରାୟକୁ ପ୍ରତ୍ୟାହାର କରିନେଇ ସାନି ବିଚାର ପାଇଁ ଉପଯୁକ୍ତ ବେଞ୍ଚକୁ ପଠାଇଛନ୍ତି। ମଞ୍ଜୁରୀର ପୁନର୍ବିଚାର ନହେଲେ ୨୦ ହଜାର କୋଟି ଟଙ୍କାର ସାର୍ବଜନିକ ପ୍ରକଳ୍ପକୁ ଭାଙ୍ଗିବାକୁ ପଡ଼ିବ। ତେଣୁ ପୂର୍ବ ରାୟକୁ ପ୍ରତ୍ୟାହାର କରିନେବା ପାଇଁ ରାୟ ଦେଉଛି ବୋଲି ସିଜେଆଇ କହିଛନ୍ତି।

# ମାଗଣା ରାଶନ ଯୋଜନାରୁ ବାଦ୍ ପଡ଼ିଛନ୍ତି ୨.୨୫ କୋଟି ଅଯୋଗ୍ୟ ହିତାଧିକାରୀ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମାଗଣା ରାଶନ ଗରିବ ହିତାଧିକାରୀଙ୍କୁ ମାସିକ ୫ କିଲୋଗ୍ରାମ ଖାଦ୍ୟଶସ୍ୟ ମାଗଣା ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଯେପରି ଯୋଗ୍ୟ ହିତାଧିକାରୀ ଉପକୃତ ହେବେ, ସେଥିପାଇଁ ଗତ ୪-୫ ମାସ ମଧ୍ୟରେ ୨.୨୫ କୋଟି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଗଲାଣି। ଚାରିଚକିଆ ଯାନ, ମାସିକ ବେତନ ଥିବା ଲୋକେ ଏହି ଯୋଜନାରୁ ଅନୁଚିତ ଫାଇଦା ଉଠାଇ ଆସୁଥିଲେ। ସେମାନଙ୍କ ନାମକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ତାଲିକାରୁ କାଟିଦିଆଯାଇଥିବା ଖାଦ୍ୟ ସଚିବ ସଞ୍ଜୀବ ଚୋପ୍ରା ମଙ୍ଗଳବାର ଗଣମାଧ୍ୟମକୁ କହିଛନ୍ତି।

A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 992300031

# ଅଲ୍ ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଗିରଫ

ନୂଆଦିଲ୍ଲୀ,୧୮।୧୧


ଜୱାଦ ଅହମଦ ସିଦ୍ଦିକି

ଫରିଦାବାଦର ଅଲ୍ ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମଦ ସିଦ୍ଦିକିଙ୍କୁ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି। ଏହି ବିଶ୍ୱବିଦ୍ୟାଳୟ ଦିଲ୍ଲୀ ବିସ୍ଫୋରଣ ସହ ଜଡ଼ିତ ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ପାଲଟିଥିଲା। ଏହାର ୩ ଜଣ ଏମ୍‌ବିବିଏସ୍ ପାଠ୍ୟକ୍ରମ ପ୍ରଫେସର ଟେରର ମଡ୍ୟୁଲ୍‌ରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ବିଶ୍ୱବିଦ୍ୟାଳୟ ତଦନ୍ତ ପରିସରଭୁକ୍ତ ହୋଇଛି। ଅଲ୍ ଫଲାହ ଗ୍ରୁପ୍‌ର ଅଧ୍ୟକ୍ଷ ଥିବା ସିଦ୍ଦିକିଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନର ଧାରା ୧୯ ଅନୁଯାୟୀ ଗିରଫ କରାଯାଇଛି। ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ଡା. ଉମର ଉନ୍ ନବୀ ଉକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର। ଅଲ୍ ଫଲାହ ଗ୍ରୁପ୍ ସହ ୯ଟି ସେଲ୍ କମ୍ପାନୀ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି।

# ୪ ଡାକ୍ତରଙ୍କୁ କଠୋରପନ୍ଥୀ କରିଥିଲେ କଶ୍ମୀର ମୌଲବୀ

ନୂଆଦିଲ୍ଲୀ,୧୮।୧୧

ଦିଲ୍ଲୀର ବିସ୍ଫୋରଣରେ ସମ୍ପୃକ୍ତ ଡାକ୍ତରମାନଙ୍କ ଲାଇସେନ୍ସକୁ ଏବେ ରଦ୍ଦ କରାଯାଇଛି। ସେମାନେ ଜମ୍ମୁ-କଶ୍ମୀରର ମୌଲବୀ ଇର୍ଫାନ ଅହମଦଙ୍କ ସଂସ୍ପର୍ଶରେ ଆସିବା ପରେ କଠୋରପନ୍ଥୀ ପାଲଟିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ପାକିସ୍ତାନ ସମର୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ଆତଙ୍କବାଦୀ ଏବଂ ଫରିଦାବାଦ୍‌ର ଅଲ୍ ଫଲାହ ହସ୍ପିଟାଲର ପୂର୍ବତନ ଡାକ୍ତର ମୁଜାମିଲ ଶକିଲଙ୍କ ସହ ଅହମଦଙ୍କ ଯୋଗସୂତ୍ର ରହିଛି। ଏହି ହସ୍ପିଟାଲ ଆତଙ୍କବାଦୀ ସେଲ୍‌ର କେନ୍ଦ୍ର ପାଲଟିଥିଲା। ଶକିଲଙ୍କର ଫରିଦାବାଦରେ ଥିବା ୨ଟି ଭଡ଼ାଘରୁ ପୋଲିସ ଆମୋନିୟମ୍ ନାଇଟ୍ରେଟ୍ ସମେତ ୨,୯୫୦ କେ.ଜି. ବିସ୍ଫୋରକ ଜବତ କରିଥିଲା। ଆମୋନିୟମ ନାଇଟ୍ରେଟ୍‌କୁ ଦିଲ୍ଲୀ ବିସ୍ଫୋରଣରେ ବ୍ୟବହାର କରାଯାଇଥିଲା।

# ଦିଲ୍ଲୀ ଆଇଆଇଟି ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ

ନୂଆଦିଲ୍ଲୀ,୧୮।୧୧(ପି.ଟି.)

ଦିଲ୍ଲୀର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଆଇଆଇଟି) ଭାରତର ସର୍ବଶ୍ରେଷ୍ଠ ର୍ୟାଙ୍କ୍‌ର ଶିକ୍ଷାନୁଷ୍ଠାନ ହୋଇଥିବାବେଳେ ଏହା ପଛକୁ ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ରହିଛନ୍ତି। ମଙ୍ଗଳବାର ଘୋଷଣା କରାଯାଇଥିବା କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ସ୍ଥିରତା ର୍ୟାଙ୍କିଙ୍ଗରୁ ଏହା ଜଣାପଡ଼ିଛି। ୨୦୨୩ରୁ ଏହି ର୍ୟାଙ୍କିଙ୍ଗ୍ ହୋଇଆସୁଥିବାବେଳେ ସୁଇଡେନ୍‌ର ଲୁଣ୍ଡ୍ ୟୁନିଭର୍ସିଟି ପ୍ରଥମ ଥର ପାଇଁ ଶୀର୍ଷ ସ୍ଥାନରେ ରହିଛି। ଟରଣ୍ଟୋ ୟୁନିଭର୍ସିଟି ପୂର୍ବରୁ ପ୍ରଥମ ସ୍ଥାନରେ ଥିବାବେଳେ ଏଥର ଦ୍ୱିତୀୟ ସ୍ଥାନକୁ ଖସିଆସିଛି। ତୃତୀୟ ସ୍ଥାନରେ ବ୍ରିଟେନ୍‌ର ୟୁସିଏଲ୍ ରହିଛି। ଭାରତର ୧୦୩ ୟୁନିଭର୍ସିଟି ମଧ୍ୟରୁ ୩୨ଟିର ର୍ୟାଙ୍କ୍ ଗତବର୍ଷ ତୁଳନାରେ ଉନ୍ନତ ହୋଇଥିବାବେଳେ ୧୫ଟି ସମାନ ର୍ୟାଙ୍କ୍ ବଜାୟ ରଖିଛନ୍ତି ଏବଂ ୩୦ଟିର ଅବନତି ହୋଇଛି। ଦିଲ୍ଲୀ ଆଇଆଇଟି ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ଶିକ୍ଷାନୁଷ୍ଠାନ ଭାବେ ପୁନର୍ବାର ସ୍ଥାନ ପାଇଛି। ଚଳିତବର୍ଷ ଏହା ୨୦୫ତମ ସ୍ଥାନରେ ରହିଛି। ତେବେ ଏହି ଶିକ୍ଷାନୁଷ୍ଠାନର ମୋଟାମୋଟି ସ୍କୋର ପୂର୍ବବର୍ଷ ଅପେକ୍ଷା ଭଲ ରହିଛି।

# ଅବଦାନ, ଆହ୍ୱାନକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପୁରୁଷ ଦିବସ



ସମାଜରେ ପୁରୁଷଙ୍କ ସଫଳତା ଓ ଅବଦାନକୁ ସମ୍ମାନିତ କରିବା, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବିଷୟରେ ସଚେତନତା ବୃଦ୍ଧି ତଥା ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ପାଇଁ ନଭେମ୍ବର ୧୯ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ପୁରୁଷ ଦିବସ। ଏହି ଦିବସ ମାନସିକ ସ୍ୱାସ୍ଥ୍ୟ, ପୁରୁଷ ଆତ୍ମହତ୍ୟା ଏବଂ ପୁରୁଷ ତଥା ପୁଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଆଣିଥାଏ। ଏଥିସହିତ ସକାରାତ୍ମକ ପୁରୁଷ ଆଦର୍ଶକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

୧୯୯୯ ନଭେମ୍ବର ୧୯କୁ ଆନୁଷ୍ଠାନିକ ରୂପେ 'ପୁରୁଷ ଦିବସ' ଭାବେ ତ୍ରିନିଦାଦ ଏବଂ ଟୋବାଗୋରେ ଡକ୍ଟର ଜେରୋମ ଟିଲକସିଂ ପାଳନ କରିଥିଲେ। ସେ ତାଙ୍କ ପିତାଙ୍କ ଜନ୍ମଦିନକୁ ସମ୍ମାନ ଜଣାଇବା ତଥା ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ତ୍ରିନିଦାଦ ଏବଂ ଟୋବାଗୋ ଫୁଟବଲ ଦଳର ଭୂମିକାକୁ ସ୍ୱୀକୃତି ଦେବା ପାଇଁ ସେ ଏହି ଦିବସକୁ ବାଛିଥିଲେ। ଅବଶ୍ୟ ଏହି ଦିବସର ଧାରଣା ୧୯୯୦ ଦଶକର ପ୍ରାରମ୍ଭରେ ଥମାସ ଓଷ୍ଟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ୧୯୯୨ ମସିହାରେ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କିନ୍ତୁ ଏହି ଦିବସକୁ ପୁନଃ ସଂସ୍ଥାପିତ ତଥା ବିଶ୍ୱବ୍ୟାପୀ ଲୋକପ୍ରିୟ କରିବାର ଶ୍ରେୟ ଟିଲକସିଂଙ୍କୁ ଦିଆଯାଏ। ଏହି ଦିବସଟି ଏବେ ୮୦ରୁ ଅଧିକ ଦେଶରେ ପାଳିତ ହେଉଛି।

# ବିଶ୍ୱର ସର୍ବବୃହତ୍ ଶୌଚାଳୟ



## ଆଜି ବିଶ୍ୱ ଶୌଚାଳୟ ଦିବସ

ବିଶ୍ୱ ପରିମଳ ସଙ୍କଟର ମୁକାବିଲା, ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ ଏବଂ ପରିମଳ ସୁନିଶ୍ଚିତ କରିବା ଲାଗି ସଚେତନତା ବୃଦ୍ଧି ସକାଶେ ୨୦୦୧ରୁ ନଭେମ୍ବର ୧୯ ରେ ପାଳିତ ହୋଇଆସୁଛି ବିଶ୍ୱ ଶୌଚାଳୟ ଦିବସ।

ପରିମଳ ଓ ସାର୍ବଜନୀନ ଶୌଚାଳୟ କେବଳ ଦୈନନ୍ଦିନ ଆବଶ୍ୟକତା ନୁହେଁ, ବରଂ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ମୌଳିକ ଆବଶ୍ୟକତା। ତେବେ ଏଭଳି ଏକ ସ୍ଥାନ ଅଛି, ଯେଉଁଠାରେ ଏକ ସମୟରେ ୧,୦୦୦ ଲୋକ ଶୌଚାଳୟ ବ୍ୟବହାର କରିପାରିବେ। ଏହା କୌଣସି ମଜାଳିଆ କଥା ନୁହେଁ, ଚାଇନାର ଚୋଙ୍ଗକିଙ୍ଗରେ ଥିବା ପୋର୍ସେଲେନ ପ୍ୟାଲେସକୁ ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ କୁହାଯାଏ। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ ବରଂ ଡିଜାଇନ ଏବଂ ସାଜସଜ୍ଜାରେ ମଧ୍ୟ ଆକର୍ଷଣୀୟ। ଏହାର ପ୍ରାସାଦ ପରି ସାଜସଜ୍ଜା ଏବଂ ଅତ୍ୟାଧୁନିକ ବ୍ୟବସ୍ଥା, ଇଜିପ୍ଟ ଶୈଳୀର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ନିରୂପିତ କରିଥାଏ। ପୋର୍ସେଲେନ ପ୍ୟାଲେସ ପ୍ରାୟ ୩୨,୨୯୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏବଂ ଏଥିରେ ୧,୦୦୦ରୁ ଅଧିକ ଶୌଚାଳୟ ରହିଛି। ଏହାର ସମଗ୍ର ପରିସରରେ ଇଜିପ୍ଟ ଶୈଳୀର ସାଜସଜ୍ଜା ଦେଖିବାକୁ ମିଳେ, ଯାହା ଏହାକୁ ଏକ ସାଧାରଣ ଶୌଚାଳୟ ଅପେକ୍ଷା ଅଧିକ ଆକର୍ଷଣୀୟ କରିଥାଏ। ଏହାକୁ କେବଳ ବ୍ୟବହାରର ସ୍ଥାନ ନୁହେଁ ବରଂ ଏକ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଛି।

ଏହା ସହରବାସୀ ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏତେ ବଡ଼ ସାର୍ବଜନୀନ ଶୌଚାଳୟ ସହିତ, ଏହାକୁ ବଡ଼ଭିଡ଼ ଏବଂ କାର୍ଯ୍ୟକ୍ରମ ସମୟରେ ମଧ୍ୟ ସହଜରେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ, ଏହାର ପରିଚ୍ଛନ୍ନତା ଏବଂ ଆଧୁନିକ ଉପକରଣ ଏହାକୁ ସୁରକ୍ଷିତ କରିଥାଏ। ତେବେ ପୋର୍ସେଲେନ ପ୍ୟାଲେସ ପ୍ରମାଣିତ କରିଛି ଯେ, ଶୌଚାଳୟ କେବଳ ଏକ ଆବଶ୍ୟକୀୟ ସୁବିଧା ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ପର୍ଯ୍ୟଟନସ୍ଥଳ ମଧ୍ୟ ହୋଇପାରେ।

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
QUOTATION CALL NOTICE
Sealed quotations in prescribed format are invited from eligible bidders for various types of repair & maintenance works at NLUO Cuttack. Last date & time of receipt is 01.12.2025 at 11.00 A.M. For details please visit website: https://nluo.ac.in/tenders/
Sd/- Registrar

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିକି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୨, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: (୧) ଚକ୍ରଧରପୁର ମଣ୍ଡଳ - ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ଅଁଳାଯୋଡ଼ି ଏବଂ ଅଁଳାଯୋଡ଼ି-ବାଦାମପାହାଡ଼ ମଧ୍ୟରେ ୩୫୧୯୭ ମିଟର ସେସ୍ ମରାମତି କାର୍ଯ୍ୟ । (୨) ଏଡିଇଏନ୍/।/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର-ଅସନବଣି ସେକ୍ସନ ମଧ୍ୟରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । (୩) ଏଡିଇଏନ୍-।।-ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୭,୦୪,୪୨,୪୭୪.୮୯ । ଇଏମ୍‌ଡି: ₹୫,୦୨,୨୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ: ତା୧୦।୧୨।୨୦୨୫ରିଖ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-।/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-849)

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R&B) DIVISION, BARIPADA
No. B-709 e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No. S.E. - 54/2025-26
1. Number of Works : 2 (Two) Number of Road works
2. Approximate estimated cost : 8.43 lakh to 12.68 lakh
3. Period of Completion : 01 (One) Calendar Month
4. Date & time of availability of bid document in the portal : Dt.20.11.2025 to 04.12.2025
5. Last date/time of receipt of bid in the portal : Dt.04.12.2025 upto 5.00 P.M.
6. Date of Opening of bid : Dt.05.12.2025 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada
Further details can be seen from the e-procurement portal http://www.tendersodisha.gov.in.
Sd./- R.G. Ray
Superintending Engineer
Mayurbhanj (R&B) Division
OIPR-

NATIONAL COMPETITIVE BIDDING THROUGH e-Procurement
Tel. No. 06752222092, e-mail id: eerwpuri@gmail.com
TCN No. TENDER ONLINE - 11 of 2025-26
No. 8794 Dt.29.10.2025
No. O-1417: The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2025-26 in the District of Puri.
1. Total No. of Works : 5 Nos.
2. Tender cost of packages : Amount varies from Rs.21.01 lakh to Rs.42.02 lakh
3. Class of Contractor : As per DTCN
4. Period of Completion : 2 (Two) Calendar Months
5. Period of availability of tenders online/date & time of bidding online/last date of seeking clarification/date of opening of tender papers.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online - 11 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 1.30 P.M. | 03.12.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "https://tendersodisha.gov.in".
OIPR- Sd./- Superintending Engineer, R.W. Division, Puri

OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-1486
"e" Procurement Notice for Road Work
Identification No. Online Tender - Road N.C.B. No. 47 for 2025-26
Letter No. 4154 Date: 14.11.25
1. Name of the Work : (Road works under MMSY CMRL)
2. Total No. of Work : 02 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 47 of 2025-26 | 21.11.2025 at 11.00 A.M. | 03.12.2025 upto 5.00 P.M. | 02.12.2025 upto 5.00 P.M. | 04.12.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
OIPR- Sd./- Chief Construction Engineer, R.W. Circle, Balasore

TENDER CALL NOTICE No. MM-279
OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR
At/P.O.: Salapada, Dist.: Keonjhar, PIN - 758020, Telephone: 06731-220322, e-mail id: dfo.keonjharwl@odisha.gov.in
e-Procurement Notice for SMC Works Identification No., Bid Identification No. DFO-KJR WL-03 of 2025-26
E-mail address: dfo.keonjharwl@odisha.gov.in
No. 5277 Dt.13.11.2025
1. Name of the Work : Construction of Waterbody and Water Harvesting Structure
2. Total No. of works : 3 (Three) Nos. (Percentage rate tender)
3. Estimated Cost : Approx. estimate cost Rs.635631.00 to Rs.1050532.00
4. Class of Contractor : 'C' Class
5. Other details :

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender, Divisional Forest Officer, Keonjhar Wildlife Division, Anandapur | Amount of Bid Security |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Divisional Forest Officer, Keonjhar Wildlife Division, Anandapur | Online DFO-KJR WL-02 of 2025-26 | 20.11.2025 at 10.00 A.M. | 28.11.2025 upto 5.30 P.M. | 29.11.2025 11.30 A.M. | 1% of Estimated Cost |

Further details can be seen from the website www.tendersorissa.gov.in & www.tenders.ori.nic.in.
OIPR- Sd./- Divisional Forest Officer, Keonjhar Wildlife Division, Anandapur

GOVERNMENT OF ODISHA
DEPARTMENT OF WATER RESOURCES, OFFICE OF THE CHIEF ENGINEER & BASIN MANAGER
Tel Basin, Bhawanipatna, Dist.: Kalahandi, E-mail ID: cetelbasinbhp@gmail.com/, Phone No.: 06670-230209
NOTICE INVITING TENDER
E-Procurement Notice No. CE&BM, TEL - P1-05/2025-26, Bid Identification No. CETEL-BID-02/2025-26
No. A-905: The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites Online percentage rate tender through e-procurement in double cover system.
Table-1: Details of Critical Dates, details of work, Bid Security

| Pkg. No. | Bid ID No. | Name of Work | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document (Online) - (in INR) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-BOUDH - 02 /2025-26 | "Flood Protection Work at the right bank of river Salki near village Balasinga GP of Boudh block. (Working RD 18400m to 19100m)" | Rs.3,69,96,484.50/- (Excluding GST) | 'A' Class only | Rs.3,69,965/- | Rs.10,000/- | 12 (Twelve) Calendar Months |

Table-2: e-Procurement Details

| Procurement Officer | Bid Identification No. | Availability of Tender Online for Bidding | | Date of Seeking tender clarification | Date & Time of opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Bais Manager, Tel Basin, Bhawanipatna | CETEL - BOUDH - 02/2025-26 | Dt.20.11.2025 at 10.00 hours | Dt.05.12.2025 Upto 17.00 hours | Dt.20.11.2025 to 01.12.2025 at Office during office hours | Dt.06.12.2025 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. Website www.tendersodisha.gov.in.
* Other terms & conditions can be seen from the Government website www.tendersodisha.gov.in.
* The Corrigendum/Cancellation of tender, if any, will be uploaded and can be seen from the above website only.
OIPR- Sd./- Chief Engineer & Basin Manager, Tel Basin, Bhawanipatna

भा.क.नि. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ
कपास किसान
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୮.୧୧.୨୦୨୫
କପା ଚାଷୀଙ୍କୁ ଆହ୍ୱାନ
ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।
ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।
ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।
ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।
ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।
ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।
ସ୍ୱା/-ଶାଖା ପ୍ରମୁଖ

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜଶିଟ୍ ଦାଖଲକଲା ଏନ୍‌ଆଇଏ

ଭୁବନେଶ୍ୱର, ୧୮।୧୧
(ତ୍ରିନାଥ ମହାନ୍ତି)

**ବାଂଲାଦେଶୀ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ମାମଲା**

**ପୂର୍ବରୁ ୬ ଜଣଙ୍କ ବିରୋଧରେ ୨ ଚାର୍ଜଶିଟ୍ ଦାଖଲ କରିଥିଲା ପୋଲିସ**

ବାଂଲାଦେଶୀ ନାବାଳିକାକୁ ଚାକିରି ପ୍ରଲୋଭନ ଦେଖାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ୧୦ଜଣ ଅଭିଯୁକ୍ତଙ୍କ ବିରୋଧରେ ୩୪୨ ପୃଷ୍ଠାର ଏହି ଚାର୍ଜଶିଟ ଦାଖଲ କରାଯାଇଛି। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଆଇଏ ହାସଲ କରିଥିବା ପ୍ରମାଣ, ପୀଡିତାଙ୍କ ବୟାନ ରେକର୍ଡ ଏବଂ ସାକ୍ଷୀଙ୍କ ମତ ରହିଛି। ତେବେ ଖୁବ୍‌ଶୀଘ୍ର ଏହାର ଚାର୍ଜଫ୍ରେମ କରାଯିବ ଓ ଏହାପରେ ମାମଲାର ଶୁଣାଣି ଏନ୍‌ଆଇଏ କୋର୍ଟରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅଭିଯୁକ୍ତମାନେ ନାବାଳିକାଙ୍କ ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଓ ଚାକିରି ପ୍ରଲୋଭନ ଦେଖାଇ ତାଙ୍କୁ ସୀମାପାର କରାଇ ଭୁବନେଶ୍ୱର ଆଣିଥିଲେ। ତଦନ୍ତ ସମୟରେ ଏନ୍‌ଆଇଏ ଏହା ଜାଣିବା ସହ ମାନବ ଚାଲାଣ ର୍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ହାସଲ କରିଛି। ପୋଲିସ ଆରମ୍ଭରୁ ପୋକ୍ସୋ କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ଟି ଚାର୍ଜଶିଟ ଦାଖଲ କରିଥିଲା। ପ୍ରମାଣ ହସ୍ତଗତ ହେଲା ପରେ ଏନ୍‌ଆଇଏ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଆର୍ଥିକ ନେଣଦେଣ ସମ୍ପର୍କିତ ତଥ୍ୟ ହାସଲ କରିଛି। ଅନ୍ୟ ଏକ ମାମଲାରେ ଏନ୍‌ଆଇଏ ଆନ୍ତଃରାଜ୍ୟ ମାଷ୍ଟରମାଇଣ୍ଡ ବିରୋଧରେ ଚାର୍ଜଶିଟ ଦାଖଲ କରିଛି, ଯାହାଙ୍କର ପାକିସ୍ତାନରୁ ପରିଚାଳିତ ସଂସ୍ଥା ସହିତ ସମ୍ପର୍କ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଧାନୀକୁ ନାବାଳିକାଙ୍କୁ ଆଣିବା ପଛରେ ପଶ୍ଚିମବଙ୍ଗରେ ମାନବ ଚାଲାଣ ର୍ୟାକେଟ କାମ କରୁଛି। ଚାକିରି ଲୋଭ ଦେଖାଇ ବାଂଲାଦେଶୀ ନାବାଳିକାଙ୍କୁ ସୀମା ପାର କରାଇ ପ୍ରଥମେ ପଶ୍ଚିମବଙ୍ଗ ଆଣୁଛନ୍ତି। ସେଠାରେ ସେମାନଙ୍କର ଫେକ୍ ଆଧାରକାର୍ଡ ପ୍ରସ୍ତୁତ କରାଯିବା ପରେ ଭୁବନେଶ୍ୱର ଚାଲାଣ କରାଯାଉଛି। ଏଠାରେ ଏକାଧିକ ବାର୍ ଓ ପାର୍ଲରରେ ରଖାଯାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଯାଉଛି।

# ସାଇବର ଠକେଇ, ୧୦ ଗିରଫ

**■୪୧ ଏଟିଏମ୍ କାର୍ଡ, ପାସ୍‌ବୁକ୍, ମୋବାଇଲ, ଗାଡ଼ି ଜବତ**

**■୨ ନାବାଳକଙ୍କୁ କୋର୍ଟରେ ହାଜର**



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଝାରସୁଗୁଡ଼ା, ୧୮।୧୧
(ଆଶିଷ ରଞ୍ଜନ ଦାଶ)

ସାଇବର ଠକେଇ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଏକ ଗ୍ୟାଙ୍ଗର ୧୨ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକଙ୍କୁ ଝାରସୁଗୁଡ଼ା ଜିଲା କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଚୌକିପଡ଼ାର ସୋନୁ ମଣ୍ଡଳ(୨୩), ଶୁଭମ୍ ପ୍ରସାଦ(୨୧), ଯୁଗଳ ବଗିଚାର ଶିବମ୍ ସାହୁ(୨୦), ବଙ୍ଗାଳିପଡ଼ାର ଅଭୟ ଘୋଷ(୨୦), କଷ୍ଟ କଲୋନିର ସମୀର ସୁନା(୨୦), ସରବାହାଲ ଅଞ୍ଚଳର ଏମ୍. ଜଗଦୀଶ୍ୱର ରାଓ(୧୯), ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଟେମୁରା ଅଞ୍ଚଳର ନରେଶ ବାଗ(୨୫), ଧୀରଜ ଗର୍ଡିଆ(୧୯), ଯୋଗେଶ୍ୱର ଚାନ୍ଦ(୨୪) ଏବଂ ରାଉରକେଲାର ଅଭିରାଜ ସା(୧୯)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୬୧ରୁ ଅଧିକ ପାସ୍‌ବୁକ୍, ୪୧ଟି ଏଟିଏମ୍ କାର୍ଡ, ୧୯ଟି ମୋବାଇଲ, ଏକ ସ୍କୁଟର ସହ ଗୋଟିଏ କାର ଜବତ କରାଯାଇଛି। ଏହି ଘଟଣାର ଚେର ଝାରସୁଗୁଡ଼ାରୁ ଜାମତରା, ବିହାର ଓ ରାଜସ୍ଥାନକୁ ଲମ୍ବିଛି। ଆଗାମୀ ଦିନରେ ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ମଙ୍ଗଳବାର ଅପରାହ୍ନରେ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜାମତରା, ବିହାର ଓ ରାଜସ୍ଥାନ ଆଦି ଅଞ୍ଚଳର ଏକାଧିକ ସାଇବର ଠକେଇ ଗ୍ୟାଙ୍ଗ୍ ପାଇଁ କାମ କରୁଥିଲେ। ଗେମିଂରୁ ଅର୍ଥ ମିଳିବ ବୋଲି କହି ନିରୀହ ଲୋକଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ଲୋକଙ୍କ ନାଁରେ ବ୍ୟାଙ୍କରେ ପାସ୍‌ବୁକ୍ ଖୋଲାଇବା ପରେ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍‌କାର୍ଡ ଡିଟେଲ୍ସ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ଥିବା ସାଇବର ଗ୍ୟାଙ୍ଗର କାର୍ଯ୍ୟାଳୟକୁ ପଠାଇଥିଲେ। ସାଇବର ଠକେଇରୁ ମିଳିଥିବା ଟଙ୍କାକୁ ଝାରସୁଗୁଡ଼ାର ବିଭିନ୍ନ ଏଟିଏମ୍‌ରୁ ଉଠାଣ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହୁଥିବା ଆକାଉଣ୍ଟରେ ଜମା କରୁଥିଲେ। ସାଇବର ଠକେଇ ଗ୍ୟାଙ୍ଗର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନିଜ ପାଖକୁ ଆଣୁଥିଲେ। ଏହି ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୭୬/୨୫) ରୁଜୁ କରିଥିଲା। ତୁରନ୍ତ ତଦନ୍ତ ଆରମ୍ଭ ହେବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋମବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ଅଞ୍ଚଳରେ ଅଭିଯୁକ୍ତମାନେ ଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

# ପୋଲିସକୁ ଧକ୍କାମାରି ଜବତ ଡମ୍ପର ନେଇଗଲେ

ମୋରଡ଼ା, ୧୮।୧୧ (ସ୍ମାରକ ମାଜୀ)

**■ଗୋଡ଼ାଇ ଧରିଲେ ଥାନା ଅଧିକାରୀ**

**■ ରାସଗୋବିନ୍ଦପୁରରେ ବାଲି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ବଢ଼ି ଚାଲିଛି। ପୋଲିସ ଏହା ଉପରେ ରୋକ୍ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଏପରିକି ଜଣେ କନ୍‌ଷ୍ଟେବଲଙ୍କୁ ଧକ୍କାମାରି ଜବତ ୨ ଡମ୍ପରକୁ ଚୋରା ଚାଲାଣକାରୀମାନେ ଛଡ଼ାଇ ନେଇଥିବାବେଳେ ଥାନା ଅଧିକାରୀ ଗୋଡ଼ାଇ ଗୋଡ଼ାଇ ସେହି ଡମ୍ପରକୁ ଥାନାକୁ ଆଣିଥିବା କହିଛନ୍ତି।


ଜବତ ଡମ୍ପରକୁ କ୍ରେନ୍ ସହାୟତାରେ ଥାନାକୁ ଅଣାଯାଉଛି।

ସୂଚନା ଅନୁଯାୟୀ, ସୋମବାର ରାସଗୋବିନ୍ଦପୁର ପୋଲିସ ୭ଟି ଡମ୍ପର ଜବତ କରିଥିଲା। ୫ଟି ଡମ୍ପରକୁ ଥାନାକୁ ଆଣିଥିଲାବେଳେ ଅବଶିଷ୍ଟ ୨ଟି ଡମ୍ପର ସ୍ଥାନୀୟ ମୂଷାମାରୀସ୍ଥିତ ପେଟ୍ରୋଲ ପମ୍ପରେ ରଖିଥିଲା। ସୋମବାର ରାତିରେ ଜବତ ୨ ଡମ୍ପରକୁ ଜଣେ କନ୍‌ଷ୍ଟେବଲ ଜଗି ରହିଥିଲେ। ରାତି ପ୍ରାୟ ୯ଟା ୩୦ମିନିଟ୍ ସମୟରେ ଏକ କାର୍‌ରେ କେତେଜଣ ଲୋକ ଆସି କନ୍‌ଷ୍ଟେବଲଙ୍କୁ ଧକ୍କାମାରି ସେଠାରୁ ଜବତ ୨ ଡମ୍ପରକୁ ନେଇ ପଳାଇଥିଲେ। ଖବରପାଇ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ନିଜ ଟିମ୍ ସହ ପିଛାକରି ଉକ୍ତ ୨ ଡମ୍ପରକୁ ବାଛୁରୀପାଳ ଛକ ନିକଟରେ ଅଟକାଇ କ୍ରେନ୍ ସାହାଯ୍ୟରେ ପୁଣି ଥାନାକୁ ଆଣିଥିଲେ। ଡମ୍ପରକୁ ଏସ୍କର୍ଟ ଦେଉଥିବା କାର୍ ଏବଂ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ଘରେ ପଶି ମହିଳାଙ୍କୁ ଆକ୍ରମଣକରି ନେଇଗଲେ ସୁନାଗହଣା

ବାସୁଦେବପୁର, ୧୮।୧୧ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

**ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଛେଚାଖାଇଲେ ଦୁର୍ବୃତ୍ତ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ପାଳସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଗ୍ରାମର ପ୍ରଫୁଲ୍ଲ ଲେଙ୍କାଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ସୁନାଗହଣା ନେଇଯାଇଛନ୍ତି। ଅଳଙ୍କାର ଲୁଟି ପଳାଉଥିବାବେଳେ ୨ଜଣ ଦୁର୍ବୃତ୍ତ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ଛେଚା ଖାଇଥିବାବେଳେ ଅନ୍ୟ ୨ଜଣ ଖସି ପଳାଇଛନ୍ତି। ଏନେଇ ମଙ୍ଗଳବାର ପ୍ରଫୁଲ୍ଲଙ୍କ ଅଭିଯୋଗକ୍ରମେ କଞ୍ଚିଆ ସାମୁଦ୍ରିକ ଥାନାରେ ଏକ ମାମଲା (ନଂ.୧୫୪/୨୫) ରୁଜୁ ସହ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଅନନ୍ତ ନାୟକ(୩୦) ଓ ଭରତ ଜେନା (୩୫)। ପୂର୍ବାହ୍ନରେ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ସହ କଞ୍ଚିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ରାତିରେ ଗ୍ରାମରେ ଏକ ଭୋଜି ଖାଇବାକୁ ଯାଇଥିଲେ। ଘରେ ତାଙ୍କ ସ୍ତ୍ରୀ କାମିନୀ ଓ ଝିଅ ଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ସେମାନଙ୍କୁ ଭୟଭୀତ କରାଇ ଗୋଟିଏ ଘର ଭିତରେ ବାନ୍ଧି ପକାଇଥିଲେ। କାମିନୀଙ୍କୁ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ ଭୁଜାଲିରେ ଆକ୍ରମଣ କରି ସେ ପିନ୍ଧିଥିବା ସୁନାଗହଣା ଓ ଘରେ ଥିବା ୨ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର ନେଇ ସେମାନେ ପଳାଉଥିଲେ। ଏହି ସମୟରେ ପ୍ରଫୁଲ୍ଲ ଘରକୁ ଫେରି ଆସିବାର ଦେଖି ସେମାନେ ଦୌଡ଼ି ପଳାଇବା ବେଳେ ଗ୍ରାମବାସୀ ଜଣଙ୍କୁ ମାଡ଼ି ବସିଥିଲେ। ଦୁର୍ବୃତ୍ତମାନେ ଆସିଥିବା ବୋଲେରୋକୁ ଗ୍ରାମବାସୀ ପିଛା କରି ଟେକା ପଥର ଫିଙ୍ଗିବା ସହ ଲକ୍ଷ୍ମୀଦାସପୁର ଛକ ନିକଟରେ ଅଟକାଇଥିଲେ। ଚାଳକଙ୍କୁ ମାଡ଼ ମାରି ପୋଲିସକୁ ଖବର ଦେଇଥିଲେ। ଖବରପାଇ ନାୟକାଣିଡିହୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ, ଚାଳକ ଭରତଙ୍କୁ ଧରିଥିବା ବେଳେ ଅନ୍ୟ ୨ ଦୁର୍ବୃତ୍ତ ଅନ୍ଧାରରେ ଦୌଡ଼ି ପଳାଇଥିଲେ।

# ନାବାଳିକା ବଳାତ୍କାର ମାମଲା: ଓଏପିଏଫ୍ ଯବାନଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୧୮।୧୧
(ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୬ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୧ ବର୍ଷ ୬ ମାସ ୧୫ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାରଙ୍ଗଡ଼ ଥାନା କପୁଗୁଡ଼ା ଗ୍ରାମର ଗୌତମ ପ୍ରଧାନ(୪୩)। ସେ ଖୋର୍ଦ୍ଧା ଜିଲା ନାଭାଲ ଫାଣ୍ଡିରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୧ରେ ନାବାଳିକା ଜଣଙ୍କ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ଗୌତମ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପୀଡିତା ରାଇକିଆ କଲେଜରେ ପଢ଼ିବା ବେଳେ ମଧ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ପୀଡ଼ିତା ବାରମ୍ବାର କହିବା ସତ୍ତ୍ୱେ ଗୌତମ ବିଭିନ୍ନ ବାହାନା କରି ରାଜି ହେଉ ନ ଥିଲେ। ୨୦୨୨ ଜୁଲାଇ ୧୩ ତାରିଖରେ ପୀଡିତା ଏ ନେଇ ସାରଙ୍ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୨୨ରେ ମାମଲା ରୁଜୁ କରି ଗୌତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

# ରାସ୍ତା ପାଇଁ ସାଲିଆ ସାହିରେ ଜବରଦଖଲ ଉଚ୍ଛେଦ


ରାସ୍ତା ପାଇଁ ସାଲିଆ ସାହିରେ ନିର୍ମାଣ ହୋଇଥିବା ଜବରଦଖଲକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।


ଉଚ୍ଛେଦ ପରେ ମାଟିରେ ମିଶିଥିବା ଘର।

## ଜେସିବି ଆଗରେ ଶୋଇ ବସ୍ତି ବାସିନ୍ଦାଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୮।୧୧ (ସତ୍ୟଜିତ ରାଉତ)

**■ ସାଲା ମାରାଣ୍ଡିଙ୍କ ସମେତ ୨ଜଣଙ୍କୁ କୋର୍ଟ ଚାଲାଣ**

**■ ୪୦ରୁ ଊର୍ଦ୍ଧ୍ୱ ଘର ମାଟିରେ ମିଶିଲା, ପୋଲିସ-ବସ୍ତିବାସିନ୍ଦା ମୁହାଁମୁହିଁ**

ବାମ ସମାନ୍ତରାଳ ରାସ୍ତା ନିର୍ମାଣ ପାଇଁ ମଙ୍ଗଳବାର ସାଲିଆ ସାହିରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏହି ଉଚ୍ଛେଦବେଳେ ପୋଲିସ ଓ ମିଳିତ ଉଚ୍ଛେଦକାରୀ ଟିମ୍ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏହାକୁ ନେଇ ସାଲିଆ ସାହିରେ ଦିନସାରା ଉତ୍ତେଜନା ଲାଗି ରହିଥିଲା। ଉଚ୍ଛେଦ ବଦଳରେ ପ୍ରତିଶ୍ରୁତି ଅନୁଯାୟୀ ସ୍ଥାୟୀ ଜମିପଟ୍ଟା ଦିଆଯାଉ ବୋଲି ଦାବି କରି ବସ୍ତିବାସିନ୍ଦାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ମିଳିତ ଟିମ୍ ପ୍ରଥମ ଦିନରେ ୱାର୍ଡ ନଂ. ୨୧ରେ ଥିବା ୪୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବାରେ ସଫଳ ହୋଇଛି। ଉକ୍ତ ଘରେ ଥିବା ଲୋକମାନଙ୍କୁ ଚନ୍ଦ୍ରଶେଖରପୁର ବୁଦ୍ଧବିହାରସ୍ଥିତ ସୁଲଭ ଆବାସରେ(ସରକାରୀ ଆପାର୍ଟମେଣ୍ଟ) ଥାଇଥାନ କରାଯାଇଛି। ଆଗାମୀ ୭ଦିନ ପର୍ଯ୍ୟନ୍ତ ମୋଟ ୫୫୬ଟି ଘର ଭାଙ୍ଗିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ଉଚ୍ଛେଦ ବେଳେ ସରକାରୀ କାର୍ଯ୍ୟରେ ବାଧା ଉପୁଜେଇବା ଏବଂ ବିଶୃଙ୍ଖଳା ସୃଷ୍ଟି କରିବା ଅଭିଯୋଗରେ ସାଲିଆ ସାହି ଆଞ୍ଚଳିକ କମିଟି ନେତା ସାଲା ମାରାଣ୍ଡି ଏବଂ ନିରୁପମା ନାୟକଙ୍କୁ ମୈତ୍ରୀ ବିହାର ଥାନା ପକ୍ଷରୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ତେବେ ବିକ୍ଷୋଭସ୍ଥଳରେ ବହୁ ଆଧାରକାର୍ଡ ଠାବ ହୋଇଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ମଙ୍ଗଳବାର ଘର ଉଚ୍ଛେଦ ହେବାକୁ ନେଇ ସୋମବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ସାଲିଆ ସାହିରେ ଅବଗତ କରାଯାଇଥିଲା। ଆସବାବ ପତ୍ର ବାହାର କରି ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଏହି ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), କମିଶନରେଟ୍ ପୋଲିସ, ୱାଟ୍‌କୋ ଆଦିର ମିଳିତ ଉଚ୍ଛେଦକାରୀ ଟିମ୍ ମଙ୍ଗଳବାର ସକାଳ ସମୟରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପ୍ରାୟ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଆନ୍ଦୋଳନକାରୀମାନେ ଜିଦ୍‌ରେ ଅଡ଼ି ବସିଥିବାବେଳେ ସେମାନଙ୍କ କୌଣସି କଥା ନ ଶୁଣି ପୋଲିସ ଘରକୁ ଭାଙ୍ଗିବା ସହ ଘଉଡ଼ାଇ ଦେଇଥିଲା।

### ଅଚେତ ହେଲେ ଏକାଧିକ ଆନ୍ଦୋଳନକାରୀ

ପ୍ରଥମେ ହାତିଆଶୁଣୀ ପାର୍ଶ୍ୱରୁ ଜେସିବି ସାହାଯ୍ୟରେ ଘର ଭଙ୍ଗା କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ତେବେ ଏହି ସମୟରେ ଆନ୍ଦୋଳନକାରୀମାନେ ଉଚ୍ଛେଦକାରୀ ଟିମ୍‌ର ବାଟ ଓଗାଳିବା ସହ ଜେସିବି ଆଗରେ ଶୋଇ ପ୍ରତିବାଦ କରିଥିଲେ। ପୋଲିସ ଫୋର୍ସ ସେମାନଙ୍କୁ ବଳପୂର୍ବକ ଉଠାଇବାକୁ ଚେଷ୍ଟା କରିବା ବେଳେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ଉଚ୍ଛେଦକୁ ବିରୋଧ କରି କେତେଜଣ ଲୋକ ସେଠାରେ ଅଚେତ ହୋଇପଡ଼ିଥିଲେ। ପୋଲିସ ୧୦୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଏନଫୋର୍ସମେଣ୍ଟ ଟିମ୍ ଘରକୁ ଭାଙ୍ଗିବା ସହ ଆସବାବପତ୍ର ବାହାର କରିଦେଇଥିଲା। ଆଖି ଆଗରେ ଘର ଭଙ୍ଗା ହେଉଥିବା ଦେଖି କିଛି ଲୋକ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ଷ୍ଟ୍ରେଚର ଜରିଆରେ ଆମ୍ବୁଲାନ୍ସରେ ହସ୍ପିଟାଲ ନିଆଯାଇଥିଲା।

### ମିଳିଲା ପୁଳାପୁଳା ଆଧାର କାର୍ଡ

ଆନ୍ଦୋଳନକାରୀମାନେ ଅସ୍ଥାୟୀ କୁଡ଼ିଆ କରି ଦୀର୍ଘଦିନ ହେବ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ଦେଇଥିଲା। ଉକ୍ତ ଘରକୁ ଜେସିବି ମାଟିରେ ମିଶାଇ ଦେଇଥିଲା। ଏହି ସମୟରେ ସେଠାରୁ ଅନେକ ଆଧାର କାର୍ଡ ଠାବ ହୋଇଥିଲା। ଯାଞ୍ଚ ପରେ ଅଧିକାଂଶ ଆଧାର କାର୍ଡ ଆଦିବାସୀ ଗାଁର ଥିଲା।



ତେବେ ଏତେ ସଂଖ୍ୟାରେ ଆଧାର କାର୍ଡ ଠାବ ହେବାକୁ ନେଇ ଉଚ୍ଛେଦକାରୀ ଦଳ ଚକିତ ହୋଇଯାଇଥିଲା। ତେବେ ଘର ପାଇବାକୁ ଆଦିବାସୀ ଗାଁ ବସ୍ତି ସମେତ ସାଲିଆ ସାହିର ଅନ୍ୟ ଲୋକମାନେ କମିଟିକୁ ସେମାନଙ୍କ ଆଧାର କାର୍ଡ ଦେଇଥିଲେ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

### ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାକୁ ଦାବି

ସାଲିଆ ସାହି ଆଞ୍ଚଳିକ କମିଟି ପକ୍ଷରୁ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରିବାକୁ ଦାବି ହୋଇଆସୁଛି। ଘଟଣାସ୍ଥଳରେ ଉଚ୍ଛେଦକୁ ବିରୋଧ କରି ସାଲିଆସାହି ଆଞ୍ଚଳିକ କମିଟି ପକ୍ଷରୁ ଦୀର୍ଘ ୫ବର୍ଷ ଧରି କୁଡ଼ିଆ ନିର୍ମାଣ କରାଯାଇ ବିରୋଧ କରାଯାଇଥିଲା। କମିଟିର ଦାବି ଥିଲା ସରକାରଙ୍କ ଚିଠି ନମ୍ବର ୪୭୫ ତାରିଖ ୧୮।୧।୨୦୨୪ ଅନୁସାରେ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରି ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରିବା। ସିଧା ରାସ୍ତା ପାଇଁ ବିକଳ୍ପ ଜମି ଥିବା ସତ୍ତ୍ୱେ ଅଙ୍କାବଙ୍କା ବିପଦ ସଙ୍କୁଳ ରାସ୍ତା ତିଆରି ନାମରେ କାହିଁକି ୬୦୦ ଘର ଭାଙ୍ଗିବ ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଥିଲେ।

### ଦୀର୍ଘଦିନ ହେବ ଅଧାରେ ରହିଛି ରାସ୍ତା ନିର୍ମାଣ

ଜୟଦେବ ବିହାରରୁ ବାରଙ୍ଗ ରାସ୍ତାରେ ଟ୍ରାଫିକ୍ ଜାମ ସମସ୍ୟା ଦୂର କରିବାକୁ ସମାନ୍ତରାଳ ରାସ୍ତା ନିର୍ମାଣ ହେଉଛି। ସିଆର୍‌ପି ଛକରୁ ସାଲିଆ ସାହି ଓ ଇନ୍‌ଫୋସିସ୍ ଦେଇ ବାରଙ୍ଗ ବାମପାର୍ଶ୍ୱ ସମାନ୍ତରାଳ ୨୦୦ ଫୁଟିଆ ରାସ୍ତା ପାଇଁ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ରାସ୍ତା ଯିବାକୁ ଥିବା ସାଲିଆ ସାହିରେ ପ୍ରାୟ ୭୦୦ ମିଟରରୁ ଊର୍ଦ୍ଧ୍ୱ ସରକାରୀ ଜମିକୁ ଉଚ୍ଛେଦ ପାଇଁ ପ୍ରାୟ ୫ବର୍ଷ ଧରି ଚେଷ୍ଟା କରାଯାଉଛି। ହେଲେ ସେଠାରେ ରହୁଥିବା ଲୋକମାନେ ପୂର୍ବରୁ ଏକାଧିକ ଥର ଏହି ଉଚ୍ଛେଦକୁ ବିରୋଧ କରିଥିଲେ। ଏପରିକି ମିଳିତ ଉଚ୍ଛେଦକାରୀ ଟିମ୍ ପୂର୍ବରୁ ଏକାଧିକ ଥର ଛୋଟ ବ୍ୟବସାୟୀ ଅନୁଷ୍ଠାନ ଆଦି ଉଚ୍ଛେଦ କରିଥିବାବେଳେ ବସ୍ତିବାସିନ୍ଦାମାନେ ଘର ଖାଲି କରୁ ନ ଥିଲେ, ଫଳରେ ପ୍ରକଳ୍ପ ଅଧାରେ ରହିବା ସହ ରାସ୍ତା ସମ୍ପୂର୍ଣ୍ଣ ନ ହୋଇ ଅଟକି ରହିଛି।

# ଟ୍ୱିନ୍ ସିଟିରୁ ସର୍ବାଧିକ ବାଂଲାଦେଶୀ ଚିହ୍ନଟ

ଭୁବନେଶ୍ୱର, ୧୮।୧୧ (ତ୍ରିନାଥ ମହାନ୍ତି)

**■ ଜାଲ୍ ପରିଚୟପତ୍ରରେ ଏଠାରେ ରହୁଥିଲେ**

**■ ଏକାଧିକ ସନ୍ଦିଗ୍ଧଙ୍କ ଉପରେ ନଜର ରଖାଯାଇଛି: ପୋଲିସ କମିଶନର**

**■ ସବୁ ଥାନା ଅଧିକାରୀଙ୍କୁ ଆଲର୍ଟ କରାଯାଇଛି**

ରାଜ୍ୟରେ ବାଂଲାଦେଶୀଙ୍କ ସଂଖ୍ୟା ବଢ଼ିଗଲାଣି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକରେ ବାଂଲାଦେଶୀ ଚିହ୍ନଟ ଜୋର୍‌ଦାର ଚାଲିଥିବାବେଳେ ଭୁବନେଶ୍ୱରରେ ଆରମ୍ଭ କରାଯାଇଛି। ଏବେ ସବୁ ଥାନା ଅଧିକାରୀଙ୍କୁ ଆଲର୍ଟ କରାଯାଇଛି। ଉକ୍ତ ଥାନା ଅଞ୍ଚଳରେ ରହୁଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଯାଞ୍ଚ କରିବାକୁ କୁହାଯାଇଛି। ତେବେ ସର୍ବାଧିକ ବାଂଲାଦେଶୀ ଟ୍ୱିନ୍ ସିଟିରୁ ଚିହ୍ନଟ କରାଯାଇଛି। ଏଠାରୁ ୨୦ରୁ ଅଧିକ ବାଂଲାଦେଶୀ ଚିହ୍ନଟ କରାଯାଇ କଟକରେ ଥିବା କ୍ୟାମ୍ପରେ ରଖାଯାଇଛି। ଯେଉଁମାନେ ଭାରତୀୟ ବୋଲି ପ୍ରମାଣ କରିପାରୁ ନାହାନ୍ତି ସେମାନଙ୍କୁ ଦେଶକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି।

ଏନେଇ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି, ରାଜ୍ୟରୁ ଯେତିକି ବାଂଲାଦେଶୀ ଧରା ହୋଇନାହାନ୍ତି ସର୍ବାଧିକ ବାଂଲାଦେଶୀ ଟ୍ୱିନ୍ ସିଟିରୁ ଚିହ୍ନଟ ହୋଇଛନ୍ତି। ଏବେ ଏହି ଚିହ୍ନଟ ପ୍ରକ୍ରିୟାକୁ ଆହୁରି ଜୋରଦାର କରାଯାଇଛି ବୋଲି ସିପି କହିଛି। ରାଜଧାନୀରେ ଘଟୁଥିବା ଅପରାଧ ପଛରେ ଅଧିକାଂଶ ଏହି ବାଂଲାଦେଶୀଙ୍କ ହାତ ରହୁଛି। ସେମାନେ ଏଠାକୁ ଆସି ରହୁଛନ୍ତି, ମଉକା ଦେଖି ଲୁଟପାଟ କରି ପୁଣି ଜଳପଥରେ ବାଂଲାଦେଶକୁ ପଳାଇଯାଉଛନ୍ତି, ଯାହାଫଳରେ ସେମାନଙ୍କୁ ପୋଲିସ ଧରିବାରେ ବିଫଳ ହେଉଛି। ୫ବର୍ଷ ପୂର୍ବେ ରାଜଧାନୀରେ ୫ହଜାରରୁ ଅଧିକ ବାଂଲାଦେଶୀ ରହୁଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩୦ ହଜାର ପାର କରିଗଲାଣି। ନିକଟରେ ଧଉଳି ଥାନା ଅଞ୍ଚଳରୁ ହୋଇଥିବା ଏଟିଏମ୍ ଲୁଟ ପଛରେ ବାଂଲାଦେଶୀ ଅଭିଯୁକ୍ତଙ୍କ ହାତ ରହିଥିଲା। ସେମାନେ ଏଟିଏମ୍ ଲୁଟ୍ କରିବା ପରେ ଉକ୍ତ ଟଙ୍କାକୁ ପଶ୍ଚିମବଙ୍ଗ ସୀମା ଦେଇ ବାଂଲାଦେଶକୁ ପଠାଇ ଦେଇଥିଲେ। ପୋଲିସ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଲୁଟ୍ ଟଙ୍କାକୁ ଜବତ କରିବାରେ ବିଫଳ ହୋଇଥିଲା।

# ବାଂଲାଦେଶୀ ସନ୍ଦେହରେ ୧୭ ଅଟକ

ଭଦ୍ରକ, ୧୮।୧୧ (ସନାତନ ରାଉତ)

ଏବେ ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଚାଲିଥିବା ବେଳେ ଭଦ୍ରକ ଜିଲାରେ ମଧ୍ୟ ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ରହି ଫେରି କରୁଥିବା ୧୭ଜଣଙ୍କୁ ବାଂଲାଦେଶୀ ସନ୍ଦେହରେ ପୋଲିସ ମଙ୍ଗଳବାର ଅଟକ ରଖି ତଦନ୍ତ ଜାରି ରଖିଛି। ଭଦ୍ରକ ଟାଉନ ଥାନାରେ ୨, ଗ୍ରାମାଞ୍ଚଳ ଥାନାରେ ୫ ଓ ପୁରୁଣାବଜାର ଥାନାରେ ୧୦ଜଣ ଅଟକ ଅଛନ୍ତି। ସେମାନଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର, ପାନ୍‌କାର୍ଡ ସହ ବିଭିନ୍ନ ଆବଶ୍ୟକ କାଗଜପତ୍ର ପୋଲିସ ଯାଞ୍ଚ କରୁଛି। ସେମାନେ ସମସ୍ତେ ପଶ୍ଚିମବଙ୍ଗ, ମେଦିନପୁର, ମୁର୍ଶିଦାବାଦ ଆଦି ଅଞ୍ଚଳର ବୋଲି କହିଥିବା ପୋଲିସ ମୁଖ୍ୟାଳୟର ଇନ୍ସପେକ୍ଟର ଦୟାନିଧି ଦାଶ ସୂଚନା ଦେଇଛନ୍ତି। ଯାଞ୍ଚ ପରେ ଯେଉଁମାନଙ୍କର ପରିଚୟ ଓ କାଗଜପତ୍ର ଠିକ୍ ଥିବ ସେମାନଙ୍କୁ ଛାଡ଼ି ଦିଆଯିବ ବୋଲି ଦାଶ କହିଛନ୍ତି।

# ସିମେଣ୍ଟ ପରିବହନ ଶୁଳ୍କ ହ୍ରାସକଲା ରେଳପଥ

## ପୂରଣ ହେବ ଗୃହ ନିର୍ମାଣ ସ୍ୱପ୍ନ

ଭୁବନେଶ୍ୱର,୧୮।୧୧

ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କଣ୍ଟେନରରେ ବଲ୍କ ସିମେଣ୍ଟ ପରିବହନ ଶୁଳ୍କର ଯୁକ୍ତିଯୁକ୍ତକରଣ ଏବଂ ବଲ୍କ ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚନ କରିଛନ୍ତି। ନୂଆଦିଲ୍ଲୀର ରେଳ ଭବନରେ ନୀତି ଉନ୍ମୋଚନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ସ୍ୱପ୍ନର ଘର ନିର୍ମାଣ କରିବା ସମୟରେ ସିମେଣ୍ଟର ମୂଲ୍ୟ ହ୍ରାସ କରିବ। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବଗୁଡ଼ିକୁ ହଟାଇ ଦିଆଯାଇଛି। ଫ୍ଲାଟ୍ ଗ୍ରସ୍ ଟନ୍ ପ୍ରତି କିଲୋମିଟର ପ୍ରତି ଟନ୍ ୦.୯୦କୁ ନୂତନ ହାର ଯୁକ୍ତିଯୁକ୍ତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମେରିକାକୁ ସୂଚନା ସିମେଣ୍ଟ ପରିବହନ ପାଇଁ ଏଣ୍ଡ ଟୁ ଏଣ୍ଡ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଟ୍ୟାଙ୍କ କଣ୍ଟେନରର ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ ହୋଇପାରିଛି। ରେଳ ନେଟୱାର୍କ ସମ୍ପ୍ରସାରଣ ଦିନକୁ ୪ କିଲୋମିଟର (୨୦୦୪-୧୪ ମଧ୍ୟରେ)ରୁ ଦିନକୁ ୧୨-୧୪ କିଲୋମିଟରକୁ ବୃଦ୍ଧି ପାଇଛି, ଯାହା ଏହାକୁ ୩ ଗୁଣ ଅଧିକ ଦ୍ରୁତ କରିଛି। ବ୍ରଡ୍-ଗେଜ୍ ରେଳ ନେଟୱର୍କ ବର୍ତ୍ତମାନ ପ୍ରାୟ ୧୦୦% ବିଦ୍ୟୁତୀକରଣ




କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ସାରା ଦେଶରେ ବର୍ତ୍ତମାନ ୧,୩୦୦ରୁ ଅଧିକ ଅମୃତ ଷ୍ଟେସନ ବିକଶିତ ହେଉଛି। ଟ୍ରେନର ମୋଟ ଟନେଜ (ଜିଟିକେଏମ) ଭାବରେ ଗଣନା କରାଯାଉଥିବା ପ୍ରକୃତ ଟନେଜ ଉପରେ ଆଧାରିତ ଚାର୍ଜ ପ୍ରଚଳନ କରି ନୂତନ ଶୁଳ୍କ ଗଠନକୁ ସରଳ ଏବଂ ଯୁକ୍ତିଯୁକ୍ତ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅଧୀନରେ, ପ୍ରକୃତ ଦୂରତା ପାଇଁ ପ୍ରତି କିଲୋମିଟର ପିଛା ଟନ ୦.୯୦ ର ଏକ ଫ୍ଲାଟ୍ ହାରରେ ମାଲ ପରିବହନ ପାଇଁ ଚାର୍ଜ କରାଯାଏ। ଏହି ନୀତି ବଲ୍କ ସିମେଣ୍ଟ ପାଇଁ ଦକ୍ଷ ମଲ୍ଟିମୋଡାଲ, ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସକୁ ସମର୍ଥନ କରିବା ପାଇଁ ଟ୍ୟାଙ୍କ କଣ୍ଟେନର ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହାକୁ ଏପରି ଡିଜାଇନ କରାଯାଇଛି, ଯାହା ୨୬ ଟନ ପେଲୋଡ୍ କ୍ଷମତା ଏବଂ ୩୧ ଟନ ମୋଟ ଓଜନ ପ୍ରଦାନକରେ। ପ୍ରତ୍ୟେକ କଣ୍ଟେନର ମାତ୍ର ୨୫-୩୦ ମିନିଟ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟ ସହିତ ଦକ୍ଷ କାର୍ଯ୍ୟ କରିବାକୁ ଅନୁମତି ଦିଏ। ଏହାର ଡିଜାଇନ ଏହାକୁ ଟ୍ରେନ୍‌ରୁ ଟ୍ରେଲରକୁ ସହଜରେ ଏବଂ ଟ୍ରେନ୍‌କୁ ଫେରିବା - ଉତ୍ପାଦନ ସ୍ଥାନରୁ ବ୍ୟବହାର ସ୍ଥାନ ପର୍ଯ୍ୟନ୍ତ ସୁଗମ ବିତରଣକୁ ସକ୍ଷମ କରିଥାଏ। ଦକ୍ଷ ଲଜିଷ୍ଟିକ୍ସ ଆଡ଼କୁ ଏହି ପରିବର୍ତ୍ତନକୁ ଆହୁରି ସମର୍ଥନ କରିବା ପାଇଁ ଭାରତୀୟ ରେଳପଥ ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଅଧୀନରେ ଦେଶବ୍ୟାପୀ ବଲ୍କ ସିମେଣ୍ଟ ଟର୍ମିନାଲର ବିକାଶକୁ ସହଜ କରିବ, ଯାହା ସିମେଣ୍ଟର ସୁଗମ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସକ୍ଷମ କରିବ। ଏହି ଟର୍ମିନାଲଗୁଡ଼ିକ ହପର, ସାଇଲୋସ, ବ୍ୟାଗିଂ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଭିତ୍ତିଭୂମି ଭଳି ଅତ୍ୟାବଶ୍ୟକ ସୁବିଧା ସହିତ ସଜ୍ଜିତ ହେବ ଯାହା ଦ୍ୱାରା ବଲ୍କ ସିମେଣ୍ଟର ଦକ୍ଷ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସମର୍ଥନ କରାଯାଇପାରିବ।

# ଡିସେମ୍ବରରୁ ଜମିଜମା ସମସ୍ୟାର ସମାଧାନ ହେବ: ସୁରେଶ ପୂଜାରୀ

## ଶପଥ ଗ୍ରହଣ କଲେ କ୍ରେଡାଇ ଭୁବନେଶ୍ୱର ଚାପ୍ଟରର ନୂଆ ସଦସ୍ୟ




ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ଭାରତୀୟ ରିଅଲ ଇଷ୍ଟେଟ ଡେଭେଲପର୍ସ ଆସୋସିଏସନ୍ (କ୍ରେଡାଇ) ଭୁବନେଶ୍ୱର ଚାପ୍ଟରର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଆମେ ସରକାରକୁ ଆସିଲା ବେଳେ ଅନେକ ସମସ୍ୟା ଜଡ଼ିତ ଥିଲା। ଏସବୁର ସମାଧାନ ସମ୍ପୂର୍ଣ୍ଣ ରୂପେ କରିବା ପାଇଁ ସରକାର ସମ୍ପୂର୍ଣ୍ଣ ତତ୍ପର। ଡିସେମ୍ବରରୁ ଆପାର୍ଟମେଣ୍ଟ ଓ ଜମିଜମା ସମ୍ପର୍କିତ ସମସ୍ୟାର ସମାଧାନ ହେବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅବକାରୀ, ଆଇନ ଏବଂ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆମ ସରକାର ଆସିବା ପରେ ଏକ ଦ୍ରୁତ ସାମଗ୍ରିକ ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ୩ଟି ରିଂରୋଡ୍ ଏବଂ ସହର ବାହାରେ ଗୋଟିଏ ରିଂରୋଡ୍ ପ୍ରସ୍ତୁତ ଯୋଜନା ହୋଇଛି। ଏହିସବୁ ରୋଡ୍ ସହରର ବିକାଶକୁ ତ୍ୱରାନ୍ୱିତ କରିବ। ଆଗାମୀ ୩ରୁ ୪ବର୍ଷ ମଧ୍ୟରେ ଆଇଟି କ୍ଷେତ୍ରର ବିକାଶ ପାଇଁ ୧୦ ହଜାର ମିଲିୟନ ବର୍ଗ ମିଟର ଭିତ୍ତିଭୂମି ପ୍ରସ୍ତୁତି କରିବାର ଯୋଜନା ରଖିଛୁ। ଏହାବାଦ ସରକାରଙ୍କ ପ୍ରସ୍ତାବିତ ୨୦ ଟି ରୋଡ୍ ସହରକୁ କଞ୍ଜେଶନ ଫ୍ରି କରିବ। କ୍ରେଡାଇ ଭୁବନେଶ୍ୱରର ନୂତନ ସଭାପତି ଭାବରେ ଶେଖ ମୈରାଜୁଲ ହକ୍ କହିଥିଲେ ,ଆମେ ସରକାର ଏବଂ ସମସ୍ତ ଅଂଶୀଦାରଙ୍କ ସହ ଘନିଷ୍ଠ ଭାବରେ କାମକରି ଭୁବନେଶ୍ୱର ଏବଂ ସ୍ୱଚ୍ଛ, କ୍ରେତା-ଅନୁକୂଳ ଏବଂ ସ୍ଥାୟୀ ରିଅଲ ଇଷ୍ଟେଟ ବିକାଶ ପାଇଁ ଏକ ମଡେଲ କରିବା ପାଇଁ ପ୍ରତିବଦ୍ଧ। ଉପାଧ୍ୟକ୍ଷ ଭାବେ ଶରତ କୁମାର ସାହୁ, ମନୋଜ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ସୌଭାଗ୍ୟ ସୁନ୍ଦର ରାଉତ, ନାଭାଲ ମହାଜନ ଏବଂ କୋଷାଧ୍ୟକ୍ଷ ମନମୋହନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟିରେ ଶଶିଶେଖର ଗଡ଼ନାୟକ, ଅଭୟ କୁମାର ପଣ୍ଡା, ଆଦିତ୍ୟ ଦାସ, ମାନସ କୁମାର ବେହେରା ଏବଂ ଅଶ୍ୱିନୀ କୁମାର ପାଢ଼ୀ ରହିଛନ୍ତି। କ୍ରେଡାଇ ଓଡ଼ିଶାର ପ୍ରତିଷ୍ଠାତା ସଦସ୍ୟ ମଧୁ ମହାନ୍ତି ଶପଥ ପାଠ କରାଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ବିଧାୟକ ବାବୁ ସିଂହ ଏବଂ ବିଧାୟିକା ସୋଫିଆ ଫିର୍‌ଦୌସ୍, କ୍ରେଡାଇ ଓଡ଼ିଶାର ବିଦାୟୀ ସଭାପତି ସ୍ୱଦେଶ କୁମାର ରାଉତରାୟ ଏବଂ ନିର୍ବାଚିତ ସଭାପତ ଉମାଶଙ୍କର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ନବନିର୍ବାଚିତ ସଚିବ କଳିଙ୍ଗ କେଶରୀ ରଥ ଧନ୍ୟବାଦ ଦେଇଥିଲେ।

# ଅଙ୍କୁରା ହସ୍ପିଟାଲ ପକ୍ଷରୁ ପ୍ରିମିଥନ



ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେସନ ପକ୍ଷରୁ ମିଳିତ ଭାବରେ ଭୁବନେଶ୍ୱରରେ ପ୍ରିମିଥନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରିମ୍ୟାଚ୍ୟୁର ଶିଶୁଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ 'ବର୍ନ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ' ଅଧୀନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାତାପିତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜର ବିଭିନ୍ନ ଶ୍ରେଣୀର ଲୋକ ଯୋଗଦେଇ ପ୍ରିମ୍ୟାଚ୍ୟୁର ଶିଶୁମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଏବଂ ସେମାନଙ୍କ ଅସାଧାରଣ ଲଢ଼େଇ ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଅଲିମ୍ପିଆନ ରବି କୁମାର କାଲୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇ ଶକ୍ତି, ଦୃଢ଼ତା ଏବଂ ସାମୂହିକ ସମର୍ଥନର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଚେୟରମ୍ୟାନ-କମ୍-ମ୍ୟାନେଜିଂ ଡାଇରେକ୍ଟର ତଥା ନିଓନେଟୋଲଜିଷ୍ଟ ଡା. କୃଷ୍ଣପ୍ରସାଦ ନିଜର ସୁଚିନ୍ତିତ ମତାମତ ସହ ଲୋକଙ୍କୁ ସଚେତନ କରିଥିଲେ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ୍ ଫର୍ଟିଲିଟି କେନ୍ଦ୍ରର ଶୁଭାରମ୍ଭ



ଭୁବନେଶ୍ୱର,୧୮।୧୧ (ଅନୁରାଧା ମହାରଣା)

ନୋଭା ଆଇଭିଏଫ୍ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟରର ଶୁଭାରମ୍ଭ କରିଛି। ଉଭୟ ଟିୟର ୧ ଓ ଟିୟର ୨ ସହରଗୁଡ଼ିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନ୍‌ର ୪୦% ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡ଼ିକରେ ରହିଛି। ଏହି ଅବସରରେ ଓଡ଼ିଶା ଚାପ୍ଟର ଇଣ୍ଡିଆନ ମେଡିକାଲ ଆସୋସିଏସନର ସେକ୍ରେଟାରି ଡା. ପ୍ରତ୍ୟୁଷ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ନୋଭା ଆଇଭିଏଫ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର, ଡା. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି, 'ଆମେ ଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରୁଛୁ। ବାରମ୍ବାର ଆଇଭିଏଫ୍ ବିଫଳତା, ଗର୍ଭପାତ କିମ୍ବା ଜେନେଟିଭ ସ୍ଥିତି ଆଦି ସମସ୍ୟା ସହ ଆସୁଥିବା ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ଏକ ବ୍ୟକ୍ତିଗତ ଚିକିତ୍ସା ଅନୁସରଣ କରିଥାଉ। ଆମର ଲାବ୍‌ଗୁଡ଼ିକରେ ଆମେ ଇଲେକ୍ଟ୍ରୋନିକ ୱିଟ୍‌ନେସିଂ ସିଷ୍ଟମଗୁଡ଼ିକର ବ୍ୟବହାର କରିଥାଉ ଯାହା ଲାବ୍ ବୈଜ୍ଞାନିକମାନଙ୍କୁ (ଏମ୍ବ୍ରୋଲୋଜିଷ୍ଟ) କୌଣସି ପ୍ରକାର ଡିମ୍ବାଣୁ ଓ ଶୁକ୍ରାଣୁ ମିଶ୍ରଣ କ୍ଷେତ୍ରରେ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ସେହିପରି ନୋଭା ଆଇଭିଏଫ୍ ଫର୍ଟିଲିଟି, ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ, ଡା. ଗାୟତ୍ରୀ ଶତପଥୀ କହିଛନ୍ତି, ପୁରୁଷ ବନ୍ଧ୍ୟାପଣ ମଧ୍ୟ ବହୁମାତ୍ରାରେ ବୃଦ୍ଧି ପାଉଛି, ଯାହାକି ଫର୍ଟିଲିଟି କ୍ଷେତ୍ରରେ ୪୦% ପୁରୁଷ ସନ୍ତାନହୀନତାର ଶିକାର ହେଉଛନ୍ତି। ଆମେ ମଧ୍ୟ ୩୦% ଅସ୍ପଷ୍ଟ ବନ୍ଧ୍ୟାତ୍ୱ ମାମଲା ଦେଖୁଛୁ। ନୋଭା ଆଇଭିଏଫ୍ ଫର୍ଟିଲିଟିର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି, 'ଭୁବନେଶ୍ୱରକୁ ଆମର ସମ୍ପ୍ରସାରଣ ଭାରତରେ ଗୁଣାତ୍ମକ ଫର୍ଟିଲିଟି ଚିକିତ୍ସାକୁ ସୁଲଭ କରିବା ଉପରେ ଆମର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

# ଭାରତ ବଜାରକୁ ଲେନ୍ସକାର୍ଟ ଆଣିଲା ମେଲର

ଭୁବନେଶ୍ୱର,୧୮।୧୧

ଚଷମା ୟୁନିକର୍ଣ୍ଣ ଲେନ୍ସକାର୍ଟ ପକ୍ଷରୁ ବାର୍ସେଲୋନାର ପ୍ରିମିୟମ ଚଷମା ବ୍ରାଣ୍ଡ ମେଲରକୁ ଭାରତରେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏଥି ସହିତ ବିଶ୍ୱବିଖ୍ୟାତ ପୋପ-କଲଚର ବ୍ରାଣ୍ଡ ତଥା ଭାଇରାଲ ଲାବୁବୁ ନିର୍ମାତା ପୋପମାର୍ଟ ସହିତ ସହଭାଗିତା କରାଯାଇଛି। ମେଲର ହେଉଛି ୟୁରୋପର ଦ୍ରୁତ ଗତିରେ ବଢୁଥିବା ଡି୨ସି ଯୁବ ଚଷମା ବ୍ରାଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ ଯାହାର ବିଶ୍ୱବ୍ୟାପୀ ୭ ଲକ୍ଷରୁ ଅଧିକ ଅନୁଗାମୀ ରହିଛନ୍ତି। ଏହା ବୋଲ୍ଡ ସିଲୁଏଟ୍, ଷ୍ଟ୍ରିଟ୍-କଲଚରରୁ ପ୍ରେରିତ ରଙ୍ଗ ପ୍ୟାଲେଟ ଓ ଫ୍ୟାଶନେବଲ ଡିଜାଇନ୍ ପାଇଁ ପରିଚିତ। ଏବେ ଏହି ବ୍ରାଣ୍ଡ ଲେନ୍ସକାର୍ଟର ସମଗ୍ର ଓମ୍ନିଚ୍ୟାନେଲ ନେଟୱର୍କରେ ଉପଲବ୍ଧ ହେବ। ପ୍ରଥମେ ଜିଓଆଇକ୍ୟୁ ଲୋକେସନ ଇଣ୍ଟେଲିଜେନ୍ସ ବ୍ୟବହାର କରି ଚିହ୍ନଟ କରାଯିବାକୁ ଥିବା ପ୍ରାୟ ୫୦୦ଟି ହାଇ ଫ୍ୟାଶନ ଅଞ୍ଚଳର ଷ୍ଟୋରରେ ଏବଂ ଲେନ୍ସକାର୍ଟ ଆପ୍ ଓ ୱେବସାଇଟରେ ଏହା ଉପଲବ୍ଧ ହେବ।

# ୪୫୦ ଶିକ୍ଷଣ ସହାୟତା କିଟ୍ ଦେଲା ବେଦାନ୍ତ

ଭୁବନେଶ୍ୱର,୧୮।୧୧

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମକାନି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନକରି ପ୍ରାରମ୍ଭିକ ବାଲ୍ୟଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଛି, ଆକୃତି ପଜଲ, ନମ୍ବର କ୍ୟୁବ ଏବଂ ଖେଳ ଉପକରଣଗୁଡିକ ଅନ୍ତର୍ଭୁକ୍ତ ଯାହା କୌତୂହଳ ସୃଷ୍ଟିକରିବା, ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ ଏବଂ ମୌଳିକ ଶିକ୍ଷାକୁ ସମର୍ଥନ କରିଥାଏ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି



ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ ନିବେଶ କରିବା। ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପଗୁଡ଼ିକରେ ଆମେ ପୋଷଣ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ପିଲାମାନେ ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଏବଂ ଆତ୍ମ ଅଭିବ୍ୟକ୍ତିର ସୁଯୋଗ ମାଧ୍ୟମରେ ଉନ୍ନତି କରିପାରିବେ।

# ଅନ୍ତର୍ଜାତୀୟ ସେମିନାର ଆୟୋଜନ କରିବ ଜିଏସ୍ଆଇ

ଭୁବନେଶ୍ୱର,୧୮।୧୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ୧୭୫ ବର୍ଷର ରାଷ୍ଟ୍ରୀୟ ସେବା ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୦ ଓ ୨୧ରେ 'ଅତୀତକୁ ଉନ୍ମୋଚନ କରିବା, ଭବିଷ୍ୟତକୁ ଗଠନ କରିବା: ଜିଏସ୍ଆଇର ୧୭୫ ବର୍ଷ' ଶୀର୍ଷକରେ ଏକ ଅନ୍ତର୍ଜାତୀୟ ସେମିନାର୍ ଆୟୋଜନ କରିବ। ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଓ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ସଚିବ ପୀୟୂଷ ଗୋୟଲ ଏବଂ ରାଜସ୍ଥାନ ସରକାରର ଖଣି ଓ ପେଟ୍ରୋଲିୟମ ବିଭାଗର ପ୍ରଧାନ ସଚିବ ଟି. ରବିକାନ୍ତ ଯୋଗଦେବେ। ଜିଏସ୍ଆଇର ଡାଇରେକ୍ଟର ଜେନେରାଲ ତଥା ପାଟ୍ରନ ଆସିତ୍ ସାହା ଏବଂ ଅତିରିକ୍ତ ଡାଇରେକ୍ଟର ଜେନେରାଲ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ତଥା ସେମିନାରର ଅଧ୍ୟକ୍ଷ ବିଜୟ ଭି. ମୁଗଲ ଏହି ସେମିନାରର ନେତୃତ୍ୱ ନେବେ। ଏହାସହ ବରିଷ୍ଠ ଅଧିକାରୀମାନେ ପ୍ରତିଷ୍ଠିତ ଭୂତତ୍ତ୍ୱବିତ୍ ଏବଂ ଭାରତ ତଥା ବିଦେଶରୁ ଆସିଥିବା ପ୍ରତିନିଧିମାନେ ଯୋଗଦେବେ। ଏହି ଅନ୍ତର୍ଜାତୀୟ ସେମିନାରରେ ଭାରତ ଏବଂ ବିଦେଶରୁ ବିଶେଷଜ୍ଞମାନେ ଉଦ୍ଭାବକ ଚ୍ୟାଲେଞ୍ଜ, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ଭୂବିଜ୍ଞାନର ଭବିଷ୍ୟତ ଦିଗ ଉପରେ ଆଲୋଚନା କରିବେ। ୯ଟି ପ୍ଲେନାରି ବକ୍ତବ୍ୟ, ୧୯ଟି ବିଶେଷ ବକ୍ତବ୍ୟ ଏବଂ ୧୧ଟି ବିଷୟଭିତ୍ତିକ କ୍ଷେତ୍ରରେ ୩୦୦ରୁ ଅଧିକ ବୈଜ୍ଞାନିକ ଏବଂ ପୋଷ୍ଟର୍ ପ୍ରେଜେଣ୍ଟେଶନ ରହିଛି। ଏହାସହ ଏକ ପ୍ରଦର୍ଶନୀରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜିଓସ୍ପେଶିଆଲ ଟୁଲ୍ସ ଏବଂ ନୂତନ ସମାଧାନଗୁଡ଼ିକର ପ୍ରଦର୍ଶନ ହେବ। ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ସହ ଏମ୍‌ଓୟୁ ସ୍ୱାକ୍ଷର କରାଯିବ।


## ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା

ସଂଖ୍ୟା-୪୩୯୪, ତା.୧୭.୧୧.୨୦୨୫ ରିଖ

**ଇସ୍ତାହାର**

No.C-1509:ଏତଦ୍ୱାରା ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଶେଷଙ୍କୁ ଜଣାଇ ଦିଆଯାଉଅଛି ଯେ, ଅତ୍ର ପୌରପରିଷଦର ସ୍ୱାସ୍ଥ୍ୟ ବିଭାଗର କେତେକ ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ, ଯାହାର ଏକ ତାଲିକା ଏଥିସହିତ ନଥି କରାହୋଇଅଛି, ଆସନ୍ତା ତା.୨୮.୧୧.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟାରେ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଶେଷ ଉକ୍ତ ନିଲାମରେ ଭାଗ ନେବା ପୂର୍ବରୁ ଅତ୍ର କାର୍ଯ୍ୟାଳୟରେ ଟ.୫୦,୦୦୦.୦୦ (ପଚାଶ ହଜାର ଟଙ୍କା) ଜମା ଦେଇ ନିଲାମରେ ଭାଗ ନେଇପାରିବେ । ନିଲାମ ଯାହାର ସିଦ୍ଧ ହେବ, ସେ ନିଲାମ ଡାକର ସମସ୍ତ ମୂଲ୍ୟ ସଙ୍ଗେ ଅଫିସରେ ଜମା ଦେବ, ନଚେତ୍ ନିଲାମକୁ ଅସିଦ୍ଧ ଘୋଷଣା କରାଯିବା ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ଜମା ଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ । ନିମ୍ନ ସ୍ୱାକ୍ଷରକାରୀ ସର୍ବୋଚ୍ଚ ଡାକକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ

OIPR-

## କଟକ ଉନ୍ନୟନ କର୍ତ୍ତୃପକ୍ଷ

CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

**ସୂଚନା**

No.CAD-2361:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୧ ରେ ପ୍ଲଟ୍ ନଂ.-11-2D/221/30 ଟିକୁ ଶ୍ରୀ ବୀରବର ପାତ୍ର, ପିତା-ସ୍ୱର୍ଗତ ରାଜ କିଶୋର ପାତ୍ର, ସା-ପ୍ଲଟ ନଂ.-୨୦୩୩/ଏଫ, ତୃତୀୟ ଗଳି, ଚିନ୍ତାମଣିଶ୍ୱର ମନ୍ଦିର ପଛପଟେ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୦୬ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବୀରବର ପାତ୍ର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି, ପିତା-ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତି, ସା-ବଖରାବାଦ, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜିଲ୍ଲା-କଟକ-୭୫୩୦୦୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./-ଭାରପ୍ରାପ୍ତ ଅଧିକାରୀ
(ଇଷ୍ଟେଟ)

OIPR-

## obcc ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ

No.CAD-2349

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନରେ ଏକ ଉଦ୍ୟୋଗ)

**ODISHA BRIDGE & CONSTRUCTION CORPORATION LIMITED**

(A Government of Odisha Undertaking under Works Department)

No.9769 Date:17.11.25
File: SMT-2077

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of Social media Agency to handle social media of Works Department,Odisha |
| 2. | Bid Identification No. of the Tender Document | 18/Tender/OBCC/2025-26 |
| 3. | Date of availability in e-procurement portal | from 21.11.2025 |
| 4. | Last date & time of receipt of online bid | 11.12.2025 till 5.00 PM |
| 5. | Date of Opening of online technical bid | 12.12.2025 at 11.30 AM |
| 6. | Period of Engagement | 24 Months |

7. Further details can be seen from the e-Procurement portal https://www.tendersodisha.gov.in.
8. OBCC has the right to accept or reject the Notice/RFP/Proposal without assigning any reason thereof.

OIPR- Sd./- Chief Engineer-II

## State Institute for Developmet of Arts & Crafts

Handlooms, Textiles & Handicrafts Department, Government of Odisha
SIDAC

No. PP-47
RFP No: 3017

**REQUEST FOR PROPOSAL**

Date : 18.11.2025

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha as the implementing agency of Odisha Crafts Museum - Kalabhoomi invites sealed proposal from eligible agencies for:

**"SELECTION OF PRIVATE OPERATORS FOR LEASING AND OPERATION OF RESTRO CAFE 1/ RESTRO CAFE 2/ RESTRO CAFE 3/ CANTEEN OF ODISHA CRAFTS MUSEUM - KALA BHOOMI, BHUBANESWAR".**

Agencies fulfilling the eligibility criteria and other requirement of the selection process can download the complete RFP document from the websites of the department at www.sidacodisha.org.in & www.odishacraftsmuseum.odisha.gov.in

The proposals complete in all respect must reach the undersigned through **Speed post/ Courier** only in a sealed envelope clearly mentioning on the top of it **" REQUEST FOR PROPOSAL- TITLE OF THE TENDER".** The authority reserves the right to reject any / all proposal and cancel the selection process without assigning any reason thereof.

For further details please contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

Sd/-
OIPR: Member Secretary

## OFFICE OF THE CHIEF DISTRICT VETERINARY OFFICER, ANGUL

**AT: HEMSURPADA, PO/DIST:ANGUL, ODISHA-759122**

Mail: cdvoangul@gmail.com

**TENDER CALL NOTICE**

No.M-39:Bids in sealed cover are invited from the interested eligible Non-Government Organisations/ Reputed Manpower Agency/ Service Provider to provide Manpower support i.e. One Laboratory Technician at District Diagnostic Laboratories (DDL), Angul under State Plan Scheme Support to vaccine production & Disease Control Institution" under Umbrella Scheme "GOAL FOR MANAGEMENT & TREATMENT OF ANIMALS" (GOMATA) for the year 2024-25. The details of the tender can be downloaded from the website: (www.angul.odisha.gov.in)

Sd./-
Chief District Veterinary Officer
Angul

OIPR-

## Bhubaneswar Municipal Corporation

Notice No- 58080 /2025-26 Dt:17.11.2025
xxxxx ଗ୍ରେଡ/AC/235/2025

**REQUEST FOR PROPOSAL FOR SELECTION OF AN EVENT MANAGEMENT AGENCY (EMA) FOR CONCEPTUALISING, CURATING & EXECUTING THE BHUBANESWAR PATHA-UTSAV**

**No.C-1510:**Bhubaneswar Municipal Corporation (BMC) invites proposal from reputed Event Management Agency (EMA) for Conceptualising, Curating & Executing the Bhubaneswar Patha-Utsav. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in from 11.00 AM of 19.11.2025 to 03.00 PM of 10.12.2025**. The last date of receipt of technical and financial bids is **10.12.2025 till 3.00 PM** and the same would be opened on **10.12.2025 at 4.00 PM**. The Pre-bid meeting is scheduled on **25.11.2025 at 04.30 PM.** in the Conference Hall at BMC Office. Bids shall be submitted through registered/ Speed Post or Courier service (no hand delivery allowed) at the address mentioned in the RFP. Please refer the RFP documents for further details.

BMC reserves the right to cancel this invitation and / or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

By Order
Sd./- Deputy Commissioner
(Public Relation & Communication)
Bhubaneswar Municipal Corporation

OIPR-

## OFFICE OF THE PRINCIPAL GOVT. COLLEGE OF ART AND CRAFTS

No.RR-28

Khallikote, Ganjam, Odisha-761030, Ph.06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail. govtcollegeofartandcrafts@gmail.com, Web: http://gcacodisha.nic.in

No.1093/GCAC, Khallikote Date:18.11.2025

**ADVERTISEMENT FOR GUEST FACULTIES 2025-26**

Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below:

Guest Lecturer (Department Wise):
**(i) Crafts & Ceramics -1**
Guest Instructor (Department Wise):
**(i) Oil Painting-1 (ii) Commercial Art-1**

Interested Candidates are advised to apply in the plain paper application along with Complete Bio-Data, all photo copies of Educational Certificate and Mark sheets, latest by 30th Nov 2025 positively to the office of the Principal, Govt College of Art and Crafts, Khallikote,Ganjam-761030 . The applications received after due date shall not be taken into consideration. The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree ( BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate. The undersigned have reserved every right to reject any or all applications without assigning any reason.

Sd./- (Sri Devi Prasad Dash)
Principal I/C
Govt.College of Art and Crafts

OIPR-

## OFFICE OF THE SAMBALPURI BASTRALAYA HLCS LTD, BARGARH

At/PO/DIST.-BARGARH, PIN-768028,E.mail sambalpuribastralayabgh@gmail.com

Tender Call Notice
Notice No – 2000 Dated –04.11.2025

**No.CAD-2358:**Sealed Tenders are invited from the reputed Suppliers / Manufacturers/ Dealers/ Firms having valid PAN & GST with up to date Income Tax clearance Certificate, for supply of the Fleece Blankets for supply of the same to Government Agencies for their students of different districts of the state during 2025-26. The rates are inclusive of all Taxes and transportation charges up to the delivery point Koraput Godown of Sambalpuri Bastralaya HLCS Ltd., Bargarh. The last date of submission of Tender is **dt.24.11.2025 by 5.00 P.M.** The Tender will be opened on **dt. 25.11.2025 at 11.00AM** in the Office of the President, Sambalpuri Bastralaya HLCS Ltd., Bargarh in presence of the Tenderers or their authorized representatives and members of the Purchase Committee. **The Tenderers or their representatives must present on that day with samples of the above quoted items,** failing which the related quotations shall not be considered.

For more details terms & condition etc. and eligible criteria for supply of the items, please visit the official website of the of Sambalpuri Bastralaya Handloom Co-operative Society Ltd., Bargarh **www.sambalpuribastralaya.com** and may contact to the office of the Sambalpuri Bastralaya Bargarh in the above listed address, email & Phone Number-8984735626. The undersigned reserves the right to reject or accept any or all the quotation without assigning any reason thereof.

Sd/- S.L.Singh, Secretary

Proforma for submission of Tender:-

| Sl. No. | Name of the quoted items | Specification | Rate per unit inclusive all taxes and transportation | Remarks |
|---|---|---|---|---|
| 01 | 02 | 03 | 04 | 05 |
| | | | | |

OIPR-

## CONFISCATION NOTICE OF TRACTOR & TROLLEY

No.MM-289: It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number - Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs-7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

Sd./-
Authorized Officer-cum-A.C.F.
Brahmapur Forest Division

OIPR-

## ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ୨୩ରେ

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ

ଭୁବନେଶ୍ୱର, ୧୮।୧୧(ବିଜୟ ରଣା)

ଗୋଆରେ ଡିସେମ୍ବର ୮ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ୨୩ ତାରିଖ ରବିବାର ସକାଳ ୯ଟାରେ ସ୍ଥାନୀୟ ୟୁନିଟ୍-୬ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଇଚ୍ଛୁକ ଖେଳାଳିମାନଙ୍କୁ ସାଥିରେ ନିଜର ସେବାପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ଅଫିସ୍ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜର ବିଭାଗ/ଅଫିସ୍‌ରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକୃତ କରିବା ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ସିଲିକନ୍ ୟୁନିଭର୍‌ସିଟି, କଳିଙ୍ଗ ୟୁଥ୍ କ୍ଲବ ବିଜୟୀ

### ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର, ୧୮।୧୧(ଅନାଦି କର)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ଓ କଳିଙ୍ଗ ୟୁଥ୍ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ୫-୩ ଗୋଲରେ ଚନ୍ଦ୍ରଶେଖରପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଚାକଶୋ କିରାଇ ଶ ସମସ୍ତ ୫ଟି ଗୋଲ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଏଫ୍‌ସି ପାଇଁ ସାହିଲ ଖାନ୍, ପ୍ରୀତମ୍‌ଜିତ ନାଏକ ଓ ସୋମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ କରିଥିଲେ। ବିଏଏର ବରିଷ୍ଠ ସଦସ୍ୟ ଗନେଶ ପାଲ ଅତିଥି ଭାବେ ଯୋଗଦେଇ ଚାକ୍‌ଶୋଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ୍ କ୍ଲବ ୯-୧ ଗୋଲରେ ଶିବଶକ୍ତି ବିବିଏସ୍‌ଆର୍‌କୁ ହରାଇଛି। ବିଜୟୀ ଦଳ ପାଇଁ ଆଶିମ ଡୁଙ୍ଗ୍‌ଡୁଙ୍ଗ ହାଟ୍ରିକ୍ ଗୋଲ କରିଥିବା ବେଳେ ନିମାଇଁ ହେମ୍ବ୍ରମ, ମିଥୁନ ହାଁସ୍‌ଦା ଓ ଶଙ୍ଖା ହେମ୍ବ୍ରମ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଜବାବରେ ଶିବଶକ୍ତି ବିବିଏସ୍‌ଆର୍ ପକ୍ଷରୁ ପି.ଏନ୍. ଦଳେଇ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆଶିମ୍‌ଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିବିଏର ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତରାୟ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥି ପୁରସ୍କୃତ କରୁଛନ୍ତି।

# ରଘୁ ପ୍ରସାଦ ଏଫ୍‌ଆଇଏଚ୍ ଅମ୍ପାୟର ଅଫ୍ ଦି ଇୟର

ଲାଉସାନେ, ୧୮।୧୧ (ପି.ଟି.): ଭାରତର ରଘୁ ପ୍ରସାଦ ଯାଦବ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଦ୍ୱାରା ୨୦୨୫ ବର୍ଷର ଅମ୍ପାୟର ଅଫ୍ ଦି ଇୟର ଭାବେ ମନୋନୀତ ହୋଇଛନ୍ତି। ବୃତ୍ତିଗତ, ଉତ୍ସର୍ଗୀକୃତ ମନୋଭାବ ଏବଂ ଉତ୍କର୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ରଘୁପ୍ରସାଦ ୧୯୮ ଇଣ୍ଟରନ୍ୟାଶନାଲ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି। ମାଲେସିଆରେ ୨୦୨୫ ସୁଲ୍‌ତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ସେ ୨୦୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବାରେ ପ୍ରଥମ ଏସୀୟ ହେବାର ଐତିହାସିକ ମାଇଲଖୁଣ୍ଟ ହାସଲ କରିବେ। ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍, କମନୱେଲ୍‌ଥ ଗେମ୍ସ, ଜୁନିୟର ବିଶ୍ୱକପ୍ ସମେତ ଏସିଆନ ଟୁର୍ନାମେଣ୍ଟ ଯଥା ୩ ଏସିଆନ ଗେମ୍ସ ଏବଂ ଏକାଧିକ ଏସିଆ କପ୍ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫି ଭଳି ଟୁର୍ନାମେଣ୍ଟରେ ଅମ୍ପାୟରିଂ କରିଛନ୍ତି।

# ବାଳିକାଙ୍କୁ ରୌପ୍ୟ, ବାଳକଙ୍କୁ ବ୍ରୋଞ୍ଜ୍



ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

### ମଡର୍ନ ପାଇଥିଆନ ଗେମ୍ସ

ଭୁବନେଶ୍ୱର, ୧୮।୧୧(ଅନାଦି କର)

ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩ଦିନିଆ ମଡର୍ନ ପାଇଥିଆନ ଗେମ୍ସରେ ଓଡ଼ିଶା ବାଳିକା ଦଳ ରୌପ୍ୟ ଓ ବାଳକ ଦଳ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଉଭୟ ବିଜୟୀ ଦଳକୁ ଓଡ଼ିଶା ପିଟୁ ସଂଘର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ପ୍ରଶାନ୍ତ କୁମାର ରାଉଳ, ସୂର୍ଯ୍ୟପ୍ରକାଶ ପତି, ଜି. ରାମ କିଶୋର, ନାରାୟଣ ଜେନା, ଯଯାତି ଜେନା ଓ କୁଶ ନାୟକ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ବାଳିକା ଦଳରେ ମୋନାଲିସା କାଣ୍ଡି, ଏମ୍. ଅମରିତା, ଆଞ୍ଚୋଲ ମଲ୍ଲିକ, ଏସ୍. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୂପାଲି ଭଞ୍ଜ, ପ୍ରତୀକ୍ଷା ବଳ, କୋଚ୍ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ସ୍ଥାନ ପାଇଥିଲେ। ସେହିଭଳି ବାଳକ ଦଳରେ ସ୍ୱାଧୀନ ସାମଲ(ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ୍. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ବିନୋଦ କୁଦୁଲି, ବାଦଲ ଜେନା, ଭାସ୍କର ପାତ୍ର, ଶିନ୍‌ସୁ ଶେଖର ଦାସ, ରାହୁଲ ନାଥ ସ୍ଥାନ ପାଇଥିବା ବେଳେ କୋଚ୍ ଭାବେ ସତୀଶ୍ ଶର୍ମା ଓ ମ୍ୟାନେଜର ଭାବେ ସୁରେଶ କୁମାର ଭଞ୍ଜ ଦଳ ସହ ଯାତ୍ରା କରିଥିଲେ।

### ଏମ୍୧୫ ଭୁବନେଶ୍ୱର ଟେନିସ

# କବିର ଦ୍ୱିତୀୟ ରାଉଣ୍ଡରେ

ଭୁବନେଶ୍ୱର, ୧୮।୧୧ (ଅନାଦି କର): କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍ ଏମ୍୧୫ ଭୁବନେଶ୍ୱର ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳି କବିର ହଂସ ଓ ପ୍ରତ୍ୟୁଷ ମହାନ୍ତି ବିଜୟ ସହ ଟୁର୍ନାମେଣ୍ଟରେ ଆଗକୁ ବଢ଼ିଛନ୍ତି। ଅନ୍ୟପକ୍ଷରେ ନମ୍ବର ୱାନ୍ ସିଡ୍ ଶଶିକୁମାର ମୁକୁନ୍ଦ ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କବିର ୬-୧, ୩-୬, ୭-୫ ସେଟ୍‌ରେ ଷଷ୍ଠ ସିଡ୍ ଇଶାକ୍ ଇକ୍‌ବାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଶୀର୍ଷ ସିଡ୍ ମୁକୁନ୍ଦ ୬-୩, ୫-୭, ୩-୬ ସେଟ୍‌ରେ ଉଦ୍ୟମ କୋନୋଭଚୁକଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କ୍ୱାଲିଫାଇଙ୍ଗ ପର୍ଯ୍ୟାୟର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପ୍ରତ୍ୟୁଷ ୬-୪, ୬-୨ ସେଟ୍‌ରେ ଅନିକେତ ଭେଙ୍କଟରାମନଙ୍କୁ ହରାଇ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀ ୩-୬, ୨-୬ ସେଟ୍‌ରେ ଦିଗ୍‌ବିଜୟ ପ୍ରତାପସିଂ ଓ ଜଗମିତ ସିଂଙ୍କଠାରୁ, ପ୍ରତ୍ୟୁଷ ମହାନ୍ତି ଓ ଉଦ୍ୟମ କୋନୋଭଚୁକ୍ ୪-୬, ୨-୬ ସେଟ୍‌ରେ ଆଲେକ୍ସି ଆଲେଶ୍ଚେଭ ଓ ଆଡ୍ରିଆନ ଆର୍କନ୍‌ଙ୍କଠାରୁ ଏବଂ ଶଙ୍କର ହିସନାମ ଓ ଦେବାଶିଷ ସାହୁ ୩-୬, ୫-୭ ସେଟ୍‌ରେ ଅଭିନବ ସଞ୍ଜୀବ ଶନମୁଗମ ଓ ମନୀଷ ସୁରେଶ କୁମାରଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଓଡ଼ିଶା ଜିତିଲା ୩୯ ପଦକ



ପଦକ ସହିତ ଓଡ଼ିଶାର ପାରା ସୁଇମରମାନେ।

### ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୮।୧୧(ବିଜୟ ରଣା)

ହାଇଦ୍ରାବାଦରେ ଚାଲିଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍-୨୦୨୫ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶା ଦଳ ଏଥିରେ ମୋଟ୍ ୩୯ଟି(୮ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୧୩ ବ୍ରୋଞ୍ଜ) ପଦକ ହାସଲ କରିପାରିଛି। ଗତଥର ଓଡ଼ିଶା ୨୭ ପଦକ ପାଇଥିଲା। ଏଥିରେ ୧୮ଟି ରାଜ୍ୟର ମୋଟ୍ ୬୨୮ ସନ୍ତରଣକାରୀ ଭାଗ ନେଇଥିବା ବେଳେ ଓଡ଼ିଶାରୁ ୩୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କର୍ନାଟକ ଓଭର ଅଲ୍ ଚାମ୍ପିୟନ ହୋଇଛି। ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପୂର୍ବରୁ ଓଡ଼ିଶା ପାରା ସନ୍ତରଣକାରୀମାନେ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ କୋଚ୍ ସୁନିତା ବହିଦାରଙ୍କ ଅଧୀନରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏଚ୍‌ପିସି ସୁଇମିଂ ପୁଲ୍‌ରେ ୧୫ ଦିନ ଧରି ବ୍ୟାପକ ଟ୍ରେନିଂ ନେଇଥିଲେ।

# ୱାର୍ଲ୍ଡ ବକ୍ସିଂ କପ୍: ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ ପ୍ରୀତି

ଗ୍ରେଟରନଏଡ଼ା, ୧୮।୧୧(ପି.ଟି.)

ଭାରତର ଉଦୀୟମାନ ବକ୍ସର ପ୍ରୀତି ପନ୍‌ୱାର (୫୪ କେଜି) ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ କପ୍ ଫାଇନାଲ୍ସରେ ଅଲିମ୍ପିକ ପଦକ ବିଜେତା ତଥା ୩ଥର ବିଶ୍ୱ ଚାମ୍ପିୟନ ଚାଇନିଜ୍ ତାଇପେର ହୁଆଙ୍ଗ ସିଆଓ ୱେନ୍‌ଙ୍କୁ ୪-୦ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଅରୁନ୍ଧତୀ ଚୌଧାରୀ ଓ ପରବିନ୍ ହୁଦା ସ୍ୱର୍ଣ୍ଣ ପଦକ ବାଉଟ୍‌ରେ ପ୍ରବେଶକରି ସଫଳତାର ସହ ସେମାନଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ମୀନାକ୍ଷୀ ହୁଦା(୪୮ କେଜି), ନୂପୁର (+୮୦କେଜି), ଅଭିନାଶ ଜାମୱାଲ(୬୫କେଜି) ଓ ନରେନ୍ଦର ବରୱାଲ (+୯୦କେଜି) ପ୍ରମୁଖ ସେମାନଙ୍କ ଓଜନ କାଟେଗୋରିରେ ଫାଇନାଲକୁ ଉନ୍ନୀତ ହୋଇଛନ୍ତି।

# ଆଶୁତୋଷ ପାଢ଼ୀଙ୍କୁ ଟାଇଟଲ

### ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର

ଭୁବନେଶ୍ୱର, ୧୮।୧୧(ଅନାଦି କର)

ପଟିଆସ୍ଥିତ ୬ ପକେଟ୍ସ କ୍ଲବ୍‌ରେ ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା(ବିଏସ୍‌ଏଓ) ପକ୍ଷରୁ ଆୟୋଜିତ ୩୧ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ତାଙ୍କ ମେଣ୍ଟର ସୁବ୍ରତ ଦାସଙ୍କୁ ୪-୧(୧୫୨-୭୬, ୧୫୧-୬୯, ୧୫୦-୮୨, ୬୮-୧୫୧, ୧୫୦-୪୮) ଫ୍ରେମ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ଏହା ତାଙ୍କର ଷଷ୍ଠ ରାଜ୍ୟ ସିନିୟର ବିଲିୟାର୍ଡ ଟାଇଟଲ।





# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫

Twinsity- କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Grand Bazar" ସମ୍ମୁଖରେ NH ସମ୍ମୁଖର ୧କି.ମି. ଦୂରତାରେ Rev. Road ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- 9438362273. D-12

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575




Full body massage by odia therapist in homely atmosphere. 9078618337. D-2596

All type of physiotherapy, contact Number- 9 5 5 6 9 2 4 0 5 9 / 765696134, Jharapada. D-1603

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, Dated- 24.09.2025, I, Jaga Nayak, Address At- Panaspurpatana, P.O./P.S.- Tangi, Dist.- Khordha, Odisha, 752023, declare that I have changed the name of my son from Ajit Kumar Nayak to Arman Omm Prakash Nayak. Henceforth, he shall be known as Arman Omm Prakash Nayak for all purposes.
Jaga Nayak
D-2599

I, Shivdutta Mohapatra, S/o.- Arabinda Mohapatra Resident of B2/101, Shreekhetra Residency, Shankarpur, Aiginia, PIN- 751019, Odisha declare by this affidavit No.- 71, Dtd.- 18.11.2025 that now onwards I shall be known as Shivadutta Mohapatra for all future purposes.
D-213

By virtue of an affidavit sworn before the Executive Magistrate, MAHANGA, Dated- 29.03.25, I, PRAVANJAN BEHERA, Address AT- UTTARASAHI- 1, P.O.- MULABASANTA MAHANGA, CUTTACK, ODISHA declare that I have changed my name from PRAVANJAN MALIK to PRAVANJAN BEHERA. Henceforth, I shall be known as PRAVANJAN BEHERA for all purposes.
PRAVANJAN BEHERA
D-2600

By virtue of an affidavit sworn before the Executive Magistrate, Kujang on Dated- 10.11.2025 vide affidavit No.- 2606, I, Binapani Dei, W/o. Late Bimbadhar Das, Village- Samjori, P.O.- M. G. Khamar, P.S.- Marshaghai, Dist.- Kendrapara, Odisha that my former name Binapani Dei Das changed to Binapani Dei. I declare that Binapani Dei Das and Binapani Dei is one and same person for all future purposes. D-1602

By virtue of an affidavit sworn before Executive Magistrate, Bhubaneswar on affidavit Dtd.- 16.10.2025, I, Nazmul Hasan Iqbal resident of At- LIG-195, Brit Colony, Nayapalli, P.O./P.S.- Nayapalli, Bhubaneswar, Dist.- Khordha, PIN- 751012, Odisha declare that I have changed the name of the son from Sk. Shuaib Iqbal to Shaikh Shuaib Iqbal. Henceforth, he shall be known as Shaikh Shuaib Iqbal for all purpose.
Nazmul Hasan Iqbal
D-2601

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶରତ କୁମାର ସାହୁ
ସ୍ଥାନ - ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ- ୧୯।୧୧।୧୯୬୬
ତିରୋଧାନ -୦୯।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ତାଙ୍କର ଆଦର୍ଶ,କର୍ତ୍ତବ୍ୟବୋଧ, ସ୍ନେହ,ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
:ଶୋକସନ୍ତପ୍ତ:
ପତ୍ନୀ- ପୁଷ୍ପାଞ୍ଜଳି ସାହୁ, ଭାଇଁ- ଆଲୋକ, ପ୍ରଣବ, ପୁତ୍ର- ସତ୍ୟପ୍ରିୟ, ଆଶୁତୋଷ, ଜୟଦେବ, ଅଭିଜିତ, ସୌମ୍ୟଜିତ, ଝିଅ- ସନ୍ଧ୍ୟା, ସମିଧା, ମଧୁସ୍ମିତା, ସୁଚିସ୍ମିତା, ଭାଇ - ରଞ୍ଜନ,ହୃଷୀକେଶ,ବ୍ରହ୍ମାନନ୍ଦ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୫୯୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଫ୍ୟାମିଲି ଜଜ୍‌ଙ୍କ ଅଦାଲତ, ପୁରୀ
ସି.ପି.ନଂ- ୨୭୦/୨୦୨୨
ନୋଟିସ୍

ରୀନା ପଣ୍ଡା, ବ୪୬ର୍ଷ, ସ୍ୱାମୀ: ଲୋକନାଥ ଦାଶ, ସାକିନ୍: ମାଟିମଣ୍ଡପ ସାହି, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।
........ଆବେଦନକାରୀ
ବନାମ
ଲୋକନାଥ ଦାଶ, ବ୫୫ର୍ଷ, ପିତା- ୰ଜଗନ୍ନାଥ ଦାଶ, ମାର୍ଫତ: ତୁଳସୀ ପ୍ରସାଦ ପ୍ରହରାଜ, (ମାଙ୍ଗା) ସାକିନ୍: ମାଟିମଣ୍ଡପ ସାହି, ଝାଡ଼େଶ୍ୱରୀ ଲେନ୍, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାଁନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଉଅଛି କି, ପ୍ରତିବାଦୀ ଆଜଦିନ ତା ୧୭।୧୨।୨୫ରିଖେ, ପୂର୍ବାହ୍ନ ୧୦.୩୦ ଘଟିକାରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୪।୧୧।୨୫ ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
ଧ-୨୫୯୭

## ଫୁଲ ଚାଷ



**ଗୋ**ଲାପ ଫୁଲଗଛର ପୁରୁଣା ଡାଳ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ୍, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବ୍ଲ୍ୟୁ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡଶିପ୍, ଫ୍ରେଣ୍ଡଶିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ନୋଭାଲକ୍ସ, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲସମ୍, ଅର୍ଚ୍ଚନା, ବିନ୍ଦିଆ, ଧନ୍ୱନ୍ତରୀ, ଦର୍ଶନ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ପ୍ରାଣୀଙ୍କୁ ବଜବଜିଆ ରୋଗ



ଡା. ବୀରକିଶୋର ପରିଡ଼ା

**ପ୍ରା**ଣୀଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ପ୍ରାଥମିକ ଅବସ୍ଥାରେ ଏଗୁଡ଼ିକର ଠିକ୍ ଭାବରେ ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏଥିଯୋଗୁ ଆକ୍ରାନ୍ତ ପ୍ରାଣୀମାନେ ଅକାଳ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ତନ୍ମଧ୍ୟରୁ ବଜବଜିଆ ରୋଗ ଅନ୍ୟତମ। ଏହାକୁ ମଧ୍ୟ ଚଟୁଆ ଫୁଲା ଏବଂ ଗ୍ୟାସ୍ ଗାଙ୍ଗ୍ରିନ୍ ଆଦି କୁହାଯାଏ।

**କାରଣ**

ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା – କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ।

**କେଉଁମାନଙ୍କୁ ହୁଏ**

ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରୀମାନଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରୀ ୬ମାସରୁ ୨ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାନ୍ତି । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବାର ଦେଖିବାକୁ ମଳେ। ମେଣ୍ଢାମାନଙ୍କୁ ମଧ୍ୟ ଏହି ରୋଗ କ୍ୱଚିତ ହେବାର ଦେଖାଯାଏ ।

**ରୋଗ ବ୍ୟାପିବାର କାରଣ**

ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତକରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି ।

**ରୋଗ ସୃଷ୍ଟି ହୁଏ କିପରି**

ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିକୁ ବା ଗୋଚରରୁ ଯେକୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲାପରେ ପେଟ ଭିତରକୁ ଯାଏ। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ଥିବା ମାଂସପେଶୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ। ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଏହି ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣକରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ । ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟିକରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି। ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳରଙ୍ଗ ପରି) ସୃଷ୍ଟି କରିଥାନ୍ତି, ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧି ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି । ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି। ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗାକରି ଏକ ଶୂନ୍ୟସ୍ଥାନ ସୃଷ୍ଟିକରାନ୍ତି । ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ। ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟ ସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି ।

**ଲକ୍ଷଣ**

ଜୀବାଣୁ ପ୍ରବେଶ କରିବାର ୧–୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ କରିଥାନ୍ତି। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ବାଛୁରୀ ମୃତ୍ୟୁବରଣ କରନ୍ତି । ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ପାଏ। ବାଛୁରୀଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ବା କାନ୍ଧ ଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବ୍ ଶ୍ରୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଶୀ ସ୍ଥାନରେ ଗ୍ୟାସ୍ ଥିବା ଯୋଗୁ ଆଙ୍ଗୁଳିରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ । ପଛଗୋଡ଼ ଛୋଟାଏ । ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରୀ ଛିଡ଼ା ହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି । ବାଛୁରୀ ଥରିବା ସହିତ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନଘନ ସଙ୍କୋଚନ–ପ୍ରସାରଣ ଘଟିଥାଏ । ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣାଦାୟକ ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ। ମାଂସପେଶୀର ମଝି ଅଂଶ ଶୁଷ୍କ ଲାଲ ଓ ମୃତ ଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସ୍‌ର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

"ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା - କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ ।"



**ଚିହ୍ନଟ ପ୍ରଣାଳୀ**

➤ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତ ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଆଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବ୍‌ଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି।

➤ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ୍‌ରେ ସ୍ମିଅର ନେଇ ଗ୍ରାମ୍‌ଷ୍ଟେନ୍ କଲାପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନିବା।

➤ସଂକ୍ରମିତ ମାଂସପେଶୀର ଅଂଶବିଶେଷକୁ ଗିନିପିଗ୍ ଶରୀରର ମାଂସରେ ଇଞ୍ଜେକସନ୍ ଦେଲେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବ ଏବଂ ମୃତ୍ୟୁ ପରେ ଯକୃତରୁ ସ୍ମିଅର ନେଇ ପରୀକ୍ଷା କରିବା।

➤ପ୍ରାଣୀର ମୃତ୍ୟୁ ହେଲା ପରେ ହୃତ୍‌ପିଣ୍ଡର ରକ୍ତ, ଯକୃତ ଓ ପ୍ଲିହାରୁ ମଧ୍ୟ ଜୀବାଣୁକୁ ଖାଦ୍ୟ ମିଡିଆ ସାହାଯ୍ୟରେ ସଂଖ୍ୟା ବୃଦ୍ଧିକରି ଜୀବାଣୁ ଚିହ୍ନଟ ଉପାୟ ସ୍ଥିର କରାଯାଏ। (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ

### ବାଇଗଣ



**ବାଇଗଣ**ଫସଲରେ କାଣ୍ଡବିନ୍ଧା/ଫଳବିନ୍ଧା ପୋକ ଲାଗିଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

### ଫୁଲକୋବି



**ଫୁଲକୋବି** ଫସଲରେ ଶଁବାଳୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରୋ ପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

### ଲଙ୍କା



**ଲଙ୍କା** ଫସଲରେ ଉଙ୍କୁଣିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

## ଅନ୍ୟରେ...



➤ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।



➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

# ପିଆଜ ତଳି ରୋଇବା ସମୟରେ...



**ପି**ଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରୀପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷାକରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ ।

## ଗହମ ବୁଣିବା ପୂର୍ବରୁ...



**ସା**ଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ତୃତୀୟ ସପ୍ତାହ ପୂର୍ବରୁ ଗହମ ବୁଣିବା କାମ ଶେଷ କରନ୍ତୁ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଡାଲି ଜାତୀୟ ଫସଲ ଚାଷ

**ମା**ଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ:** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପିୟୁ–୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪,ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍‌ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।



ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୯/୨୦୨୫ Bhubaneswar, Wednesday, November 19/ 2025

# ଓଡ଼ିଶାର ବିଜୟ ସମ୍ଭାବନା

**ଭୁବନେଶ୍ୱର, ୧୮।୧୧ (ଅନାଦି କର)**

କିଟ୍ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶାର ବିଜୟ ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଇନିଂସ୍‌ରେ ୧୧୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ସେମାନଙ୍କ ମାରାଥନ ୨୬୧ ରନ୍‌ର ଦ୍ୱିଶତକୀୟ ପାର୍ଟନରଶିପ୍ ବଳରେ ୩୫୦/୫ ସ୍କୋର୍‌ରେ ପାଳି ଘୋଷଣା କରିଛି। ଫଳରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ୍ ଛିଡ଼ା ହୋଇଛି। ଜବାବରେ ନାଗାଲାଣ୍ଡ ତୃତୀୟ ଦିନ ଶେଷସୁଦ୍ଧା ୧ ଉଇକେଟରେ ୪୧ ରନ୍ କରିଛି। ଦଳକୁ ଜିତିବା ପାଇଁ ୪୨୪ ରନ୍‌ର ଦରକାର ଥିବା ବେଳେ ଚଳିତ ସିଜନରେ ପ୍ରଥମ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶା ୯ ଉଇକେଟ ଆବଶ୍ୟକ କରୁଛି।

ଘରୋଇ ଦଳ ଓଡ଼ିଶା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ସ୍ୱସ୍ତିକ୍ ଓ ଅଧିନାୟକ ଶୁଭ୍ରାଂଶୁ ପ୍ରଥମ ଦୁଇ ସେସନରେ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟ ଲାଗି ୨୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ୫୯ତମ ଓଭରରେ ସ୍ୱସ୍ତିକ୍ ତୃତୀୟ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୯୫ ବଲ୍‌ରେ ୧୧ ଚୌକା ଓ ୬ ଛକା ସହିତ ୧୬୯ ରନ୍‌ର ପାଳି ଖେଳିଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଶତକ ଓ ତାଙ୍କ କ୍ୟାରିୟରର ସର୍ବାଧିକ ସ୍କୋର। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ଗୋବିନ୍ଦ ପୋଦ୍ଦାର (୧୨) ବିଫଳ ହୋଇଥିଲେ। ସମ୍ବିତ୍ ବରାଳଙ୍କ ସହ ମିଶି ଶୁଭ୍ରାଂଶୁ ଦଳୀୟ ସ୍କୋର୍‌କୁ ୩୫୦ରେ ପହଞ୍ଚାଇଥିଲେ। ଶୁଭ୍ରାଂଶୁ ୧୬୮ ବଲ୍‌ରେ ୧୩୭ ରନ୍‌କରି ପଞ୍ଚମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟରର ଅଷ୍ଟମ ଓ ଚଳିତ ସିଜନରେ ପ୍ରଥମ ଶତକ। ତାଙ୍କ ଉଇକେଟ ପଡ଼ିବା ସହ ଓଡ଼ିଶା ଦଳ ପାଳି ସମାପ୍ତି ଘୋଷଣା କରିଥିଲା। ସମ୍ବିତ୍ ୧୯ ରନ୍‌କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଭିନୋ ଝିମୋମି ଓ ଅଧିନାୟକ ଜୋନାଥାନ ଆର୍ ୨ ଲେଖାଏ ଉଇକେଟ ନେଇଥିଲେ। ଏହାପରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ ନେଇ ଓହ୍ଲାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ତୃତୀୟ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂକରି ୧୮ ଓଭରରେ ୧ ଉଇକେଟ ହରାଇ ୪୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଦେଗା ନିଶ୍ଚଳ ୧୭ ଓ ହେମ ଛେତ୍ରୀ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ବାଦଲ ବିଶ୍ୱାଳ ଏକମାତ୍ର ଉଇକେଟ ନେଇଛନ୍ତି।


ସ୍ୱସ୍ତିକ୍ ସାମଲ


ଶୁଭ୍ରାଂଶୁ ସେନାପତି

## ରଣଜୀ ଟ୍ରଫି
## ସ୍ୱସ୍ତିକ୍, ଶୁଭ୍ରାଂଶୁଙ୍କ ଶତକ

### ସଂକ୍ଷିପ୍ତ ସ୍କୋର

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ୍। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ୍। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା) (ସ୍ୱସ୍ତିକ୍‌ସାମଲ-୧୬୯, ଶୁଭ୍ରାଂଶୁ ସେନାପତି-୧୩୭, ଭିନୋ ଝିମୋମି-୨/୭୯, ଜୋନାଥନ ଆର୍-୨/୧୦୮)।। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୪୧/୧(ଦେଗା ନିଶ୍ଚଳ-୧୭*, ହେମ ଛେତ୍ରୀ-୨୦*, ବାଦଲ ବିଶ୍ୱାଳ-୧/୧୫)।

## ମହିଳା କ୍ରିକେଟ୍
## ଭାରତ-ବାଂଲାଦେଶ ହ୍ୱାଇଟ୍ ବଲ୍ ସିରିଜ୍ ସ୍ଥଗିତ

**ନୂଆଦିଲ୍ଲୀ, ୧୮।୧୧(ପି.ଟି.)**

ଆସନ୍ତା ମାସରେ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଭାରତ ଖେଳିବାକୁଥିବା ହ୍ୱାଇଟ୍ ବଲ ସିରିଜ୍‌କୁ ସ୍ଥଗିତ ରଖାଯାଇଛି। ଏହି ସମୟରେ ଅନ୍ୟ ଏକ ସିରିଜ୍ ଆୟୋଜନ ପାଇଁ ଯୋଜନା ଚାଲିଛି। ସୂଚନାଯୋଗ୍ୟ, ଆଇସିସି ଫ୍ୟୁଚର ଟୁର୍ସ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବାଂଲାଦେଶ ବିପକ୍ଷରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ କୋଲକାତା ଓ କଟକରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ତ୍ତମାନ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାମୂଳକ କୂଟନୈତିକ ସମ୍ପର୍କ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୋମବାର ବାଂଲାଦେଶର ଏକ ଟ୍ରିବ୍ୟୁନାଲ କୋର୍ଟ ମାନବ ବିରୋଧୀ ଅପରାଧ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛି। ଏହାକୁ ନେଇ ସେ ଦେଶର ବିଭିନ୍ନ ସ୍ଥାନରେ ହିଂସା ଦେଖାଦେଇଛି। ହାସିନା ବର୍ତ୍ତମାନ ଭାରତରେ ରାଜନୈତିକ ଶରଣ ନେଇଛନ୍ତି। ଢାକାରେ ଅବସ୍ଥାପିତ କାମଚଳା ସରକାର ହାସିନାଙ୍କ ହସ୍ତାନ୍ତର ପାଇଁ ଅନୁରୋଧ କରିଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଇତିମଧ୍ୟରେ ସିରିଜ ବାତିଲ ସମ୍ପର୍କରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏକ ଚିଠି ପାଇଛି।






VML.5840.2025ODI

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ